୬ ଫିଫା ବିଶ୍ୱକପ୍ : ୨-୧ ଗୋଲରେ ଜର୍ମାନୀକୁ ପରାସ୍ତ କଲା ଇକ୍ୱେଡର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
E-mail : sambadkalikanews@gmail.com
● ବର୍ଷ-୩୩ ● ସଂଖ୍ୟା-୧୪୭ ● ୨୭ ଜୁନ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-147 ● 27th June 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ସ୍କୁଲ ବହି ତ୍ରୁଟି : ମୁଖ୍ୟମନ୍ତ୍ରୀଙ୍କ ବଡ କାର୍ଯ୍ୟାନୁଷ୍ଠାନ

# ୪ ଅଧିକାରୀ ନିଲମ୍ବିତ, ୬ ଜଣଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୬।୬
ନ୍ୟୁଜ୍ ବ୍ୟୁରୋ

ସ୍କୁଲ ବହି ତ୍ରୁଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିଶ ଆଧାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହି ଘଟଣାରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସହିତ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ, ଓ ଭାରତୀ ଟୁଡୁଙ୍କୁ ନିଲମ୍ବିତ କରାଯାଇଛି।

ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା ।





**କମିଟିର ୧୪ ସୁପାରିସ କାର୍ଯ୍ୟକାରୀ ହେବ**

ରାଜ୍ୟ ସରକାର ତ୍ରୁଟି ସୁଧାରିବାକୁ କମିଟିର ୧୪ ସୁପାରିସ କାର୍ଯ୍ୟକାରୀ କରିବେ।

ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୨ କୋଟି ୭୩ ଲକ୍ଷ ୮୨ ହଜାର ୫୦ ପାଠ୍ୟପୁସ୍ତକ ଆବଶ୍ୟକ ଥିଲା। ଗଞ୍ଜାମଜିଲ୍ଲା ପାଇଁ ସର୍ବାଧିକ ୨୧ ଲକ୍ଷ ୨୩ ହଜାର ୫୫୦, ମୟୂରଭଞ୍ଜ ପାଇଁ ୧୮ ଲକ୍ଷ ୪୧ ହଜାର ୬୦୦, ବାଲେଶ୍ୱର ପାଇଁ ୧୫ ଲକ୍ଷ ୫୫ ହଜାର ୯୦୦, କେନ୍ଦୁଝର ପାଇଁ ୧୩ ଲକ୍ଷ ୫୫ ହଜାର ୬୦, କଟକ ପାଇଁ ୧୨ ଲକ୍ଷ ୪୮ ହଜାର ୫୦୦, ଯାଜପୁର ପାଇଁ ୧୨ ଲକ୍ଷ ୨୮ ହଜାର ୭୫୦ ପାଠ୍ୟପୁସ୍ତକ ଯୋଗାଣ କରିବାକୁ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ୨୦୨୫ ସେପଟ୍ୱେମ୍ବର ମାସରେ ଏସସିଇଆରଟି ପକ୍ଷରୁ ଜାତୀୟ ଶିକ୍ଷା ନୀତି (ଏନ୍ଇପି) ଆଧାରରେ ପୁସ୍ତକ ପ୍ରସ୍ତୁତି ଚାଲିଥିଲା। ନିୟମିତ ବ୍ୟବଧାନରେ ବିଭିନ୍ନ କମିଟିର ବୈଠକ ବସିବା ସହ ମାର୍ଚ୍ଚ ୩୧ ସୁଦ୍ଧା ବିଦ୍ୟାଳୟସ୍ତରରେ କିଭଳି ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା।

# ଦେବସ୍ନାନ ପୂର୍ଣ୍ଣିମା ପାଇଁ କଡା ସୁରକ୍ଷା ବ୍ୟବସ୍ଥା

## ସମୀକ୍ଷା କଲେ ଆଇଜିପି, ସେଣ୍ଟ୍ରାଲ ରେଞ୍ଜ

ପୁରୀ, ୨୬।୬ : ନ୍ୟୁଜ୍ ବ୍ୟୁରୋ

ଜୁନ୍ ୨୯ରେ ପାଳିତ ହେବାକୁ ଥିବା ପବିତ୍ର "ଦେବସ୍ନାନ ପୂର୍ଣ୍ଣିମା" ଅବସରରେ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁଚାରୁ ଟ୍ରାଫିକ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ଡଃ ସତ୍ୟଜିତ ନାୟକ, ଆଇପିଏସ୍, ପୋଲିସ ମହାନିରୀକ୍ଷକ (ଆଇଜିପି), ସେଣ୍ଟ୍ରାଲ ରେଞ୍ଜ, ଓଡ଼ିଶା ଏବଂ ପ୍ରତୀକ ସିଂହ, ଆଇପିଏସ୍, ପୁରୀ ଜିଲ୍ଲା ପୋଲିସ ଅଧୀକ୍ଷକ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ପୁରୀ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ସହାୟତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ଷେତ୍ରସ୍ତରରେ ନିୟୋଜିତ ପୋଲିସ ବାହିନୀର ପ୍ରସ୍ତୁତିର ମଧ୍ୟ ସମୀକ୍ଷା କରାଯାଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସର୍ବୋଚ୍ଚ ସତର୍କତା ଏବଂ ତତ୍ପରତାର ସହିତ କାର୍ଯ୍ୟ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ୩ରୁ ୪ ଲକ୍ଷ



ଭକ୍ତ ଓ ଶ୍ରଦ୍ଧାଳୁ ପୁରୀ ଆସି ଚତୁର୍ଦ୍ଧା ମୂର୍ତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପବିତ୍ର ସ୍ନାନଯାତ୍ରା ଦର୍ଶନ କରିବେ ବୋଲି ଆକଳନ କରାଯାଇଛି।

ଶ୍ରଦ୍ଧାଳୁମାନଙ୍କ ପାଇଁ ନିରାପଦ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଦର୍ଶନ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ୨୮ ଜୁନ ରାତ୍ରିଠାରୁ ପୋଲିସ ପକ୍ଷରୁ ଚବିଶ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୪ ଜଣ କମାଣ୍ଡାଣ୍ଟ/ଏସ୍‌ପି ପାହ୍ୟାର ଅଧିକାରୀ, ୧୪ ଜଣ ଅତିରିକ୍ତ ଏସ୍‌ପି/ଡେପୁଟି କମାଣ୍ଡାଣ୍ଟ, ୩୧ ଜଣ ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮୩ ଜଣ ଇନ୍ସପେକ୍ଟର/ସବ୍-ଇନ୍ସପେକ୍ଟର, ୩୪୦ ଜଣ ଏସ୍‌ଆଇ/ଏଏସ୍‌ଆଇ ଏବଂ ୭୯ ପ୍ଲାଟୁନ ପୋଲିସ ବାହିନୀ ସହ ବିଭିନ୍ନ ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍ ନିୟୋଜିତ ହେବେ।

ଏହି ସୁରକ୍ଷା ବ୍ୟବସ୍ଥା ଏକ ୬ ଦଫା କାର୍ଯ୍ୟଯୋଜନା ଉପରେ ଆଧାରିତ, ଯେଉଁଥିରେ ସାମିଲ ରହିଛି। (ପୃଷ୍ଠା ୭ରେ)

## ବାଇକ୍ ଦୁର୍ଘଟଣାରେ ୩ ମୃତ

ରାଇରଙ୍ଗପୁର, ୨୬।୬
ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜଜିଲ୍ଲା ଗୋରୁମହିଷାଣୀ ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତିନିଜଣ ଶ୍ରମିକଙ୍କ ଜୀବନ ଯାଇଛି। ତିନି ଜଣ ଟେଣ୍ଟ କାର୍ଯ୍ୟ କରିବା ପାଇଁ ପାହାଡ଼ ଉପରେ ଥିବା ଏକ ଗାଁକୁ ଯାଇ ଫେରୁଥିଲେ।

ସୂଚନା ଅନୁଯାୟୀ, ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗୋରଡ଼ାପାଣି ଗ୍ରାମକୁ ତିନି ଜଣ ଶ୍ରମିକ ଏକ ବିବାହ ଉତ୍ସବରେ ଟେଣ୍ଟ କାର୍ଯ୍ୟ କରିବା ପାଇଁ ଗୁରୁବାର ପୂର୍ବାହ୍ନରେ ଯାଇଥିଲେ। ସେଠାରୁ ରାତିରେ ପାହାଡ଼ ଉପରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ତିନି (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭେନେଜୁଏଲା ଭୂମିକମ୍ପ: ଭାରତ ସାହାଯ୍ୟ ପ୍ରଦାନ କଲା, 'ଅପରେସନ୍ ଆମିଷ୍ଟାଡ୍' ଅଧୀନରେ ରିଲିଫ୍ ସାମଗ୍ରୀ ସହିତ ଦୁଇଟି ବାୟୁସେନା ବିମାନ କଲା ପ୍ରସ୍ଥାନ।
- ୩୨୦୬ ଠକେଇ ମାମଲାରେ ସମ୍ପୃକ୍ତ ଆନ୍ତଃରାଜ୍ୟ ଗ୍ୟାଙ୍ଗର ପର୍ଦ୍ଦାଫାସ କଲା ମୁମ୍ବାଇ ସାଇବର ପୋଲିସ।
- ଛତିଶଗଡ଼ର ନାରାୟଣପୁରରେ ଥିବା ନକ୍ସଲ ଶିବିରରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ, ୨୪ ଲକ୍ଷ ଟଙ୍କା ଜବତ।

## ସୁନା ଦର

୨୪ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୪,୨୭୫ (+୧୪୨)
୨୨ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୩, ୦୮୫ (+୧୩୦)
୧୮ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୦,୭୦୬ (+୧୦୬)

## ରୁପା ଦର

ରୂପା - ପ୍ରତି ଗ୍ରାମ ୨୪୦ (+୫)

## 'ଅପରେସନ୍ ସିନ୍ଦୂର'

# ସହିଦ ହୋଇଥିବା ୬ ଭାରତୀୟ ଯବାନଙ୍କ ନାମ ସାର୍ବଜନୀନ କଲେ ସରକାର

ନୂଆଦିଲ୍ଲୀ, ୨୬।୬

ପାକିସ୍ତାନ ଓ ପିଓକେରେ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଗତ ବର୍ଷ ମେ' ମାସରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ସୀମାପାର ସାମରିକ ଅଭିଯାନ 'ଅପରେସନ୍ ସିନ୍ଦୂର'କୁ ନେଇ କେନ୍ଦ୍ର ସରକାର ଏକ ବଡ଼ ତଥ୍ୟ ସାମ୍ନାକୁ ଆଣିଛନ୍ତି। ଏହି ଅପରେସନ୍ ସମୟରେ ବୀରତ୍ୱର ସହ ଲଢ଼ି ଶହୀଦ ହୋଇଥିବା ୬ ଜଣ ଭାରତୀୟ ସେନା ଯବାନଙ୍କ ନାମ ସରକାର ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଭାବେ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଏହି ବୀର ସହିଦମାନଙ୍କ ନାମ ଜାତୀୟ ଯୁଦ୍ଧ ସ୍ମାରକୀର ୱେବସାଇଟର 'ରୋଲ୍ ଅଫ୍ ଅର୍ନ' ବିଭାଗରେ ପ୍ରକାଶିତ ହେବା ସହ ନୂଆଦିଲ୍ଲୀସ୍ଥିତ ଯୁଦ୍ଧ ସ୍ମାରକୀର ପ୍ରାଚୀରରେ ମଧ୍ୟ ଖୋଦିତ କରାଯାଇଛି। ଏହି ସାମରିକ ଅଭିଯାନରେ ଭାରତୀୟ ସଶସ୍ତ୍ର ବାହିନୀର ଯବାନ ସହିଦ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ଏହା ହେଉଛି ପ୍ରଥମ ଆନୁଷ୍ଠାନିକ ତଥା ସାର୍ବଜନୀନ ସ୍ୱୀକୃତି।



ଦେଶ ମାତୃକାର ସେବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ବୀର ସହିଦମାନଙ୍କ ମଧ୍ୟରେ ହେଡକ୍ୱାର୍ଟର୍ସ ୧୦ ଇନଫାଣ୍ଟ୍ରି ବ୍ରିଗେଡର ସୁବେଦାର ମେଜର ପବନ କୁମାର, ୪ ଜମ୍ମୁ ଏବଂ କଶ୍ମୀର ଲାଇଟ୍ ଇନଫାଣ୍ଟ୍ରିର ରାଇଫଲମ୍ୟାନ୍ ସୁନୀଲ କୁମାର (ବୀର ଚକ୍ର), ୫ ଫିଲ୍ଡ ରେଜିମେଣ୍ଟର ଲାନ୍ସ ନାୟକ ଦିନେଶ କୁମାର, ୮୫୧ ଲାଇଟ୍ ରେଜିମେଣ୍ଟର ଆଡିଏସନ୍ ଟେକ୍ନିସିଆନ୍ ମୁଡ୍ ମୁରଲୀ ନାୟକ, ୨୩୭ ଫିଲ୍ଡ ୱାର୍କସପ୍ କମ୍ପାନୀର ହାଭିଲଦାର ସୁନୀଲ କୁମାର ସିଂ ଏବଂ ୩୯ ୱିଙ୍ଗର ସର୍ଜେଣ୍ଟ ସୁରେନ୍ଦ୍ର କୁମାର (ବାୟୁ ସେନା ପଦକ) ସାମିଲ ଅଛନ୍ତି। ଦେଶ ପାଇଁ ପ୍ରାଣବଳି ଦେଇଥିବା ସାମରିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ସ୍ମାରକୀର ୨୦୨୫ ବିଭାଗର 'ୱାଲ୍ ୩ଡି'ରେ ଏହି ନାମଗୁଡ଼ିକୁ ସ୍ଥାନ ଦିଆଯାଇଛି।

ପ୍ରକାଶିତ ଏହି ତାଲିକାରୁ ସ୍ପଷ୍ଟ ଜଣାପଡୁଛି ଯେ 'ଅପରେସନ୍ ସିନ୍ଦୂର'ରେ ସ୍ଥଳସେନା ଓ ଭାରତୀୟ ବାୟୁସେନା ଉଭୟ ବିଭାଗର ଯବାନମାନେ ସାମିଲ ଥିଲେ, ଯାହା ଏହି ସାମରିକ ଅଭିଯାନର ମିଳିତ ଏବଂ ସମନ୍ୱିତ ରଣନୀତିକୁ ଦର୍ଶାଉଛି। ସମ୍ମାନିତ ବୀରମାନଙ୍କ ମଧ୍ୟରେ (ପୃଷ୍ଠା ୭ରେ)

## ସିଆଇଆଇ ଇଷ୍ଟର୍ଣ୍ଣ ରିଜିଓନାଲ କାଉନ୍‌ସିଲ ସମ୍ମିଳନୀ

# ବଲାଙ୍ଗୀର, କଳାହାଣ୍ଡି ସହ ୧୫ ଜିଲ୍ଲାକୁ ମିଳିଲା 'ଥ୍ରଷ୍ଟ ସେକ୍ଟର ମାନ୍ୟତା

ଭୁବନେଶ୍ୱର, ୨୬।୬
ନ୍ୟୁଜ୍ ବ୍ୟୁରୋ

ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଛନ୍ତି।

ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ' ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଗୋ ଇଷ୍ଟ'ର ଅର୍ଥ ହେଉଛି 'ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା - ଇଷ୍ଟର୍ଣ୍ଣ ଇନଭେଷ୍ଟମେଣ୍ଟ ଆକ୍ସିଲେଟର ଆଣ୍ଡ ସ୍ପେଶାଲ ଟାସ୍କ ଫୋର୍ସ '।

ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ। ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଏକ ବ୍ୟାପକ ସ୍ତରରେ ପହଞ୍ଚିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି।





ଏହି ସ୍ୱତନ୍ତ୍ର 'ଗୋ ଇଷ୍ଟ' ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ ' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପଦକ୍ଷେପ ଫଳରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲା (ପୃଷ୍ଠା ୭ରେ)

## କୋଲକାତା ଗୋଦାମଘର ଭୁଶୁଡ଼ିବା ମାମଲାରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି

କୋଲକାତା, ୨୬।୬

କୋଲକାତା ଗୋଦାମ ଘର ଭୁଶୁଡ଼ିବା ମାମଲାରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଉଦ୍ଧାରକାରୀ ଦଳ ଶୁକ୍ରବାର ଭଗ୍ନାବଶେଷ ତଳୁ ଆଉ ୨ଟି ମର ଶରୀର ଉଦ୍ଧାର କରିଛନ୍ତି ଏବଂ ଅନ୍ୟ ୨ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ୍‌ରେ ମୃତ୍ୟୁ ହୋଇଯାଇଛି। ସେନା, କୋଲକାତା ପୁଲିସ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀର ସଦସ୍ୟମାନେ ଶୁକ୍ରବାର ସକାଳେ ଭଗ୍ନାବଶେଷ ତଳେ ସର୍ଚ୍ଚ ଅପରେସନ୍ କରିବା ପରେ ୨ ଜଣଙ୍କ ମୃତ ଦେହ ପାଇଥିଲେ। ଗୁରୁବାର ରାତିରେ ଅନ୍ୟ ୨ଟି ମୃତଦେହ ମିଳିଥିଲା। ତେବେ ସେମାନଙ୍କ ପରିଚୟ ଜଣାପଡ଼ିନି। ସେହିପରି ଶୁକ୍ରବାର ସକାଳେ ରାଜ୍ୟ ପରିଚାଳିତ ଏସଏସକେଏମ୍ ହସ୍ପିଟାଲରେ ମନ୍ନୁ କୁମାର ଏବଂ ସାହିଲ ସର୍ଦ୍ଦାରଙ୍କ ମୃତ୍ୟୁ ହେବା ପରେ ଏହି ଘଟଣାରେ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଛି।





## ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ

ଭୁବନେଶ୍ୱର, ୨୬।୬
ନ୍ୟୁଜ୍ ବ୍ୟୁରୋ

ବଦଳିଲେ ଓଡ଼ିଶା କଂଗ୍ରେସର ପ୍ରଭାରୀ। ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ ଭାବେ ଦାୟିତ୍ୱ ପାଇଛନ୍ତି। ଅଜୟ ଲଲ୍ଲୁଙ୍କ ସ୍ଥାନରେ ଲାଲ୍‌ଜୀ ଦେଶାଇଙ୍କ ନିଯୁକ୍ତି ନେଇ ଏଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଓଡ଼ିଶା ସହିତ ହରିୟାନା ଓ ଉତ୍ତର ପ୍ରଦେଶର କଂଗ୍ରେସ ପ୍ରଭାରୀ ମଧ୍ୟ ବଦଳିଛନ୍ତି। ହରିୟାଣାରେ ସଞ୍ଜୟ ଦତ୍ତଙ୍କୁ ଦାୟିତ୍ୱ ମିଳିଥିବା (ପୃଷ୍ଠା ୭ରେ)

## ଏକାଳ ପଖାଳ



ଗରମ ତାତିରେ ଜୀବନ ବିଚରା
କଡେଇରେ ହୁଏ ଭାଜି
ମଉସୁମୀର ବାଟ ଚାହିଁ ଚାହିଁ
ନିଦବି ଯାଉଛି ହଜି
ଆହୁରି ଉତ୍ତାପ ତେଜି
ପ୍ରକୃତି ମାତା ଦିଗୋଡିଆଙ୍କୁ
ବୁଦ୍ଧିଶୁଦ୍ଧି ଦେବ ଖଞ୍ଜି।

# ବିଶ୍ୱରେ ୬୫.୫ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ସୁବିଧା ନାହିଁ



ପ୍ୟାରିସ୍, ୨୬।୬

ଶକ୍ତି କ୍ଷେତ୍ର ଆଜି ବିକାଶ ଏଜେଣ୍ଡାର ଶୀର୍ଷରେ ରହିଛି। ଏହା ସତ୍ତ୍ୱେ, ବିଶ୍ୱବ୍ୟାପୀ ୬୫.୫ କୋଟି ଲୋକ ଏବେବି ବିଦ୍ୟୁତ ସୁବିଧା ପାଇପାରୁନାହାନ୍ତି ଏବଂ ପାଖାପାଖି ଦୁଇ ବିଲିୟନ ଲୋକ ରୋଷେଇ ପାଇଁ ପ୍ରଦୂଷଣକାରୀ ଇନ୍ଧନ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ଜାତିସଂଘର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ ଉପ-ସାହାରା ଆଫ୍ରିକା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ୫୬ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ନାହିଁ ଏବଂ ୯୭ କୋଟି ଲୋକଙ୍କ ପାଖରେ ସ୍ୱଚ୍ଛ ରନ୍ଧନ ଇନ୍ଧନ ନାହିଁ। ଟ୍ରାକିଂ ଏସଡିଜି ୭: ଶକ୍ତି ପ୍ରଗତି ରିପୋର୍ଟର ନୂତନ ସଂସ୍କରଣରେ ଉପଲବ୍ଧ ବିବରଣୀ ଉଦ୍‌ବେଗଜନକ ହୋଇଥିବା ଦର୍ଶାଯାଇଛି। ଏଥିରେ ୨୦୨୩ ଏବଂ ୨୦୨୪ ମସିହାର ଅଧ୍ୟୟନ ଉଲ୍ଲେଖ କରାଯାଇଛି, ଯେଉଁଥିରେ ଦର୍ଶାଯାଇଛି ଯେ ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ ସର୍ବବ୍ୟାପୀ ଉପଲବ୍ଧ ହେଉଥିବା ବେଳେ, ଉପ-ସାହାରା ଆଫ୍ରିକାରେ ପ୍ରଗତି ମନ୍ଥର ରହିଛି। ୨୦୩୦ ସୁଦ୍ଧା ସାର୍ବଜନୀନ ବିଦ୍ୟୁତ ଉପଲବ୍ଧତାର ଲକ୍ଷ୍ୟ ହାସଲ କରିବା ପାଇଁ ଏହି ଗତିକୁ ତିନିଗୁଣ କରିବାର ଆବଶ୍ୟକତା ରହିଛି।

ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ, ଏହି ଆହ୍ୱାନଗୁଡ଼ିକ ସତ୍ତ୍ୱେ, ସ୍ଥାୟୀ ଶକ୍ତିର ଅନେକ କ୍ଷେତ୍ରରେ ଉତ୍ସାହଜନକ ଅଗ୍ରଗତି ହୋଇଛି। ଏହା ବିଶ୍ୱବ୍ୟାପୀ ମୋଟ ବିଦ୍ୟୁତ ବ୍ୟବହାରର ୩୦ ପ୍ରତିଶତରୁ ଅଧିକ । ଏଥି ସହିତ, ଅକ୍ଷୟ ଶକ୍ତି ଉତ୍ପାଦନ କରିବାର କ୍ଷମତା ମୁଣ୍ଡପିଛା ୫୪୪ ୱାଟର ବିଶ୍ୱ ରେକର୍ଡରେ ପହଞ୍ଚିଛି। ବିକାଶଶୀଳ ଦେଶଗୁଡ଼ିକରେ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ ସାର୍ବଜନୀନ ଆର୍ଥିକ ପ୍ରବାହ ସାମାନ୍ୟ ବୃଦ୍ଧି ପାଇ ୨୪.୬ ଡଲାର ବିଲିୟନରେ ପହଞ୍ଚିଛି।

ଏହି ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଯଦି (ପୃଷ୍ଠା ୭ରେ)

## ପଛକୁ ପଛ ୨ଟି ଘୂର୍ଣ୍ଣିବଳୟ, ଝଡବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୬।୬
ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲା ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ଲାଗି ରହିଛି। ଅପରପକ୍ଷେ ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ଗତ ଦୁଇ ତିନିଦିନ ହେବ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଅନୁଗୋଳରେ ସର୍ବାଧିକ ତାପମାତ୍ରା ୩୯.୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ତାଳଚେର ୩୯, ସମ୍ବଲପୁର ୩୮.୬, ହୀରାକୁଦ ୩୮.୪, ଝାରସୁଗୁଡା ୩୮.୨, ବାରିପଦା, ବାଲେଶ୍ୱର ଏବଂ ନୂଆପଡ଼ା ୩୮, କଟକ ୩୭.୬ ଓ ଭୁବନେଶ୍ୱରରେ ୩୭.୨ ଡିଗ୍ରୀ ରହିଥିଲା। ତେବେ ଆଗାମୀ ୨ଦିନ ଅର୍ଥାତ୍ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିବ। ତେବେ ପଛକୁ ପଛ ଦୁଇଟି ଘୂର୍ଣ୍ଣିବଳୟ ଆସୁଥିବାରୁ ଓ ଲଘୁଚାପ ସୃଷ୍ଟି ହେଲେ ରାଜ୍ୟରେ ଭଲ ବର୍ଷା ହେବ ବୋଲି ଆଶା କରାଯାଉଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଝଡ଼ବର୍ଷା ପାଇଁ ସୁନ୍ଦରଗଡ଼, କେନ୍ଦୁଝର, (ପୃଷ୍ଠା ୭ରେ)







## ୨ ବର୍ଷ ହେଲା ଖଲାସିଙ୍କୁ ମିଳୁନି ଟଙ୍କା : ଆନ୍ଦୋଳନ ଚେତାବନୀ

ଝରିଗାଁ, ନ୍ୟୁଜ୍ ବ୍ୟୁରୋ



ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଧାନ ମଣ୍ଡିରେ ଖାଲାସିମାନେ ଧାନ ଓଜନ କରିଥିବା ବେଳେ ଦୁଇବର୍ଷ ଧରି ଖଲାସିମାନଙ୍କ ଧାନ ଓଜନ ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଥିଲା । ଘଟଣା ନେଇ ଖଲାସିମାନେ ଝରିଗାଁ ବ୍ଲକ ଖଲାସି ସଂଘ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇଥିଲେ । ପଟ୍ଟନାୟକ ଘଟଣାକୁ ନେଇ ଝରିଗାଁ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ନରସିଂହ ଗୌଡ଼ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୃଷ୍ଟି ଆକର୍ଷଣ କରିବାର କିଛି ଦିନ ପରେ ମଧ କୌଣସି ସୁଫଳ ମିଳି ନ ଥିଲା । ଶେଷରେ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ ଝରିଗାଁ ବ୍ଲକ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନେଇ ଏକ ବୈଠକ କରିଥିଲେ । ବୈଠକରେ ବିଭିନ୍ନ ବିଷୟ ସହ ଖଲାସିମାନଙ୍କ ଧାନ ଓଜନ ଟଙ୍କା ଦୁଇ ବର୍ଷର ପାଇ ନ ଥିବା ନେଇ ଅଭଯୋଗ ହୋଇଥିଲା । ବୈଠକରେ ଗୌଡ଼ ଖଲାସିମାନଙ୍କୁ ନୂତନ ଭାବେ କେସିସି ବ୍ୟାଙ୍କରେ ଖାତା ଖୋଲିବା ପାଇଁ କହିଥିଲେ । ଖଲାସିମାନଙ୍କ ନିକଟରେ ଆଗରୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଥିବା ବେଳେ ନୂଆରେ କେସିସି ବ୍ୟାଙ୍କରେ ଆକାଉଣ୍ଟ ଖଲିବା ପାଇଁ ମନା କରିଥିଲେ । ଏପରିକି କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା । ଶେଷରେ ପୂର୍ବତନ ଏମ୍‌ପି ଭଗବାନ ମାଝୀ ପୁରଣା ଆକାଉଣ୍ଟରେ ଖଲାସିମାନଙ୍କ ଟଙ୍କା ପ୍ରଦାନ ନ କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ । ଶେଷରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ପୁରଣା ଆକାଉଣ୍ଟରେ ଟଙ୍କା ପ୍ରଦାନ କରିଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଶାନ୍ତ ପଡ଼ିଥିଲା ।

ଘଟଣା ନେଇ ପରିଚାଳନା ନିର୍ଦ୍ଦେଶକ ଗୌଡ଼ଙ୍କ ସହ ଯୋଗାଯୋଗ କରିବାରୁ ଖଲାସିମାନଙ୍କ ଧାନ ଓଜନ ଟଙ୍କା ଚଳିତ ବର୍ଷର ନିଜ ନିଜ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ ବୋଲି କହିବା ସହ ଗତବର୍ଷର ଟଙ୍କା କିଛ ଦିନ ପରେ ପର୍ଯ୍ୟାୟ କ୍ରମେ ଦିଆଯିବ ବୋଲି କହିଥିଲେ । ଉକ୍ତ ବୈଠକରେ ଝରିଗାଁ ଏମ୍‌ପି ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁ, ଖଲାସି ଉପସଭାପତି ଗଜାନନ ବଂଶଲ, କୋଷାଧକ୍ଷ ଗୋବିନ୍ଦ ଗୌଡ଼, ବରିଷ୍ଠ ଚାଷୀ ନରସିଂହ ଦଳେଇ, ପ୍ରେମା ପାଣ୍ଡେ ପ୍ରମୁଖଙ୍କ ସହ ଖଲାସିମାନେ ଉପସ୍ଥିତ ଥିଲେ ।

## ସଚେତନତା ଅଭାବରୁ ଭୋଟର ତାଲିକା ସଂଶୋଧନ ବାଧାପ୍ରାପ୍ତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଜୋରଦାର ଭାବେ ଚାଲିଥିବା ବେଳେ ଭୋଟର ତାଲିକାକୁ ଅଧିକ ସଠିକ୍ ଏବଂ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି । ଘର ଘର ଗଣନା, ପୂର୍ବରୁ ପୂରଣ ହୋଇଥିବା ଫର୍ମର ଯାଞ୍ଚ, ପୁରୁଣା ଭୋଟର ତଥ୍ୟର ସତ୍ୟତା ପରୀକ୍ଷା ସହ ଡିଜିଟାଲାଇଜେସନ୍ କାର୍ଯ୍ୟ ଜାରି ରହିଛି । ତେବେ ସର୍ଭେ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସ୍ପଷ୍ଟ ସୂଚନାର ଅଭାବ ଥିବାରୁ ବିଭିନ୍ନ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଥିବା ଦେଖା ଯାଉଛି । ଏସ୍‌ଆଇଆର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରୁ ମୃତ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ, ଡୁପ୍ଲିକେଟ୍ ଏବଂ ଅନ୍ୟ ନାଗରିକ ଭୋଟରଙ୍କ ନାମକୁ ବାଦ୍ ଦେଇ ଏକ ସଠିକ୍ ଏବଂ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତ କରିବା । ଏହା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ନିର୍ଭୁଲତା ବଜାୟ ରଖିବାକୁ ଉଦ୍ୟମ କରାଯାଉଛି । ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୨୦୦ଟି ବୁଥ୍ ରହିଛି ଯାହା ବ୍ରହ୍ମପୁର ଏବଂ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ । ପ୍ରତ୍ୟେକ ବୁଥ୍ ପାଇଁ ଜଣେ ଲେଖାଏଁ ବୁଥ୍ ସ୍ତରୀୟ ଅଧିକାରୀ ନିଯୁକ୍ତି ହୋଇଥିବା ବେଳେ ଅଧିକ ଭୋଟର ଥିବା ସ୍ଥାନରେ ସହାୟକ କର୍ମଚାରୀଙ୍କୁ ମଧ ଦାୟିତ୍ୱ ଦିଆଯାଇଛି । ସମଗ୍ର ପ୍ରକ୍ରିୟାର ତଦାରଖ ପାଇଁ ପ୍ରାୟ ୨୦ ଜଣ ସୁପାଭାଇଜର ନିୟୋଜିତ ହୋଇଛନ୍ତି । ସୂଚନା ଅନୁଯାୟୀ ଭୋଟରଙ୍କ ନିକଟରେ ଫର୍ମ ବଣ୍ଟନ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି । ବର୍ତ୍ତମାନ ଫର୍ମଗୁଡ଼ିକର ଡିଜିଟାଲାଇଜେସନ୍ କାମ ଚାଲିଛି ଏବଂ ପ୍ରାୟ ୫୦%ରୁ ଅଧିକ ତଥ୍ୟ ଅନଲାଇନ୍ ଅପଲୋଡ୍ କରାଯାଇଛି । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଆଇଟି କେନ୍ଦ୍ର ଖୋଲାଯାଇଛି । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି । ବ୍ରହ୍ମପୁର ମହାନଗର ନିଗମର ସହକାରୀ ଆୟୁକ୍ତ ବିଭୂ ପ୍ରସାଦ ମହାପାତ୍ର କହିଛନ୍ତି ଯେ, ଆସନ୍ତା ୨୮ ତାରିଖ ପରେ ବ୍ୟକ୍ତିଗତ ଭାବେ ଅଭିଯୋଗ ଏବଂ ଜନଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ । ଯେଉଁ ଭୋଟରଙ୍କ ନାମ ନେଇ କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିବ, ସେଗୁଡ଼ିକର ଶୁଣାଣି କରାଯିବ ଏବଂ ଯଥାଯଥ ସମାଧାନ ଦିଆଯିବ । ଏହି ଅଭିଯୋଗ ଶୁଣାଣି ପ୍ରକ୍ରିୟା ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ମହାପାତ୍ରଙ୍କ ଦାୟିତ୍ୱରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମର ୫ଟି ଓ୍ୱାର୍ଡ ରହିଛି । ଏହି ଅଞ୍ଚଳରେ ୩୩ଟି ବୁଥ୍ ଥିବା ବେଳେ ଅଧିକ ଭୋଟର ସଂଖ୍ୟା ଥିବା ସ୍ଥାନରେ ଅତିରିକ୍ତ ସହାୟକ ନିଯୁକ୍ତ କରାଯାଇଥିବା ସେ କହିଛନ୍ତି । ଭୋଟରଙ୍କ ସୁବିଧା ଏବଂ ତଥ୍ୟର ସଠିକତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ମଧ୍ୟ ସେ ସ୍ପଷ୍ଟ କରିଛନ୍ତି । ତେବେ ସର୍ଭେ ପ୍ରକ୍ରିୟା ନେଇ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲେ ମଧ ସାଧାରଣ ଲୋକଙ୍କ ମଧ୍ୟରେ ଏହାର ଉଦ୍ଦେଶ୍ୟ ଓ ପ୍ରକ୍ରିୟା ସମ୍ପର୍କରେ ଅନେକ ଦ୍ୱନ୍ଦ୍ୱ ରହିଛି ।

## ସିଟି ହସ୍‌ପିଟାଲ୍ ଚକ୍ଷୁ ବିଭାଗରେ ଅବ୍ୟବସ୍ଥା ଅଭିଯୋଗ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସିଟି ହସ୍‌ପିଟାଲର ଚକ୍ଷୁ ବିଭାଗରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଠିକ୍ ସମୟରେ ଡାକ୍ତର ଆସୁନଥିବାରୁ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ଘଟଣାରୁ ପ୍ରକାଶ ଯେ, ରୋଗୀ ସକାଳ ୮ଟାରୁ ୧୦ଟା ଯାଏଁ ଅପେକ୍ଷା କରିବାରେ ମଧ ଡାକ୍ତରଙ୍କ ଦେଖା ମିଳିନଥିଲା । ଶେଷରେ କିଛି ରୋଗୀ ସମ୍ପର୍କୀୟ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ । ଚକ୍ଷୁ ବିଭାଗର ବହିର୍ବିଭାଗ ସମୟ ସକାଳ ୮ଟା ରୁ ୧୨ଟା ଏବଂ ଅପରାହ୍ନ ୪ଟାରୁ ୬ଟା ଯାଏଁ ରହିଛି । ଜଣେ ରୋଗୀ ସକାଳ ୮ଟାରୁ ଏକାଧିକ ରୋଗୀ ଡାକ୍ତରଙ୍କ ପରାମର୍ଶ କରିବାକୁ ବହିର୍ବିଭାଗରେ ପହଞ୍ଚ ଥିଲେ । ସେଠାରେ ଡାକ୍ତର ଉପସ୍ଥିତ ନଥିଲେ । ସାଢ଼େ ୯ଟା ବେଳକୁ ବିଭାଗରେ ପ୍ରାୟ ୩୦ ଜଣ ରୋଗୀ ଉପସ୍ଥିତ ଥିଲେ ମଧ ଚକ୍ଷୁ ଡାକ୍ତର ଆସିନଥିଲେ । ଗରମ ଯୋଗୁଁ ରୋଗୀ ଡାକ୍ତରଙ୍କୁ ଅପେକ୍ଷା କରି ବିରକ୍ତ ହୋଇ ପଡ଼ିଥିଲେ । ଡାକ୍ତର କେବେ ଆସିବେ ସେ ବିଷୟରେ ସୁରକ୍ଷା କର୍ମୀ କିମ୍ବା ଅନ୍ୟ କର୍ମଚାରୀ ଉତ୍ତର ଦେଇପାରି ନ ଥିଲେ । ସେଠାରେ ଉପସ୍ଥିତ ଜଣେ ରୋଗୀଙ୍କ ସମ୍ପର୍କୀୟ ଡାକ୍ତର ଅନୁପସ୍ଥିତ ଥିବାର ଫଟୋ ଉଠାଇ ଏକ୍ସ ଯୋଗେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ସିଟି ହସ୍ପିଟାଲରେ ଜଣେ ଚକ୍ଷୁ ଡାକ୍ତର ଥିବା ବେଳେ ତାଙ୍କର ଜରୁରୀକାଳୀନ ଡ୍ୟୁଟି ପଡ଼ିଥିବାରୁ ସେ ବହିର୍ବିଭାଗକୁ ବିଳମ୍ବରେ ଯାଇଥିବା କୁହାଯାଉଛି ।



## ଚମ୍ପୁଆ ଆଦର୍ଶ ବିଦ୍ୟାଳୟ ରାସ୍ତା ପାଲଟିଛି ମରଣ ଯନ୍ତା : ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ

ଚମ୍ପୁଆ ଏନଏସି ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟକୁ ଯାଇଥିବା ମୁଖ୍ୟ ରାସ୍ତା ଏବେ ସ୍ଥାନୀୟ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀଙ୍କ ପାଇଁ 'ମରଣ ଯନ୍ତା' ପାଲଟିଛି । ସାଧାରଣ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ କାଦୁଅ ଜମି ରହୁଛି । ଫଳରେ ଏହି ପଚପଚ କାଦୁଅ ରାସ୍ତାରେ ଯିବାଆସିବା କରିବା ପାଇଁ କୋମଳମତି ଶିକ୍ଷାର୍ଥୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ପିଲାମାନେ କାଦୁଅରେ ପଡ଼ି ଆହତ ହେଉଥିବା ମଧ ନଜିର ରହିଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଖୋଦ ଚମ୍ପୁଆ ଉପଜିଲ୍ଲାପାଳ ଏହି ସମ୍ମାନଜନକ ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ରହିଛନ୍ତି । ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କମିଟିର ମୁଖ୍ୟ ଥାଇ ମଧ ବିଦ୍ୟାଳୟ ରାସ୍ତାର ଏଭଳି ଦୁରାବସ୍ଥା ପ୍ରଶାସନର ଆନ୍ତରିକତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ବିପଦସଙ୍କୁଳ ରାସ୍ତାର ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକଙ୍କ ପକ୍ଷରୁ ବାରମ୍ବାର ଦାବି ଏବଂ ଅଭିଯୋଗ ହେଉଥିଲେ ମଧ ଚମ୍ପୁଆ ଏନଏସି କର୍ତ୍ତୃପକ୍ଷ ଏସବୁ ଶୁଣି ମଧ ନଶୁଣିଲା ଭଳି ଅଭିନୟ କରୁଛନ୍ତି । ପ୍ରଶାସନର ଏହି ନିରବ ଦ୍ରଷ୍ଟା ସାଜିବା ମନୋଭାବ ଯୋଗୁଁ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ସ୍କୁଲ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ରାସ୍ତାର ତୁରନ୍ତ ସ୍ଥାୟୀ ପ୍ରତିକାର କରିବାକୁ ଅଭିଭାବକ ମହଲରେ ଦୃଢ଼ ଦାବି ହେଉଛି ।

## ଅସୁରକ୍ଷିତ ଧାମରା : ବଢୁଛି ମଦ୍ୟପ ଏବଂ ଚୋରା ମଦ ବେପାରୀଙ୍କ ସଂଖ୍ୟା

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଏହି ଜିଲ୍ଲାର ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳ ହୋଇ ପଡୁଛି ଅଶାନ୍ତ । ଦିନ ବେଳା ମଧ୍ୟ ସାଧାରଣ ଜନତା ତ୍ରାହି ତ୍ରାହି ଡାକିଲେଣି କେମିତି ମଦ୍ୟପଙ୍କ ଠାରୁ ରକ୍ଷା ପାଇବେ । ଏପରିକି ଧାମରା ବଜାରକୁ ମଧ୍ୟ ସାଧାରଣ ଜନତା ଆସିବାକୁ ଭୟ ମଧ୍ୟ କରୁଛନ୍ତି । ସୂଚନାଯୋଗ୍ୟ ଯେ, ଧାମରା ବଜାରରେ ଗୋଟିଏ ବିଦେଶୀ ଠିପିଖୋଲା ଏବଂ ଗୋଟିଏ ଦେଶୀ ମଦ ଦୋକାନ ଅଛି । ମାତ୍ର ଏହି ଦୋକାନୀ ମାନଙ୍କ ଠାରୁ ମଦ ଆଣି ଧାମରା ବଜାରରେ ଖୁଲମ୍‌ଖୁଲା ଚୋରା ମଦର ଆସର ବଢି ବଢି ଚାଲିଛି ମାତ୍ର ସେମାନଙ୍କୁ ରୋକ ଦେବାକୁ ପୁଲିସ ଏବଂ ଅବକାରୀ ବିଭାଗ ନିଷ୍କ୍ରିୟ ଭୂମିକା । ବର୍ତ୍ତମାନ ସ୍ଥିତିରେ ଧାମରା ବଜାରରେ ୬-୮ଟି ସ୍ଥାନରେ ଚୋରା ମଦ ବେପାର ୨୪ଘଣ୍ଟା ଚାଲିଛି । ଏହି ଚୋରା ମଦ ବେପାରୀ ଖୁଲମଖୁଲା ଅବକାରୀ ବିଭାଗକୁ ମାସିକିଆ ବଟି ଦେଇ ଏହି ବେପାର କରୁଛନ୍ତି ବୋଲି ସ୍ୱୀକାର କରୁଥିବା ବେଳେ ଏହି ଚୋରା ମଦ ବେପାରୀଙ୍କ ଉପରେ ନଜର ଦେବା ଦାୟିତ୍ୱ ପୁଲିସ ପକ୍ଷରେ ସବୁ ସମୟରେ ସମ୍ଭବ ନୁହେଁ ବୋଲି ପ୍ରତିକ୍ରିୟା ମିଳିଛି ମାତ୍ର ଅବକାରୀ ବିଭାଗ ଚାନ୍ଦବାଲି ଉପରେ ପସରା ଖୋଲିଥିବା ବେଳେ ଧାମରା ଅଞ୍ଚଳକୁ ମଧ୍ୟ ନଜର ଦେବା ସମ୍ଭବ ହୋଇ ପାରୁନାହିଁ ବୋଲି ଚର୍ଚ୍ଚା ଚାଲିଛି । ସବୁଠାରୁ ରୋଚକର ବିଷୟ ଧାମରା ବଜାର ଠାରେ ଥିବା ମଦ ଦୋକାନଗୁଡିକ ଧାମରା ସାମୁଦ୍ରିକ ଥାନା ଅଧିନରେ ରହୁଥିବା ବେଳେ ସେହି ଦୋକାନରୁ ମଦ ଆସି ଧାମରା ଥାନା ଅଞ୍ଚଳରେ ବିକ୍ରି ହେଉଛି । ତେଣୁ ଗୋଟିଏ ସ୍ଥାନ ୨ଜଣ ଥାନାଧିକାରୀଙ୍କ ଅଞ୍ଚଳ, ଦାୟିତ୍ୱ ନେବ କିଏ ! ଧାମରା ବଜାର ଏବଂ ବସ୍‌ଷ୍ଟାଣ୍ଡ ଛକରେ ମଦ୍ୟପ ମାନେ ନିଶାସକ୍ତ ଅବସ୍ଥାରେ ଆସି ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବସ ଯାତ୍ରୀ ମାନଙ୍କୁ ମଧ୍ୟ ଗାଳିଗୁଲଜ କରିଥାନ୍ତି ।

## କାନପୁର ସାଳନ୍ଦୀ ନଦୀରେ ପକ୍କା ସୁରକ୍ଷା ବନ୍ଧ ନିର୍ମାଣ ପାଇଁ ଦାବି

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ସାଳନ୍ଦୀ ନଦୀ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ହଦଗଡରୁ ବାହାରି ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ ଦେଇ ପ୍ରବାହିତ ହେଉଛି । ବାଲିମାଟି ଖୋଳିନେବା, ବର୍ଷା ଋତୁରେ ବଢି ପାଣିରେ କୂଳଖାଇ ନଦୀର ଗତିପଥ ବଦଳିବା ଯୋଗୁ ତଟବର୍ତ୍ତୀ ଗାଁ ଗୁଡ଼ିକ ପ୍ରତି ଏବେ ବିପଦ ଦେଖାଦେଇଛି । ବିଶେଷ ଭାବେ ହାଟଡିହି ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର ଏକାଧିକ ଘର ସାଳନ୍ଦୀ ନଦୀ ଗର୍ଭରେ ଲୀନ ହେବାର ଆଶାଙ୍କା ପ୍ରକାଶ ପାଇଛି । ଏହି ଗ୍ରାମର ୧୨ ନମ୍ବର ଓ୍ୱାର୍ଡରେ ଥିବା ପ୍ରହଲ୍ଲାଦ ବେହେରା, ସଞ୍ଜୟ ବେହେରା, ଧର୍ମପଦ ବେହେରା, ବିଜୟ ସାମଲ, କମଳା ରାଉତଙ୍କ ପକ୍କା ଘର ପଛ ଭାଗ ଦବି ଫାଟି ଯାଇଛି । ଗ୍ରାମର ହରିହର ବେହେରା, ଧର୍ମପଦ ବେହେରା, ପ୍ରବୀର ବେହେରା, ଜଗନ୍ନାଥ ଜେନା, ବିଜୟ ସାମଲ, ଚକ୍ରଧର ଖମାରୀ, ଜୟ ନାୟକଙ୍କ ପାଇଖାନା ଘର ନଦୀ ଗର୍ଭରେ ଭୁଷୁଡି ପଡିଛି । ଏହି ଘଟଣା ପରେ ଗ୍ରାମରେ ଆତଙ୍କ ଦେଖାଦେଇଛି । ଗ୍ରାମବାସୀଙ୍କ ଦୀର୍ଘ ଦାବି ପରେ ଆନନ୍ଦପୁର ଉପ-ଜିଲ୍ଲାପାଳ ନିଳମାଧବ ସୁନା, ଆନନ୍ଦପୁର ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରତାପ କୁମାର ଦାସ, ଅଧିକ୍ଷଣ ଯନ୍ତ୍ରୀ ଭାଗିରଥୀ ପାତ୍ର କ୍ଷେତ୍ରିୟ ତଦନ୍ତ କରିବା ପରେ କ୍ଷତିଗ୍ରସ୍ତ ଗୃହଗୁଡ଼ିକର ଆଗକୁ ସୁରକ୍ଷା ପାଇଁ ମାଟି ପକାଇ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ । ଇତିମଧ୍ୟରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପୂର୍ବକ ସାଳନ୍ଦୀ ବିକାଶ ପରିଷଦର ପ୍ରଚେଷ୍ଟାରେ ମାଟି ପକା କାର୍ଯ୍ୟ ସରିଛି । ତେବେ ଆଗକୁ ବର୍ଷା ଋତୁ ଆସୁଥିବାରୁ ମାଟି ଧୋଇଯିବାର ଆଶଙ୍କା ପ୍ରକାଶ ପାଇଛି । ଏହା ଧୋଇଗଲେ ସରକାରୀ ଅର୍ଥର ପ୍ରଭୁତ କ୍ଷତି ଘଟିବ । ତେଣୁ ସ୍ଥାୟୀ ପକ୍କା ବନ୍ଧ ନିର୍ମାଣ ପାଇଁ ସାଳନ୍ଦୀ ବିକାଶ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ବେହେରା, ବିଜୟ ଜେନା, ଗଙ୍ଗାଧର ରାଉତ, ଚୈତନ୍ୟ ମହାପାତ୍ର, ସନ୍ତୋଷ ଜେନା, ପଦ୍ମନାଭ ବେହେରା, ସଦାଶିବ ଖମାରୀ, ଶତ୍ରୁଘ୍ନ ରାଉତ ପ୍ରମୁଖ ଦୃଢ ଦାବି କରିଛନ୍ତି । ପ୍ରକାଶଥାଉକି ଏଠାରେ ଥିବା ଅଧିକ୍ଷଣ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଦାୟିତ୍ୱରେ ଥିବା ବର୍ତ୍ତମାନର ଭଦ୍ରକ ଅଧିକ୍ଷଣଯନ୍ତ୍ରୀ ହିତେଶ କୁମାର ସାହୁ ଉପରୋକ୍ତ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦୃଢ ଦାବି କରିଛନ୍ତି ।

## ପୋଲିସ ଏଡ୍ ପୋଷ୍ଟ ଉଦ୍‌ଘାଟିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରେ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ନିର୍ମିତ ପୋଲିସ ଆଉପୋଷ୍ଟକୁ ଉଦ୍‌ଘାଟନ କରିଛନ୍ତି ଆରକ୍ଷୀ ଅଧୀକ୍ଷକ କୁଲଦୀପ୍ ମୀନା । ବୌଦ୍ଧ ମହାନଦୀ ବ୍ରିଜ୍ ଛକ ଦକ୍ଷିଣ ଓଡ଼ିଶା ଓ ପୂର୍ବ ଓଡ଼ିଶା ସହ ପଶ୍ଚିମ ଓଡ଼ିଶାକୁ ସଂଯୋଗର ପଥ ହୋଇଥିବା ବେଳେ ଉକ୍ତ ରାସ୍ତା ଦେଇ ବ୍ୟାପକ ଗଇ ଚୋରା ଚାଲାଣ ହୋଇଥାଏ । ତେଣୁ ବୌଦ୍ଧ ପୋଲିସ ପକ୍ଷରୁ ଏଠାରେ ୨୪ ଘଣ୍ଟା ନାକାବନ୍ଦୀ କରାଯାଇଥାଏ । ପୋଲିସ୍ କର୍ମଚାରୀ ଖରା ବର୍ଷା ଓ ଶୀତରେ ଜଗୁଥିବା ବେଳେ ସେମାନଙ୍କ ବିଶ୍ରାମ ପାଇଁ ଉକ୍ତ ପୋଲିସ୍ ଆଉ୍ ପୋଷ୍ଟ କାମରେ ଆସିବ ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ । ଉଦ୍‌ଘାଟନ ସମୟରେ ଉପଖଣ୍ଡ ପୋଲିସ ଅଧିକାରୀ ଲରେନ୍‌ସ ରାଉତରାୟ, ବୌଦ୍ଧ ଆଇଆଇସି ନଳିନୀକାନ୍ତ ଦାସ, ଏଏସଆଇ ଶୂନ୍ୟବାସୀ ସାହୁ, ଜିଲ୍ଲା ହାବିଲଦାର୍ ଓ କନେଷ୍ଟବଳ ସଂଘ ସଭାପତି ବୁଲୁ କୁମାର ମିଶ୍ର, ହାବିଲଦାର୍ ରଞ୍ଜନ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଏଟିଏମ୍ ଅଚଳ : ୧୫ ଦିନ ହେଲା ଗ୍ରାହକ ହନ୍ତସନ୍ତ

ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ପ୍ରମୁଖ ବଜାର ସିମନବାଡ଼ି ଛକରେ ଥିବା ୧ ମାତ୍ର ଏଟିଏମ୍ ଅଚଳ ହୋଇପଡ଼ିଛି । ଫଳରେ ଉକ୍ତ ଏଟିଏମ୍ ଉପରେ ନିର୍ଭର କରୁଥିବା ପ୍ରାୟ ୧୦ ପଞ୍ଚାୟତବାସୀ ହନ୍ତସନ୍ତ ହେଉଛନ୍ତି । ପ୍ରକାଶ ଯେ, ସିମନବାଡ଼ି ସମେତ ବାଡ଼ାବାଙ୍ଗା, କିରିକୁଟି, ତିଲୋରୀ, ବୁଢ଼ାଗୁଡ଼ା, ଗୁମିକିଆ, ଶ୍ରୀନିକେତା, କୋଟଗଡ଼ ବ୍ଲକ ପକାରୀ, ବାଲିଗୁଡା ବ୍ଲକ ରତୁଙ୍ଗିଆ ପଞ୍ଚାୟତବାସୀ ସିମନବାଡ଼ି ଏସ୍‌ବିଆଇ ଶାଖା ଉପରେ ନିର୍ଭର କରୁଛନ୍ତି ହଜାର ହଜାର ହିତାଧିକାରୀଙ୍କ ପାଇଁ ସିମନବାଡ଼ି ବଜାର ଛକ ଉପରେ ଏକମାତ୍ର ଏଟିଏମ୍ ରହିଛି ତେବେ ବିଦ୍ୟୁତ୍ ବିଭ୍ରାଟ ହେଲେ ଏଟିଏମ୍ ବାରମ୍ବାର ଅଚଳ ହେଉଥିବା ବେଳେ ଗତ ୧୫ ଦିନ ହେଲା ଏହି ଏଟିଏମ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି । ଏହାର ମରାମତି କିମ୍ବା ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଅଞ୍ଚଳର ହଜାର ହଜାର ଗ୍ରାହକ ଏହି ସେବାରୁ ବଞ୍ଚିତ ହୋଇ ହଇରାଣ ଭୋଗୁଛନ୍ତି । ସିମନବାଡ଼ିରେ ମଙ୍ଗଳବାର ସାପ୍ତାହିକ ହାଟ ହେଉଥିବା ବେଳେ ବଜାରକୁ ଦୈନିକ ଆସୁଥିବା ଲୋକ ଟଙ୍କା ଉଠାଣ କରି ନ ପାରି ବଜାରରୁ କୌଣସି ସାମଗ୍ରୀ କିଣା ବିକା କରିପାରୁନାହାନ୍ତି । ସେହିପରି ଜରୁରୀକାଳୀନ ପରିସ୍ଥିତିରେ ଲୋକ ସ୍ୱାସ୍ଥ୍ୟସେବା ପାଇଁ ଟଙ୍କା ଉଠାଣ କରି ନ ପାରି ହଇରାଣ ଭୋଗୁଥିବା ଅମରେନ୍ଦ୍ର ପ୍ରଧାନ, ଉମାକାନ୍ତ ଦିଗାଲ, ସୁବାସ ପ୍ରଧାନ, ଦିଲୀପ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ସରୋଜ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି । ଉକ୍ତ ବ୍ଲକର ପ୍ରମୁଖ ଜନଗହଳି ବଜାର ମଧ୍ୟରେ ସିମନବାଡ଼ି ଅନ୍ୟତମ । ମାତ୍ର ଗୋଟିଏ ବ୍ୟାଙ୍କ ରହିଥିବାରୁ ବ୍ୟାଙ୍କରେ ଭିଡ଼ କାରଣରୁ ଲୋକମାନେ ପଇସା ଉଠାଣ ପାଇଁ ଏଟିଏମ୍ ଉପରେ ନିର୍ଭର କରୁଥିବା ବେଳେ ଅତି ପୁରାତନ ଭର୍ସନ ସିଷ୍ଟମ ରହିଥିବା ଏଟିଏମ୍ ବାରମ୍ବାର ହ୍ୟାଙ୍ଗ ହେବା ସହ ଇନଭୋଟର ନ ଥିବାରୁ କେବଳ ବିଦ୍ୟୁତ୍ ଉପରେ ନିର୍ଭର ଏହି ଏଟିଏମ୍ ବାରମ୍ବାର ଅଚଳ ହୋଇପଡୁଛି । ଶୀତତାପ ନିୟନ୍ତ୍ରଣ ପାଇଁ ଏସି ନ ଥିବାରୁ ଏହା ବାରମ୍ବାର ହିଟ୍ ଯୋଗୁ ମଧ ହ୍ୟାଙ୍ଗ ହେଉଥିବା କୁହାଯାଉଛି ।

ଏନେଇ ସିମନବାଡ଼ି ଏସ୍‌ବିଆଇ ଶାଖା ପରିଚାଳକ ଗୌରୀ ଶଙ୍କର ନାୟକଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଛନ୍ତି ଯେ, ବିଦ୍ୟୁତ ବାରମ୍ବାର ବିଭ୍ରାଟ କାରଣରୁ ଏହା ଅଚଳ ହୋଇପଡ଼ିଛି ଉକ୍ତ ଏଟିଏମ୍ ବାଲିଗୁଡ଼ା ବ୍ରାଞ୍ଚ ଦ୍ୱାରା ପରିଚାଳିତ ଏ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି । ଏଟିଏମ୍ ଅଚଳ ଯୋଗୁ ବ୍ୟବସାୟ ଓ ଏସବିଆଇର ଗ୍ରାହକମାନେ ହଇରାଣ ଭୋଗୁଛନ୍ତି ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି ବଣିକ ସଂଘ ସଭାପତି ମହେଶ କୁମାର ସାହୁ, ସମ୍ପାଦକ ଏସ୍. ସୁନୀଲ କୁମାର ସୁବୁଦ୍ଧି ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ରାସ୍ତାକୁ ମାଡ଼ି ଗଲାଣି ଅନାବନା ଗଛ : ଦୈନନ୍ଦିନ ଯାତାୟାତରେ ଘୋର ସମସ୍ୟା

ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ

ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ ବଡ଼ କାଳିମାଟି ପଞ୍ଚାୟତରେ ଏକ ପ୍ରମୁଖ ରାସ୍ତା ଏବେ ମରଣଯନ୍ତା ପାଲଟିଛି । କାଳିମାଟି ଛକ ଠାରୁ ଜଗନ୍ନାଥ ମନ୍ଦିର ଦେଇ ଯାଇଥିବା ଦବୁନା ନିଉ କଲୋନୀ ଓ ହାଣ୍ଡି ଭଙ୍ଗା ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛଲତା ମାଡିଯାଇଛି । ଫଳରେ ସମ୍ପୂର୍ଣ୍ଣ ରାସ୍ତା ସଙ୍କୁଚିତ ହୋଇ ପଡ଼ିଥିବା ବେଳେ ଦୈନନ୍ଦିନ ଯାତାୟାତରେ ଘୋର ସମସ୍ୟା ଉପୁଜୁଛି ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ହେବ ଏହି ରାସ୍ତାର ମରାମତି କରାଯାଇ ନାହିଁ । ସାରା ରାସ୍ତା ଏବେ ବଡ଼ ବଡ଼ ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି । ବିଶେଷ କରି ସାଇକେଲ, ମୋଟର ସାଇକେଲ ଓ ଅଟୋ ଚାଳକମାନେ ଏହି ରାସ୍ତାରେ ଯିବାଆସିବା କରିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କା ଲାଗି ରହିଛି । ଏହି ରାସ୍ତା ଦେଇ ଦବୁନା ସେକ୍ରାଡିହି ଓଏମସି ଖଣି କମ୍ପାନୀର ଶତାଧିକ କର୍ମଚାରୀ ଓ ଗାଡ଼ି ସବୁବେଳେ ଯିବାଆସିବା କରୁଛନ୍ତି । ଖଣି ଅଞ୍ଚଳରୁ କମ୍ପାନୀ କୋଟି କୋଟି ଟଙ୍କାର ଲାଭ ନେଉଥିଲେ ସୁଦ୍ଧା, ସାଧାରଣ ଜନତା ବ୍ୟବହାର କରୁଥିବା ଏହି ରାସ୍ତାର ଉନ୍ନତି ପାଇଁ ମୁଠାଏ ମୋରମ ମଧ ପକାଉ ନାହିଁ । କମ୍ପାନୀର ଏଭଳି ସାମାଜିକ ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି । ରାସ୍ତା କଡ଼ରେ ଘଞ୍ଚ ଜଙ୍ଗଲ ଓ ଅନାବନା ଗଛ ଲତା ମାଡ଼ି ଯାଇଥିବାରୁ, ସେଥିମଧ୍ୟରୁ ବିଷଧର ସରୀସୃପ ଏବଂ ବନ୍ୟଜନ୍ତୁ ବାହାରି ପଥିକମାନଙ୍କୁ ଆକ୍ରମଣ କରିବାର ଭୟ ରହିଛି । ବିଶେଷ କରି ସନ୍ଧ୍ୟା ହେଲେ ଏହି ରାସ୍ତାରେ ଯିବା ଆଦୌ ନିରାପଦ ନୁହେଁ । ତେଣୁ ଓଏମସି କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହି ରାସ୍ତାର ଗଛଲତା ସଫା କରିବା ସହିତ ପିଚୁ କିମ୍ବା ମୋରମ ପକାଇ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ

ଏକ ହତ୍ୟାକାରୀକୁ ମାଲକାନଗିରି ଜିଲ୍ଲା ଦୌରାଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସୂଚନା ଯୋଗ୍ୟ ଯେ, ୨୦୨୦ ମସିହାରେ ତାରଲାକୋଟା ଗ୍ରାମର ସୁବାଷ ଭୂୟାଁକୁ ସେହି ଗ୍ରାମର ବାଜା ମାଡ଼କାମୀ ତୀର ବିନ୍ଧି ହତ୍ୟା କରି ଥିବାର ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ମାଲକାନଗିରି ପୋଲିସ ଅଭିଯୁକ୍ତ ବାଜା ମାଡ଼କାମୀ ବିରୁଦ୍ଧରେ ଅଭିଯୋଗ ଫର୍ଦ ଦାଖଲ କରିଥିଲା । ଏହି ମାମଲାରେ ୩୫ଟି ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଓ ଉଭୟ ପକ୍ଷଙ୍କ ଜବାବ ସୁଆଲ ଶୁଣି ମାଲକାନଗିରି ଜିଲ୍ଲା ଦୌରାଜଜ ରାଜଲକ୍ଷ୍ମୀ ପଟ୍ଟନାୟକ ଅଭିଯୁକ୍ତ ବାଜା ମାଡ଼କାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜିଲ୍ଲା ଦୌରାଜଜ ମୃତକ ସୁବାସ ଭୂୟାଁଙ୍କ ସ୍ତ୍ରୀ ଲକ୍ଷ୍ମୀ ଭୂୟାଁକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

## ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ୍ରି ମେସିନ୍ ଉଦ୍‌ଘାଟିତ

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଜୟପୁର ଓ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ଉନ୍ନତ ଓ ଆଧୁନିକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କରକମଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ଠାରେ ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ୍ରି ମେସିନ୍‌ର ଶୁଭ ଉଦ୍ଘାଟନ ହୋଇଯାଇଛି । ଏହି ଅତ୍ୟାଧୁନିକ ମେସିନ୍ ମାଧ୍ୟମରେ ଗୋଟିଏ ନମୁନା ସଂଗ୍ରହରୁ ପ୍ରାୟ ୧୭,୦୦ରୁ ଅଧିକ ପ୍ରକାରର ପରୀକ୍ଷା କରାଯାଇପାରିବ । ଏହା ଦ୍ୱାରା ରୋଗ ନିରୂପଣ ପ୍ରକ୍ରିୟା ଅଧିକ ଦ୍ରୁତ, ନିର୍ଭୁଲ ଓ ସୁବିଧାଜନକ ହେବ । ପରୀକ୍ଷା ପରେ ମାତ୍ର ୫ ରୁ ୧୦ ମିନିଟ୍ ମଧ୍ୟରେ ରୋଗୀଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ଏସଏମଏସ ମାଧ୍ୟମରେ ରିପୋର୍ଟ ପଠାଯିବ, ଯାହା ରୋଗୀମାନଙ୍କ ସମୟ ସଞ୍ଚୟ ସହ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନରେ ସହାୟକ ହେବ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଏମଓ କୋରାପୁଟ, ବିଧାୟକ ପ୍ରତିନିଧି, ଜିଲ୍ଲାର ବରିଷ୍ଠ ଡାକ୍ତରବୃନ୍ଦ, ସେବିକା ଓ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ବିଧାୟକ ଶ୍ରୀ ବାହିନୀପତି କହିଥିଲେ ଯେ, ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ତାଙ୍କର ପ୍ରାଥମିକତା ରହିଛି । ଜୟପୁର ଏବଂ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଦିଗରେ ଏହି ମେସିନ୍ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ମତପ୍ରକାଶ କରିଥିଲେ । 'ସୁସ୍ଥ ଜନତା, ସମୃଦ୍ଧ ସମାଜ' ଏହି ଲକ୍ଷ୍ୟକୁ ସାମ୍ନାରେ ରଖି ଜନକଲ୍ୟାଣମୂଳକ କାର୍ଯ୍ୟ ଆଗାମୀ ଦିନରେ ମଧ ଜାରି ରହିବ ।

## ପୂର୍ବଜଙ୍କ ପାରମ୍ପରିକ କୌଶଳରେ ଚାଲିଛି ଜୀବନ ସଂଗ୍ରାମ

ଉମରକୋଟ/ଝରୀଗାଁ, ନ୍ୟୁଜ୍ ବ୍ୟୁରୋ

ଭାରତର ସ୍ୱାଧୀନତା ସଂଗ୍ରାମର କଥା ମନେପଡ଼ିଲେ ସର୍ବପ୍ରଥମେ ମନକୁ ଆସେ ମହାତ୍ମା ଗାନ୍ଧୀଙ୍କ ଚରଖା ଓ ସ୍ୱଦେଶୀ ଆନ୍ଦୋଳନର କଥା । ସେହି ସମୟରେ ଚରଖା କେବଳ ସୂତା କାଟିବାର ଏକ ଉପକରଣ ନଥିଲା, ଏହା ଥିଲା ସ୍ୱାବଲମ୍ବନ, ସ୍ୱଦେଶୀ ଚେତନା ଓ ଆର୍ଥିକ ସ୍ୱାଧୀନତାର ପ୍ରତୀକ । ଦେଶ ସ୍ୱାଧୀନ ହେବାର ପ୍ରାୟ ୭୯ ବର୍ଷ ପରେ ଆଜି ଆଧୁନିକତାର ଯୁଗରେ ସବୁକିଛି ବଦଳିଯାଇଥିଲେ ମଧ, ଆଜିବି କିଛି ପରିବାର ସେହି ପୁରୁଣା ପାରମ୍ପରିକ ବୁଣା କଳାକୁ ଆଶ୍ରୟ କରି ନିଜ ଜୀବନ ଜୀବିକା ଚଳାଇ ଆସୁଛନ୍ତି । ସୂଚନାପ୍ରକାରେ ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ ଭିକ୍ଷା ଗ୍ରାମପଞ୍ଚାୟତର ରତ୍ନାକର ପନକାଙ୍କ ପରିବାର ଏହାର ଏକ ଜୀବନ୍ତ ଉଦାହରଣ । ଅର୍ଥନୈତିକ ଦୁର୍ବଳତା, ଶିକ୍ଷାର ଅଭାବ ଓ ନାନା ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମଧ ସେ ନିଜ ପୂର୍ବଜଙ୍କ ଠାରୁ ମିଳିଥିବା ପାରମ୍ପରିକ ହାତବୁଣା କଳାକୁ ଛାଡ଼ି ନାହାନ୍ତି । ବରଂ ଏହାକୁ ନିଜ ପରିବାରର ଜୀବିକାର ଏକମାତ୍ର ପନ୍ଥା ଭାବେ ଆପଣେଇ ଆସିଛନ୍ତି । ରତ୍ନାକରଙ୍କ ପୂର୍ବଜଙ୍କ ଦ୍ୱାରା



ପ୍ରସ୍ତୁତ କାଠ ନିର୍ମିତ ଲୁଗାବୁଣା ମେସିନ ଆଜି ତାଙ୍କ ପରିବାରର ରୋଜଗାରର ମୁଖ୍ୟ ମାଧ୍ୟମ ହୋଇପାରିଛି । ପିଢ଼ି ପରେ ପିଢ଼ି ଧରି ଏହି କୌଳିକ ବୃତ୍ତି ପରିବାରକୁ ଜୀବନ ଜୀବିକା ଯୋଗାଇ ଆସୁଛି । ଏହି ମେସିନରେ ବ୍ୟବହୃତ ପାରମ୍ପରିକ ଉପକରଣଗୁଡ଼ିକ ମଧ୍ୟରେ ଭରଣା, ତସର, ଭାଣ୍ଡି, ଭେଣ୍ଡିକି, ଡ଼ଙ୍ଗୀ, ମହାଦେବ ଖୁଣ୍ଟା, ଓଡ଼ ଖୁଣ୍ଟା, ନଚେନି ଓ ହାତା ଭଳି ଅନେକ ସାମଗ୍ରୀ ରହିଛି । ପ୍ରଥମେ ସୁତାକୁ ପ୍ରସ୍ତୁତ କରି ଡ଼ଙ୍ଗୀରେ ଚଢ଼ାଯାଏ ଏବଂ ପରେ ଅତ୍ୟନ୍ତ ନିଖୁଣ ଭାବରେ ବୁଣା ପ୍ରକ୍ରିୟା ସମ୍ପନ୍ନ କରାଯାଏ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ପାରମ୍ପରିକ ବୁଣା ମେସିନରେ ପ୍ରସ୍ତୁତ ହେଉଥିବା ଡିଜାଇନ ଓ ନକ୍ସା ଆଧୁନିକ ଯନ୍ତ୍ରରେ ତିଆରି ବସ୍ତ୍ର ଠାରୁ କୌଣସି ଅଂଶରେ କମ ନୁହେଁ । କେବଳ କାଠ ଓ ଦଉଡ଼ିରେ ତିଆରି ଏହି ଯନ୍ତ୍ର ଦେଖିବାକୁ ଯେତେ ସାଧାରଣ ଲାଗେ, ଏହାକୁ ଚଳାଉଥିବା କାରିଗରଙ୍କ ହାତର କୌଶଳ ସେତେ ଆଶ୍ଚର୍ଯ୍ୟଜନକ । ପ୍ରତିଟି ସୁତାର ହିସାବ ରଖି ହାତରେ ପ୍ରସ୍ତୁତ ହେଉଥିବା ଶାଢ଼ୀ ଓ ସାଲ ଦେଖିବାକୁ ଖୁବ ସୁନ୍ଦର ଓ ମଜବୁତ ହୋଇଥାଏ । 'ଆମର ଏହି କାମ ହିଁ ପରିବାରର ଭରସା । ଆଗରୁ ବସ୍ତ୍ର ତିଆରି କରି ରଖିବାକୁ ଅର୍ଥ ନାହିଁ । ଲୋକେ ଅର୍ଡର ଦେଲେ ଅଗ୍ରିମ ଟଙ୍କା ନେଇ କାମ କରୁଛୁ ।' ରତ୍ନାକର ପନକା- ସମୟ ସହ କମିଛି ଚାହିଦା, ବଢ଼ିଛି ସମସ୍ୟା, ଏକ ସମୟରେ ଏହି ହାତବୁଣା ବସ୍ତ୍ରର ଚାହିଦା ବହୁତ ଥିଲା । ଲୋକେ ଅର୍ଡର ଦେଇ ବସ୍ତ୍ର କିଣୁଥିଲେ ଓ ଏହା ଏକ ସମୃଦ୍ଧ ଶିଳ୍ପ ଭାବରେ ପରିଚିତ ଥିଲା । କିନ୍ତୁ ସମୟ ପରିବର୍ତ୍ତନ ସହିତ ଯନ୍ତ୍ର ନିର୍ମିତ ପୋଷାକ ବଜାରକୁ ଆସିବା ପରେ ଏହି ପାରମ୍ପରିକ ଶିଳ୍ପର ଚାହିଦା କମିବାରେ ଲାଗିଛି । ଅର୍ଥ ଅଭାବ ଯୋଗୁଁ ରତ୍ନାକରଙ୍କ ପରିବାର ପୂର୍ବରୁ ବସ୍ତ୍ର ପ୍ରସ୍ତୁତ କରି ରଖିପାରୁନାହାନ୍ତି । ଆବଶ୍ୟକୀୟ କଞ୍ଚାମାଲ ଓ ସୁତା ଆଣିବା ପାଇଁ ଛତିଶଗଡ଼ର ଜଗଦଲପୁର ପର୍ଯ୍ୟନ୍ତ ଯିବାକୁ ପଡୁଛି, ଯାହା ଆର୍ଥିକ ବୋଝକୁ ଆହୁରି ବଢ଼ାଇ ଦେଉଛି । ରତ୍ନାକରଙ୍କ ପରିବାରରେ ଦୁଇଜଣ ଦିବ୍ୟାଙ୍ଗ ସନ୍ତାନ ରହିଛନ୍ତି । ଏହି ପରିସ୍ଥିତିରେ ପରିବାରର ଦାୟିତ୍ୱ ଓ ଜୀବନ ସଂଗ୍ରାମ ଆହୁରି କଷ୍ଟକର ହୋଇପଡିଛି । ତଥାପି ସ୍ୱାମୀ-ସ୍ତ୍ରୀ ଦିନ ତମାମ ପରିଶ୍ରମ କରି ନିଜ ଜୀବନକୁ ଆଗକୁ ନେବାରେ ଚେଷ୍ଟା କରୁଛନ୍ତି । ଭିକ୍ଷା ଗ୍ରାମର ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦାମାନେ ସରକାରଙ୍କୁ ଦାବି କରିଛନ୍ତି ଯେ, ଏଭଳି ପାରମ୍ପରିକ କାରିଗରମାନଙ୍କୁ ଆର୍ଥିକ ସହାୟତା, ସ୍ୱଳ୍ପ ତାଲିମ, ଆଧୁନିକ ଯନ୍ତ୍ରପାତି ଏବଂ ବଜାର ବ୍ୟବସ୍ଥାର ସୁବିଧା ଯୋଗାଇ ଦିଆଯାଉ । ଏହାଦ୍ୱାରା କେବଳ ଏକ ପରିବାର ନୁହେଁ, ଅନେକ ପରିବାର ଏହି ଜୀବିକାକୁ ଆପଣେଇ ସ୍ୱାବଲମ୍ବୀ ହୋଇପାରିବେ । ସ୍ଥାନୀୟ ଲୋକଙ୍କ ମତରେ, ସରକାର ଯଦି ସମୟ ଥିବାବେଳେ ଏହି ଲୁପ୍ତପ୍ରାୟ କଳା ଓ ପ୍ରତିଭାକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନନେବେ, ତେବେ ଆଗାମୀ ଦିନରେ ଏହି ପାରମ୍ପରିକ ବୁଣା ଶିଳ୍ପ କେବଳ ସ୍ମୃତିରେ ସୀମିତ ହୋଇ ରହିଯିବ ।

## ବରଗଡ଼ ଜିଲ୍ଲାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଅନ୍ତର୍ଜାତୀୟ ଯୋଗ ଦିବସ ଆଜି ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ଓ ଗ୍ରାମପଞ୍ଚାୟତ ମୁଖ୍ୟାଳୟ ତଥା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି । ଏହି କ୍ରମରେ ବରଗଡ଼ ସ୍ଥିତ ଇନଡୋର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସାମୂହିକ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ମହତ୍ତ୍ୱ ଏବଂ ସୁସ୍ଥ ଜୀବନଶୈଳୀ ଗଠନରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ଆହ୍ୱାନ ଜଣାଇ ଯୋଗ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର ସଦସ୍ୟ ଏବଂ ସାଧାରଣ ଜନତା ଉପସ୍ଥିତ ରହି ବରଗଡ଼ ଯୋଗ ସମିତିର ତିନିଜଣ ପ୍ରଶିକ୍ଷକଙ୍କ ନେତୃତ୍ୱରେ ପରିଚାଳିତ ସାମୂହିକ ଯୋଗାଭ୍ୟାସରେ ପ୍ରାର୍ଥନା, ସୂକ୍ଷ୍ମ ବ୍ୟାୟାମ, ଯୋଗାସନ, ପ୍ରାଣାୟାମ, ଧ୍ୟାନ ଓ ଶାନ୍ତି ମନ୍ତ୍ର ଆଦି କମନ୍ ଯୋଗ ପ୍ରୋଟୋକଲ ଅନୁଯାୟୀ ହଜାର ଯୋଗାଭ୍ୟାସ କରିଥିଲେ । ଏହି ଅବସରରେ ବରଗଡ଼ ଜିଲ୍ଲା ଯୋଗ ସମିତିର ସଂଯୋଜକ ମାର୍ତ୍ତଣ୍ଡଦେବ ସାହୁ ଏବଂ ଯୋଗ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନିଜଣ ଯୋଗ ପ୍ରଶିକ୍ଷକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରି ଖଜୁରଟିକ୍ରା ୟୁପିଏସ୍‌ର ଛାତ୍ରଛାତ୍ରୀମାନେ ଯୋଗ ନୃତ୍ୟ ପରିବେଷଣ କରିଥିଲେ । ଯୋଗର ବିଭିନ୍ନ ଆସନକୁ ସାଂସ୍କୃତିକ ଉପସ୍ଥାପନା ସହ ସମନ୍ୱୟ କରି ସେମାନେ ଯୋଗର ବାର୍ତ୍ତାକୁ ସୃଜନଶୀଳ ଭାବରେ ପ୍ରସାର କରିଥିଲେ । ସେମାନଙ୍କର ଏହି ପରିବେଷଣ ଉପସ୍ଥିତ ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ବିପୁଳ ଜନସମାଗମ ଓ ସକ୍ରିୟ ଅଂଶଗ୍ରହଣ ଜିଲ୍ଲାରେ ଯୋଗ ପ୍ରତି ବୃଦ୍ଧି ପାଉଥିବା ସଚେତନତା ଏବଂ ସୁସ୍ଥ ଜୀବନଶୈଳୀ ପ୍ରତି ଲୋକଙ୍କ ଆଗ୍ରହର ପ୍ରତିଫଳନ ହୋଇଥିଲା । ଶେଷରେ ସମସ୍ତେ ଯୋଗକୁ ଜୀବନର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରି ସୁସ୍ଥ, ସମୃଦ୍ଧ ଓ ସନ୍ତୁଳିତ ଜୀବନ ଗଠନ ପାଇଁ ସଂକଳ୍ପ ଗ୍ରହଣ କରିଥିଲେ ।




# ଟୋକନ ଥାଇ ମଧ ଧାନ ବିକ୍ରି ହୋଇପାରୁନି



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ସେବା ସମବାୟ କେନ୍ଦ୍ରରୁ ଚାଷୀମାନେ ଟୋକନ ପାଇଥିଲେ ମଧ ଧାନ ବିକ୍ରି ହୋଇପାରୁନଥିବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମଥୁରା ପାକ୍ସ ଚାଷୀମାନେ ବାର ନରସିଂହପୁର ମାର୍କେଟ ୟାର୍ଡ ଠାରେ ଟୋକନ ପାଇ ମଧ ରବି ଧାନ ବିକ୍ରୀ କରିନପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଦିନ ଦିନ ଧରି ମଣ୍ଡିରେ ଧାନ ରଖି ଖରା ବର୍ଷାରେ ପଡିରହିଥିବା ଚାଷୀ ବୌଦ୍ଧ ଆସି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଧାନ କ୍ରୟ ପାଇଁ ମିଲର ଟାର୍ଗେଟ୍ ସରି ଯାଇଥିବା ଯୋଗୁଁ ଚାଷୀମାନେ ଧାନ ରଖି ମଣ୍ଡିରେ ଦିନ ଦିନ ଧରି ପଡିରହିଛନ୍ତି । ଅନେକ ଚାଷୀ ଟୋକନ୍ ପାଇଥିଲେ ମଧ ମିଲର ଟ୍ରକ୍ ଆସୁନଥିବା ହେତୁ ଧାନ ଆଣିବାକୁ ସମିତି କର୍ତ୍ତୃପକ୍ଷ ମନା କରୁଛନ୍ତି । ରବି ଧାନ ବିକ୍ରି ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଟାର୍ଗେଟ୍ ଅପେକ୍ଷାରେ ମଣ୍ଡି ସପ୍ତାହେ ହେଲା ବନ୍ଦ ରହିଛି । ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି ।

## ////////// ସ୍ୱାସ୍ଥ୍ୟସେବାରେ କାୟା ମେଲାଇଲାଣି ଦଲାଲଗିରି //////////

# ନୀରବଦ୍ରଷ୍ଟା ସ୍ୱାସ୍ଥ୍ୟ ବିଭାଗ:ରୋଗୀ ଶୋଷଣର ଶିକାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ହେଲେ ତୃଣମୂଳସ୍ତରରେ ତାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ବିନା ପଞ୍ଜିକରଣରେ ମାଳମାଳ ଘରୋଇ ଚିକିତ୍ସାଳୟ ମୁଣ୍ଡ ଟେକୁଥିବା ବେଳେ ସେହି ଅନୁପାତରେ ଦଲାଲଗିରି ବି ବଢ଼ିବାରେ ଲାଗିଛି । ବିଭିନ୍ନ ମାଧ୍ୟମରେ ରୋଗୀଙ୍କୁ ଶୋଷଣ କରାଯାଉଛି । ସବୁଠୁ ବଡ଼ କଥା ହେଉଛି ବ୍ରହ୍ମପୁର ବଡ଼ ମେଡ଼ିକାଲର ଚାରିପାର୍ଶ୍ୱରେ ଏବେ ଘରୋଇ ଚିକିତ୍ସାଳୟ ଖୋଲିଛି । ଯେଉଁଠୁ ଦଲାଲମାନେ ବ୍ରହ୍ମପୁର ବଡ଼ଡ଼ାକ୍ତରଖାନା ଆସି ପଇଁତରା ମାରିବା ସହ ରୋଗୀଙ୍କୁ ଶୋଷଣ କରୁଛନ୍ତି । ଗତ କିଛି ଦିନ ତଳେ ଏକ ଘରୋଇ ଡାକ୍ତରଖାନାରୁ ଏଭଳି ଅଭିଯୋଗ ସାମ୍ନାକୁ ଆସିଥିଲା । ରୋଗୀଙ୍କୁ ଚିକିତ୍ସା ଲାଗି ଭଡ଼ାରେ ଡାକ୍ତରଙ୍କୁ ଆଣି ଅଧିକ ଟଙ୍କା ଦାବି କରୁଥିବା ନେଇ ସମ୍ପର୍କୀୟମାନେ ଅଭିଯୋଗ ଆଣିଥିଲେ । ମାମଲା ଥାନା ଓ ଉପଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିବା ପରେ ସମାଧାନର ରାସ୍ତା ବାହାରିଥିବା ଜଣାପଡ଼ିଛି । ତେବେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଆସୁଥିବା ରୋଗୀ ଘରୋଇ ଡାକ୍ତରଖାନାର ଦଲାଲଙ୍କ ହାବୁଡ଼ରେ ପଡ଼ି ଶୋଷଣର ଶିକାର ହେଉଥିବାର ନଜିର ରହିଛି । ସରକାରୀ ତଥ୍ୟ ଅନୁସାରେ ଗଞ୍ଜାମ ଜିଲ୍ଲାରେ ପଞ୍ଜୀକୃତ ଘରୋଇ କ୍ଲିନିକ୍ ସଂଖ୍ୟା ୧୨୦ ଥିବାବେଳେ କେବଳ ବ୍ରହ୍ମପୁରରେ ରହିଛି ୧୦୦ କ୍ଲିନିକ୍ । ସେଥିରୁ ଅଧିକାଂଶଙ୍କ ପଞ୍ଜୀକରଣ ପ୍ରମାଣପତ୍ର ରିନ୍ୟୁ ହୋଇନଥିବା ଅଭିଯୋଗ ହୋଇଛି । ସେହି କ୍ଲିନିକ୍‌ର ଦଲାଲମାନେ ବଡ଼ ଡାକ୍ତରଖାନାରେ ସକ୍ରିୟ ହୋଇ ରହୁଛନ୍ତି । ବିଭିନ୍ନ ଜିଲ୍ଲାରୁ ଆସୁଥିବା ଗରିବ ଓ ଅସହାୟ ରୋଗୀଙ୍କୁ କମ୍ ମୂଲ୍ୟରେ ଉନ୍ନତମାନର ଚିକିତ୍ସାସେବା ଯୋଗାଇଦେବା ଆଳରେ ନେଇଯାଉଛନ୍ତି । ଅନେକ ସମୟରେ ରୋଗୀ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଶୋଷଣ ଓ ଦୁର୍ବ୍ୟବହାର ଶିକାର ହେଉଛନ୍ତି । ବିଗତ କିଛି ଦିନ ମଧ୍ୟରେ ସହରର ବିଭିନ୍ନ ଘରୋଇ ଡାକ୍ତରଖାନାରୁ ଏଭଳି ଅଭିଯୋଗ ଆସିଥିବା ସତ୍ତ୍ୱେ, ସ୍ୱାସ୍ଥ୍ୟ ବିଭାଗର ଚେତା ପଶୁନି । ପ୍ରଶାସନ ଅଭିଯୋଗର ତଦନ୍ତ ପାଇଁ ପହଞ୍ଚୁଥିଲେ ବି ଉକ୍ତ ଡାକ୍ତରଖାନାର କର୍ତ୍ତୃପକ୍ଷ ବିରୋଧ କରୁଥିବାର ନଜିର ରହିଛି । ସହରର ସେଲ୍ଫଟ୍ୟାକ୍ସ ଛକ ଠାରୁ ଆରମ୍ଭ କରି କୋର୍ଟପେଟା ଦେଇ ଗେଟ୍ ବଜାର ଛକ ରାସ୍ତାର ଉଭୟପଟ ଓ ଗଳିକନ୍ଦିରେ ମାଳ ମାଳ ଘରୋଇ କ୍ଲିନିକ୍ ଖୋଲିଥିବା ଦେଖିବାକୁ ମିଳିଛି । କେବଳ ଏତିକି ନୁହେଁ, ଏ ସମସ୍ତ କ୍ଲିନିକ୍‌ରେ ଅନଭିଜ୍ଞ ନର୍ସ ଓ ଫାର୍ମାସିଷ୍ଟ ନିୟୋଜିତ ହେଉଛନ୍ତି । ଗତ କିଛି ମାସ ତଳେ ଦିଗପହଣ୍ଡି ଥାନା ଇଲାକାରେ ଏଭଳି ଏକ ନର୍ସିଂ ହୋମ୍ ଠାବ ହୋଇଥିଲା ।

# ଗୋଟିଏ ପ୍ରକଳ୍ପକୁ ୨ଟା ଚିଠା:ବିଡ଼ିଓଙ୍କ ହଟହଟା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବିଧାୟକଙ୍କ ଚିଠାକୁ ଯେତିକି ପ୍ରଶ୍ନ ଉଠୁଛି ସେତିକି କୌତୁହଳ ସୃଷ୍ଟି କରିଛି । ଏହି ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ପଞ୍ଚାୟତରେ ଗୋଟିଏ ପ୍ରକଳ୍ପର ମରାମତି ପାଇଁ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ୩ ଜଣଙ୍କୁ ଚିଠା ଦେଇଥିବା ଦେଖିବାକୁ ମିଳିଛି । ତିର୍ତ୍ତୋଲ ବିଧାୟକ ଶ୍ରୀ ଭୋଇ ତାଙ୍କ ଚିଠି ନମ୍ବର ୧୨୬୭, ୧୭/୬/୨୬ରେ ଅବଦୁଲ ନଜିମଙ୍କ ନାମରେ ତିର୍ତ୍ତୋଲ ବିଡ଼ିଓଙ୍କ ନିକଟକୁ ଆଖୁନମହଲା ସରକାରୀ ୟୁପି ସ୍କୁଲ୍ ମରାମତି ଓ ମେଣ୍ଟେନାନ୍ସ କାର୍ଯ୍ୟାଦେଶ ପାଇଁ ଅନୁମତି ପତ୍ର ଦେଇଥିବାବେଳେ ସେହି ବିଦ୍ୟାଳୟକୁ ୧୧୨୧ ଚିଠି ନମ୍ବରରେ ସିରାଜଉଦ୍ଦିନ ଖାନଙ୍କ ନାମରେ କାର୍ଯ୍ୟାଦେଶ ପାଇଁ ତିର୍ତ୍ତୋଲ ବିଡ଼ିଓଙ୍କ ନିକଟକୁ ପଠାଯାଇଛି । ଅନ୍ୟଏକ ଚିଠି ନମ୍ବର ୧୨୬୮, ୧୭/୬/୨୬ରେ ଅବଦୁଲ ନଜିମଙ୍କ ନାମରେ ହାଜି ସେଖ୍ ସମ୍ମିରଉଦ୍ଦିନ ସରକାରୀ ଉଚ୍ଚ ବିଦ୍ୟାଳୟ ମରାମତି ଓ ମେଣ୍ଟାନାନ୍ସ କାର୍ଯ୍ୟଦେଶ ତିର୍ତ୍ତୋଲ ବିଡ଼ିଓଙ୍କ ନିକଟକୁ ପଠାଇଥିବା ବେଳେ ୨୬/୪/୨୦୨୬ ତାରିଖରେ ଚିଠି ନମ୍ବର ୧୧୨୦ରେ ଅସଲମ ଅଲ୍ଲୀ ଖାନଙ୍କ ନାମରେ ହାଜି ସେଖ୍ ସମ୍ମିରଉଦ୍ଦିନ ସରକାରୀ ଉଚ୍ଚ ବିଦ୍ୟାଳୟ ମରାମତି ଓ ମେଣ୍ଟାନାନ୍ସ କାର୍ଯ୍ୟାଦେଶ ତିର୍ତ୍ତୋଲ ବିଡ଼ିଓଙ୍କ ନିକଟକୁ ପଠାଇଥିବା କୌତୁହଳ ସୃଷ୍ଟି କରିଛି । ତିର୍ତ୍ତୋଲ ବିଧାୟକ ଶ୍ରୀ ଭୋଇ ପଞ୍ଚାୟତରେ କର୍ମୀମାନଙ୍କ ଭିତରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଆଲୋଚନା ହେଉଛି । ଏନେଇ ତିର୍ତ୍ତୋଲ ବିଡ଼ିଓ ଗିରିଜା ଶଙ୍କର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ ଯେ ଗୋଟିଏ ପ୍ରକଳ୍ପକୁ ଦୁଇ ଦୁଇଟା ଚିଠି ଆସିଥିବା ପାଇଛି, ପ୍ରକଳ୍ପ ଅଛି କି ନାହିଁ ତଦନ୍ତ ପରେ ଜଣାପଡିବ ବୋଲି କହିଥିଲେ ।

# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା:ପ୍ରେମିକ ଭୀମସେନ ବିରୋଧରେ ଲାଗିଲା ବିଏନ୍‌ଏସ୍‌ର ସଙ୍ଗିନ ଧାରା-୬୯

**କଟକ, ନ୍ୟୁଜ୍ ବ୍ୟୁରୋ**

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଆସିଛି ବଡ଼ ମୋଡ଼ । ଏହି ବହୁଚର୍ଚ୍ଚିତ ଘଟଣାରେ ଅଭିଯୁକ୍ତ ପ୍ରେମିକ ଭୀମସେନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ବା ବିଏନ୍‌ଏସ୍‌ର ସଙ୍ଗିନ ଧାରା-୬୯ ଲାଗୁ କରିଛି ପୋଲିସ । ବିବାହର ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ଭୀମସେନଙ୍କୁ ଏହି ଧାରାରେ ଛନ୍ଦି ଦିଆଯାଇଛି । ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚନ୍ଦ୍ରିକା ଓ ଭୀମସେନଙ୍କ ମଧ୍ୟରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ଥିଲା । ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ନେଇ ପ୍ରମାଣ ମିଳିଥିବା କୁହାଯାଉଛି । ଏହାକୁ ଆଧାର କରି ପୋଲିସ ମାମଲାରେ ଅଧିକ ଗୁରୁତର ଧାରା ଯୋଡ଼ିଛି । ସେପଟେ ରିମାଣ୍ଡରେ ନେଇ ଅଭିଯୁକ୍ତଙ୍କୁ ଜେରା କରାଯାଉଥିବା ବେଳେ ଚନ୍ଦ୍ରିକାଙ୍କ ମୃତ୍ୟୁ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଥିବା ସୂଚନା ମିଳିଛି । ତେବେ ତଦନ୍ତର ସ୍ୱାର୍ଥ ଦୃଷ୍ଟିରୁ ପୋଲିସ ଏ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରକାଶ କରିନାହିଁ । ଚନ୍ଦ୍ରିକାଙ୍କ ମୃତ୍ୟୁ ପଛରେ ଆଉ କୌଣସି ଷଡଯନ୍ତ୍ର କିମ୍ବା ଚାପ ରହିଥିଲା କି ନାହିଁ, ସେ ଦିଗରେ ମଧ ପୋଲିସ ଖୋଳତାଡ଼ ଜାରି ରଖିଛି । ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ତଦନ୍ତକୁ ଆହୁରି ଜୋର୍‌ଦାର୍ କରାଯାଇଛି । ଏହି ଘଟଣା ରାଜ୍ୟବ୍ୟାପି ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ, ଚନ୍ଦ୍ରିକାଙ୍କ ପରିବାର ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଦାବି କରିଛନ୍ତି ।

# ନୀଳଗାଈ ମୃତ୍ୟୁ ଘଟଣା ବନ ବିଭାଗର କାର୍ଯ୍ୟକଳାପକୁ ନେଇ ଉଠିଲା ପ୍ରଶ୍ନ:ତଦନ୍ତ ଦାବି



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ତରେଇଡ଼ିହି ଗ୍ରାମରେ ଏକ ନୀଳଗାଈର ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ଉଠିଛି । ଗ୍ରାମବାସୀଙ୍କ ସୂଚନା ପାଇବା ସତ୍ତ୍ୱେ ବନ ବିଭାଗ ପକ୍ଷରୁ ସମୟୋଚିତ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇଥିଲା କି ନାହିଁ, ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ସୂଚନା ଅନୁସାରେ, ସକାଳ ପ୍ରାୟ ୧୦ଟା ବେଳେ ଗ୍ରାମବାସୀମାନେ ନୀଳଗାଈଟିକୁ ଗ୍ରାମ ନିକଟରେ ବୁଲୁଥିବା ଦେଖି ବନ ବିଭାଗକୁ ଅବଗତ କରାଇଥିଲେ । କିନ୍ତୁ ଏହାପରେ ମଧ ବନ୍ୟଜନ୍ତୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ବିଭାଗ କେତେ ତତ୍ପରତା ଦେଖାଇଥିଲା, ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ଦୀର୍ଘ ସମୟ ପରେ ସନ୍ଧ୍ୟା ପ୍ରାୟ ୬ଟା ବେଳେ ହାତୀଗାଁ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ନାଳ ମଧ୍ୟରୁ ନୀଳଗାଈଟିର ମୃତଦେହ ଉଦ୍ଧାର ହୋଇଥିଲା ଏବଂ ସ୍ଥାନୀୟ ଲୋକଙ୍କ ମତ ଅନୁସାରେ, ଯଦି ବନ ବିଭାଗ ଖବର ପାଇବା ପରେ ଅଧିକ ସକ୍ରିୟ ଓ ଦ୍ରୁତ ପଦକ୍ଷେପ ନେଇଥାନ୍ତା, ତେବେ ସମ୍ଭବତଃ ନୀଳଗାଈଟିର ଜୀବନ ବଞ୍ଚାଯାଇପାରୁଥାନ୍ତା । ଏହି ଘଟଣା ବନ୍ୟପ୍ରାଣୀ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦିଓ ବନ ବିଭାଗ ପକ୍ଷରୁ ନୀଳଗାଈର ପୋଷ୍ଟମର୍ଟମ କରାଯାଇ ଧାର୍ମିକ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି, ତଥାପି ପ୍ରକୃତ ମୃତ୍ୟୁ କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପୂର୍ବରୁ ଘଟଣାକୁ ସାଧାରଣ ଦୁର୍ଘଟଣା ବୋଲି କହିଦେବା ଉଚିତ୍ ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ନୀଳଗାଈଟି କିପରି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଗ୍ରାମାଞ୍ଚଳକୁ ଆସିଲା ? ସେ କୌଣସି ରୋଗରେ ପୀଡ଼ିତ ଥିଲା କି ? ନା କି ମଣିଷର ହସ୍ତକ୍ଷେପ କିମ୍ବା ଅବହେଳା ଏହି ମୃତ୍ୟୁ ପଛରେ ରହିଛି ? ଏହି ସମସ୍ତ ପ୍ରଶ୍ନର ଉତ୍ତର ପୋଷ୍ଟମର୍ଟମ ରିପୋର୍ଟ ଏବଂ ନିରପେକ୍ଷ ତଦନ୍ତ ପରେ ହିଁ ସାମ୍ନାକୁ ଆସିପାରିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଘଟଣାର ଉଚ୍ଚସ୍ତରୀୟ ଓ ସ୍ୱଚ୍ଛ ତଦନ୍ତ ଦାବି କରିଥିବା ବେଳେ, ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ କୌଣସି ଅବହେଳା ଘଟିଥିଲେ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ଯଥାଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ଦାବି କରିଛନ୍ତି । ବର୍ତ୍ତମାନ ସମସ୍ତଙ୍କ ନଜର ପୋଷ୍ଟମର୍ଟମ ରିପୋର୍ଟ ଉପରେ ରହିଛି, ଯାହା ଏହି ରହସ୍ୟମୟ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ।



# ବେପରୁଆ ଗାଡ଼ି ଚାଳନା ଉପରେ ଅଙ୍କୁଶ ଲଗାଯାଉ:ମହିଳା ସମିତି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ସହରରେ ଯୁବ ପିଢ଼ିଙ୍କ ଦ୍ୱାରା ବେପରୁଆ ଗାଡି ଚାଳନା ସମସ୍ୟା ବୃଦ୍ଧି ପାଉଥିବା ସମ୍ପର୍କରେ ବରଗଡ଼ ମହିଳା ସମିତି ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସମିତିର ଏକ ପ୍ରତିନିଧି ଦଳ ଏସ୍‌ପି ରବୀନ୍ଦ୍ର ଶତପଥୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ ସହ ଏହି ସମସ୍ୟାର ଗମ୍ଭୀରତା ଉପରେ ଆଲୋଚନା କରିଥିଲେ । ଅନେକ ଯୁବ ଚାଳକ ବିଶେଷକରି ସନ୍ଧ୍ୟା ସମୟରେ ରାସ୍ତାରେ ଅଧିକ ଗତିରେ, ଟ୍ରାଫିକ୍ ସିଗ୍‌ନାଲ୍‌କୁ ଅଣଦେଖା କରି ଯେଉଁଭଳି ବିପଦପୂର୍ଣ୍ଣ କାର୍ଯ୍ୟକଳାପ କରନ୍ତି ତାହା କେବଳ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରେନାହିଁ ବରଂ ଦୁର୍ଘଟଣାର ଆଶଙ୍କା ମଧ ବୃଦ୍ଧି କରୁଛି । ଅନେକେ ନିଶାଶକ୍ତ ହୋଇ ଦ୍ରୁତ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଉଛନ୍ତି । ପ୍ରତ୍ୟହ ଏଭଳି ଘଟଣା ଘଟୁଛି ବୋଲି ଦୃଷ୍ଟି ଆକର୍ଷଣ ମଧ କରିଥିଲେ । ଏହାକୁ ତୁରନ୍ତ ରୋକିବା ବ୍ୟବସ୍ଥା ସ୍ୱରୂପ ସହରରେ ପାଟ୍ରୋଲିଂ ବୃଦ୍ଧି କରିବାକୁ ଏବଂ ବେପରୁଆ ଭାବରେ ଗାଡି ଚାଳନା କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି । ଏହା ସହିତ, ଯୁବ ଚାଳକମାନଙ୍କ ପାଇଁ ସଡ଼କ ସୁରକ୍ଷା ବିଷୟରେ ସଚେତନତା ଅଭିଯାନ ଆୟୋଜନ ଦ୍ୱାରା ଏପରି ଘଟଣାକୁ ହ୍ରାସ କରାଯିବାକୁ ନିବେଦନ କରାଯାଇ ବରଗଡ଼ ସହରର ସମସ୍ତ ବାସିନ୍ଦାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ସମିତି ନିବେଦନ ଜଣାଇଛି । ସମିତିର ସମ୍ପାଦିକା ରିନୁ ପତି ଓ ଉପସଭାପତି ସସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ମମତା ମିଶ୍ର, ଅଞ୍ଜନା ଦାସ, କନକ ପ୍ରଧାନ, ସ୍ୱାଧିନ ଦାଶ, ଜୟନ୍ତୀ ପ୍ରଧାନ, ଡ. ସୁଜାତା ପଣ୍ଡା, ସଙ୍ଗୀତା ଗୁପ୍ତା, ଭାରତୀ ମିଶ୍ର, ବାସନ୍ତୀ ଗଡତିଆ, ସଂଘମିତ୍ରା ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

# ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ସଚେତନତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ଅବକାରୀ ବିଭାଗ ଏବଂ କେନ୍ଦ୍ରାପଡା କଲେଜ ମିଳିତ ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି । ଏ ଉପଲକ୍ଷେ ତିନିମୁହାଣୀ ସ୍ଥିତ ରାମମନ୍ଦିର ପରିସରରୁ ଏକ ବିରାଟ ଶୋଭାଯାତ୍ରା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସହର ପରିକ୍ରମା କରି ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ବିରୋଧରେ ସ୍ଲୋଗାନ୍ ଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏଥିସହିତ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା (ସାଧାରଣ) ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଗୌରାଙ୍ଗ ଚରଣ ଗିରି, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ସାନ୍ତନୁ କୁମାର ଜେନା, ପ୍ରଜାପିତା ବ୍ରହ୍ମକୁମାରୀ ସ୍ନେହ ଭଉଣୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବକାରୀ ଅଧକ୍ଷ ନିଶା ଚୋରା ଚାଲାଣ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉପସ୍ଥିତ ଥିବା ସମସ୍ତ ଅତିଥି, ଛାତ୍ରଛାତ୍ରୀ ମାନଙ୍କୁ ନିଶାମୁକ୍ତ ଭାରତ ଅଭିଯାନର ସଫଳ ରୂପାୟନ ନିମନ୍ତେ ସମୂହ ଶପଥପାଠ କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ଅବକାରୀ ବିଭାଗର କର୍ମଚାରୀ, ଯୋଗ ଗୁରୁ ସଂଜୟ ମଥାନ, ନିମାଇଁ ଚରଣ ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ କୁମାର ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।



## ////////// ଟାସ୍କଫୋର୍ସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ //////////

# ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୫ କିଶୋର ଓ ଜଣେ ଶିଶୁ ଶ୍ରମିକ ଉଦ୍ଧାର

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ବିଶେଷ ସଚେତନତା ଓ ଶିଶୁ ଶ୍ରମିକ ନିୟୋଜିତ କରିଥିବା ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ୟାପକ ପଦକ୍ଷେପ ଯାଜପୁର ଜିଲ୍ଲାରେ ଗ୍ରହଣ କରାଯାଇଛି । ଯାଜପୁର ଜିଲ୍ଲାରେ ପ୍ରାୟ ପନ୍ଦର ଦିନ ଶିଶୁ ଶ୍ରମିକ ନିୟୋଜନ ବାରଣ ପାଇଁ ସଚେତନତା ରଥ, ରାଲି, ବ୍ୟାପକ ସଚେତନତା ପାଇଁ ସରକାରୀ ବିଭାଗ ଓ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ବୈଠକ ସହିତ ଶିଶୁ ଶ୍ରମିକ ସମ୍ବନ୍ଧୀୟ ଟାସ୍କ ଫୋର୍ସ ଦ୍ୱାରା ଘନ ଘନ ରେଡ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାୟକ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ସଚେତନତା ରଥ ଓ ରାଲିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ୟାପକ ସଚେତନତା କରାଯାଇଥିଲା ଏବଂ ସଚେତନତା ରଥ ଜିଲ୍ଲାର ସବୁ ବ୍ଲକ ଓ ପୌରପାଳିକା ମଧ୍ୟରେ ଭ୍ରମଣ କରିଥିଲା । ବିଭିନ୍ନ ଅଞ୍ଚଳରେ ରେଡ କରି ଶିଶୁ ଓ କିଶୋର ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲା । ଯାଜପୁର ବ୍ଲକ ଓ ପୌରପାଳିକାରେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ, ସହକାରୀ ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଚଢଉ କରାଯାଇ ୭ଜଣ କିଶୋର ଶ୍ରମିକ ବିଭିନ୍ନ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ ଥିଲାବେଳେ ସେମାନଙ୍କୁ ଉଦ୍ଧାର କରି ମାଲିକ ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେହିପରି ସହକାରୀ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ ବେହେରା, ସହକାରୀ ଶ୍ରମ ଅଧିକାରୀ ସ୍ମୃତି ରଞ୍ଜନ ପଣ୍ଡା, ସହକାରୀ ଶ୍ରମ ଅଧିକାରୀ ଅଭିଜିତ ଜୟପ୍ରକାଶ ପ୍ରଧାନ ବ୍ୟାସନଗର ପୌରପାଳିକା ଓ କୋରେଇ ବ୍ଲକରୁ ୪ ଜଣ କିଶୋର ଶ୍ରମିକ, ସହକାରୀ ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡା, ସହକାରୀ ଶ୍ରମ ଅଧିକାରୀ ଶତରୂପା ସାହୁ ବରୀ ବ୍ଲକ୍ ଅଞ୍ଚଳରୁ ୨ ଜଣ କିଶୋର ଶ୍ରମିକ, ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସହକାରୀ ଶ୍ରମ ଅଧିକାରୀ ରଚନା ସେଠି, ସହକାରୀ ଶ୍ରମ ଅଧିକାରୀ ଶତାବ୍ଦୀକା ନାୟକ ଦାନଗଦି ଓ ସୁକିନ୍ଦା ବ୍ଲକରୁ ୨ ଜଣ କିଶୋର ଓ ଜଣେ ଶିଶୁ ଶ୍ରମିକ ଉଦ୍ଧାର କରି ଆବଶ୍ୟକୀୟ ବିହିତ ପଦକ୍ଷେପ ନେବା ସହିତ ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶିଶୁ ଶ୍ରମିକ ସମ୍ବନ୍ଧୀୟ ଟାସ୍କ ଫୋର୍ସର ସଦସ୍ୟ ଆବାହକ ତଥା ଜିଲ୍ଲା ଶ୍ରମ ଅଧିକାରୀ, ଯାଜପୁର, ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ ଏବଂ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଚାଇଲ୍ଡ ଲାଇନ୍ ସଦସ୍ୟ ଏବଂ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ଯଦି କୌଣସି ସଂସ୍ଥା କିମ୍ବା ମାଲିକ କୌଣସି ଶିଶୁ ଓ କିଶୋର ଶ୍ରମିକ ନିୟୋଜିତ କରିବାର କିଛି ସୂଚନା ମିଳେ, ତେବେ ନିୟମ ଅନୁଯାୟୀ ଆବଶ୍ୟକୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।





# ଚୈକୀବଟ କ୍ଷେତ୍ରରେ ମହାପ୍ରଭୁ ଓ ଦେବୀ ରୁକ୍ମିଣୀଙ୍କ ବିବାହ ସମ୍ପନ୍ନ

**ସାଲେପୁର, ନ୍ୟୁଜ୍**

ପବିତ୍ର ରୁକ୍ମିଣୀ ହରଣ ଏକାଦଶୀ ଅବସରରେ ବୈଦିକ ବିଦର୍ଭ ନଗରର ରାଜଧାନୀ ସାଲେପୁର ଶିଶୁଆ ନିକଟସ୍ଥ କରିମାବାଦ-ବାଲିଆ ସ୍ଥିତ ଭୀଷ୍ମକୁଣ୍ଡି ନଗରୀର ଚୈକୀବଟ କ୍ଷେତ୍ରରେ ରୁକ୍ମିଣୀ ବିବାହ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ମହିଳାମାନଙ୍କ ଦ୍ୱାରା, ମାଆଙ୍କ ବିବାହ ଉପଲକ୍ଷେ, ହଳଦୀ, ମେହେନ୍ଦି, ସଙ୍ଗୀତ, ସିନ୍ଦୂର ଖେଳ, ପରେ ପାଣି ତୋଳାଯାଇ କଳସ ସ୍ଥାପନ କରାଯାଇ ତେତିଶ କୋଟି ଦେବାଦେବୀଙ୍କୁ ବିବାହ ଉତ୍ସବକୁ ଆବାହନ ପରେ ଜଗନ୍ନାଥ ମହାପ୍ରଭୁ ଏବଂ ରୁକ୍ମିଣୀ ମାତା ପହଣ୍ଡି ହୋଇ ବିବାହ ମଣ୍ଡପକୁ ବିଜେ କରିଥିଲେ । ରୁକ୍ମିଣୀ ମାତାଙ୍କ ପିତୃ ପ୍ରତିନିଧି ଭାବେ 'ଶ୍ରୀଜଗନ୍ନାଥ ଚେତନା ମହାସତ୍‌ସଙ୍ଗ'ର ରାଷ୍ଟ୍ରୀୟ ଅଧକ୍ଷ 'ଇଂ ପ୍ରଫେସର ଡଃ ପ୍ରସନ୍ନ କୁମର ସ୍ୱାଇଁ (ପ୍ରସନ୍ନଜୀ)' ଏବଂ 'ପ୍ରଫେସର ଡଃ ପ୍ରଭାତୀ ସ୍ୱାଇଁ', ଦେବ ଦମ୍ପତ୍ତିଙ୍କ ବିବାହ ବେଦୀରେ କନ୍ୟାଦାନ କରିଥିଲେ । ତ୍ରୈଲୋକ୍ୟ ନାଥ ଭୂୟାଁ ଏବଂ ସାବିତ୍ରୀ ଭୂୟାଁ ବର ପିତୃ ପ୍ରତିନିଧିଙ୍କ ଦାୟିତ୍ୱ ନିର୍ବାହ କରିଥିଲେ । ବିବାହ ସାହାନାଇର ତାଳେ ତାଳେ କଉଡ଼ି ଖେଳ, ଦେବ ଦମ୍ପତ୍ତିଙ୍କୁ ବନ୍ଦାପନା, ସମବେତ ପୁଷ୍ପାଞ୍ଜଳି, ବିଶ୍ୱଶାନ୍ତି ମହାଆଳତୀ ପରେ ଭକ୍ତମାନଙ୍କୁ ଦେବ ଦମ୍ପତ୍ତି ଆଶୀର୍ବାଦ ପ୍ରଦାନ କରିବା ପରେ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା । ୧୦୮ ବର୍ଷ ଧରି ଏହି ଦେବ ଦମ୍ପତ୍ତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ କରାଇବା ପାଇଁ, ଦେବ-ଦମ୍ପତିଙ୍କ ଠାରେ ଅନୁମତି ନିବେଦନ କରାଯାଇଥିଲା । ଏହି ଦେବ ଦମ୍ପତ୍ତିଙ୍କ ବିବାହ ଉତ୍ସବକୁ ପ୍ରଦୀପ୍ତ କିଶୋର ଭୂୟାଁ, କୃଷ୍ଣ ଚନ୍ଦ୍ର ରାଉତରାୟ, ଅକ୍ଷୟ କୁମାର ଭୂୟାଁ, ଜାନକୀ କାନ୍ତ ଭୂୟାଁ, ବନବିହାରୀ ଚକ୍ର, ବିଜୟ ମହାନ୍ତି, ଅନୁରାଧା ରାୟ, ଦୀପ୍ତିମୟୀ ଭୂୟାଁ, ସନ୍ଧ୍ୟାରାଣୀ ଚକ୍ର ତଥା ଉପସ୍ଥିତ ଅନ୍ୟାନ୍ୟ ଭକ୍ତମାନେ ପରିଚାଳନା କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ମ ଲଗ୍ନ | ୧୧ | ଶୁ୧୦ ୯ରା |
| ୨ବୃଶୁବୁ | ୧୭ / ୮ | ୮ |
| ୩କେ ୪ | ୫ | ୭ ୬ର |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୦୬।୨୦୨୬, ଜ୍ୟେଷ୍ଠ ଦ୧୩ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୧୨।୧୭ ଚନ୍ଦ୍ରୋଦୟ- ଦିଘ ୪।୩୦।୫୪**

ତ୍ରୟୋଦଶୀ ରାଘ ୧୨।୪୫ ପର୍ଯ୍ୟନ୍ତ, ଅନୁରାଧା ନକ୍ଷତ୍ର ରାଘ ୧୦।୧୩ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୨।୪୫ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୨ ଗତେ ଦିଘ ୧୨।୧୮ ମଧ୍ୟେ । ଦିଘ ୩।୦୮ ଗତେ ଦିଘ ୩।୪୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଦଇତା ପ୍ରବେଶ ।

**ମେଷ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ସାମାଜିକ କ୍ଷେତ୍ରରେ ଅସମ୍ମାନ ହୋଇପାରନ୍ତି ।

**ବୃଷ:** ଶୁଭ ଖବର ପାଇ ଆନନ୍ଦିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଭଲ ରହିବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଭଲ ହେବ । ଆୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ ।

**ମିଥୁନ:** ସମସ୍ତ କାର୍ଯ୍ୟରେ ସଫଳତା ମିଳିବ । ଦେହ ଓ ମନ ଭଲ ରହିବ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**କର୍କଟ:** ଅଟକି ରହିଥିବା କାର୍ଯ୍ୟ ଆରମ୍ଭ ହୋଇପାରେ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ ।

**ସିଂହ:** କର୍ମକ୍ଷେତ୍ରରେ କିଛିଟା ସମସ୍ୟା ଦେଖାଦେବ । ଏକାଧିକ କାମ ହାତକୁ ନେଇ ଅସୁବିଧାରେ ପଡ଼ିପାରନ୍ତି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଅଶାନ୍ତି ଓ କଳହ ଦେଖାଦେବ ।

**କନ୍ୟା:** ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ । ରୋଜଗାର ସ୍ଥିର ରହିବ । ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ବ୍ୟବସାୟରେ କ୍ଷତିର ସମ୍ଭାବନା ।

**ତୁଳା:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଅଶାନ୍ତି ଦେଖାଦେବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ । ବନ୍ଧୁଙ୍କ ସହ କଳହ ଦେଖାଦେବ ।

**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାରରେ ଉନ୍ନତି ଦେଖାଦେବ । ପାରିବାରିକ ଜୀବନରେ ସୁଖ ଶାନ୍ତିରେ ବିତିବ । ମନ ଭଲ ରହିବ ।

**ଧନୁ:** ଚାକିରୀ କ୍ଷେତ୍ରରେ ଉପରିସ୍ଥ କର୍ମକର୍ତ୍ତାଙ୍କ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ଘରେ ଖୁସିର ବାତାବରଣ ଖେଳିବ । ଦୂରଯାତ୍ରା କରି ସଫଳତା ଅର୍ଜନ କରିବେ । ଭ୍ରମଣ ଯୋଗ ରହିଛି ।

**ମକର:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରୁହନ୍ତୁ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଘରେ ବିଶୃଙ୍ଖଳା ସୃଷ୍ଟି ହେବାର ସୂଚନା ।

**କୁମ୍ଭ:** ପରିଶ୍ରମ ଅନୁସାରେ ପାରିଶ୍ରମିକ ପାଇ ଖୁସି ହେବେ । ଆର୍ଥିକ ସ୍ଥିତି ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ହେବ ।

**ମୀନ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଦେହ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ଧର୍ମ କାର୍ଯ୍ୟରେ ଯୋଗଦେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମନ ଭଲ ରହିବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୦୬।୨୦୨୬, ଜ୍ୟେଷ୍ଠ ଦ୧୪ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୩୩ ଚନ୍ଦ୍ରୋଦୟ- ସଂଘ ୫।୨୪।୧୭**

ଚତୁର୍ଦ୍ଦଶୀ ରାଘ ୩।୦୮ ପର୍ଯ୍ୟନ୍ତ, ଜ୍ୟେଷ୍ଠା ନକ୍ଷତ୍ର ରାଘ ୧।୧୦ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ରାଘ୧।୧୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ରାଘ୧।୧୦ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । **ଘାତଚନ୍ଦ୍ର-** ରାଘ୧।୧୦ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୩।୦୬ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୫୯ ଗତେ ଦିଘ ୯।୪୦ ମଧ୍ୟେ । ଦିଘ ୧।୩୦ ଗତେ ଦିଘ ୨।୫୫ ମଧ୍ୟେ । **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଚୀନ୍ ଲଙ୍କା ଓ ଜାପାନ ଆମ୍ବ ନେବାକୁ ମନାକଲା

ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ଭାରତକୁ ବଡ଼ ଦ୍ୱିମୁଖୀ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଛି । ଶତ୍ରୁ ଦେଶ ଚୀନର ଆଭିମୁଖ୍ୟ ବୁଝାପଡୁଥିବା ବେଳେ, ଏବେ ପରମ ମିତ୍ର ଜାପାନର ଏକ ନିଷ୍ପତ୍ତି ଭାରତ ପାଇଁ ବଡ଼ ଚିନ୍ତାର କାରଣ ସାଜିଛି । ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଭାରତୀୟ ଲଙ୍କା ଉପରେ ଚୀନ୍ କଟକଣା ଲଗାଇଥିବା ବେଳେ, ଜାପାନ ଭାରତୀୟ ଆମ୍ବ ଆମଦାନୀ ଉପରେ ନିଷେଧାଦେଶ ଜାରି କରିଛି । ଏହା ଭାରତୀୟ କୃଷି ରପ୍ତାନି କ୍ଷେତ୍ର ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି । ଲଙ୍କାରେ ମିଳିଲା କୀଟନାଶକ: ଭାରତରୁ ପଠାଯାଇଥିବା ଲଙ୍କା ଗୁଣ୍ଡରେ ଅତ୍ୟଧିକ ପରିମାଣର 'ମେଥାମିଡୋଫସ୍' ନାମକ କୀଟନାଶକ ମିଳିବା ପରେ ଚୀନ୍ କଷ୍ଟମସ ବିଭାଗ ଏହାକୁ ଅଟକାଇ ଦେଇଛି । ଏହି କୀଟନାଶକ ସ୍ନାୟୁ ପ୍ରଣାଳୀ ସହ ଜଡ଼ିତ ରୋଗର କାରଣ ପାଲଟିଥାଏ । ଏହା ପୂର୍ବରୁ ଚୀନ୍ ଭାରତର ୭୦ଟି ଅଣ-ବାସୁମତୀ ଚାଉଳ କନସାଇନମେଣ୍ଟକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିସାରିଛି । ଭାରତୀୟ ମ୍ୟାଙ୍ଗୋ ପ୍ଲାଣ୍ଟରେ ତ୍ରୁଟି: ଅନ୍ୟପଟେ ବିଗତ ଚାରି ଦଶନ୍ଧି ମଧ୍ୟରେ ଦ୍ୱିତୀୟ ଥର ପାଇଁ ଜାପାନ ଭାରତୀୟ ଆମ୍ବ ଉପରେ ପ୍ରତିବନ୍ଧକ ଲଗାଇଛି । ଜାପାନର ଏକ ଯାଞ୍ଚ ଦଳ ଭାରତୀୟ ପ୍ଲାଣ୍ଟରେ 'ଫ୍ୟୁମିଗେସନ୍' ପ୍ରକ୍ରିୟାରେ ବଡ଼ ଧରଣର ତ୍ରୁଟି ପାଇବା ପରେ ଏହି ଆକ୍ସନ ନେଇଛି । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ୧୯୮୬ ମସିହାରେ 'ଫ୍ରୁଟ୍-ଫ୍ଲାଇ' ସଂକ୍ରମଣ ଯୋଗୁଁ ଜାପାନ ପ୍ରାୟ ୨୦ ବର୍ଷ ପାଇଁ ଭାରତୀୟ ଆମ୍ବ ଉପରେ ବ୍ୟାନ୍ ଲଗାଇଥିଲା, ଯାହାକି ପରେ ୨୦୦୬ରେ ହଟିଥିଲା । ଏବେ ପୁଣି ସମାନ ସମସ୍ୟା ଦେଖାଦେଇଛି । ଏହି ସଙ୍କଟ ପରେ ଆନ୍ଧ୍ରପ୍ରଦେଶର ଲଙ୍କା ରପ୍ତାନିକାରୀ ଏବଂ ଆମ୍ବ ଚାଷୀ ସଂଘ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । କୃଷି କ୍ଷେତ୍ରରେ କ୍ଷତିକାରକ କେମିକାଲ ବ୍ୟବହାର ଉପରେ ରୋକ୍ ଲଗାଇବା ସହ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଦାବି ହୋଇଛି । 'ଫେଡେରେସନ ଅଫ୍ ଇଣ୍ଡିଆନ ସ୍ପାଇସ ସ୍ଟେକହୋଲ୍ଡର୍ସ' ଅନୁଯାୟୀ, ବିଦେଶୀ ବଜାରରେ ଭାରତୀୟ ସାମଗ୍ରୀ ପ୍ରତ୍ୟାଖ୍ୟାନ ହେବାର ହାର ୫%ରୁ ବୃଦ୍ଧି ପାଇ ଏବେ ୨୦% ରେ ପହଞ୍ଚିଛି । ୨୦୨୪ ପ୍ରାରମ୍ଭରେ ହଂକଂ ଏବଂ ସିଙ୍ଗାପୁର ଭାରତର ପ୍ରସିଦ୍ଧ ମସଲା ବ୍ରାଣ୍ଡ 'ଏମଡିଏଚ୍' ଏବଂ 'ଏଭରେଷ୍ଟ' ର କେତେକ ମସଲାରେ 'ଏଥିଲିନ ଅକ୍ସାଇଡ' ମିଳିବା ପରେ ସେଗୁଡ଼ିକୁ ବଜାରରୁ ପ୍ରତ୍ୟାହାର କରିନେଇଥିଲେ । WHO ର କ୍ୟାନ୍ସର ଗବେଷଣା ସଂସ୍ଥା ଅନୁଯାୟୀ, ଏଥିଲିନ ଅକ୍ସାଇଡ୍ ଏକ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ । ଏହା ପରେ ବିଶ୍ୱର ପ୍ରାୟ ୫ଟି ବଡ଼ ଦେଶ ଭାରତୀୟ ମସଲା ଉପରେ କଟକଣା ଲଗାଇଛନ୍ତି । ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ଏଥିଲିନ ଅକ୍ସାଇଡ୍ ପାଇଁ ବିଦେଶରେ ଭାରତୀୟ ମସଲା ବ୍ୟାନ୍ ହେଉଛି, ତାହା ଭାରତୀୟ ଘରୋଇ ବଜାରରେ ବିକ୍ରି ହେଉଥିବା ମସଲାରେ ନିୟମିତ ଯାଞ୍ଚ କରାଯାଏ ନାହିଁ। ବିଦେଶ ପାଇଁ କଡ଼ା ନିୟମ ଥିବା ବେଳେ ଘରୋଇ ଗ୍ରାହକଙ୍କ ପାଇଁ ଏଭଳି କୌଣସି ବ୍ୟବସ୍ଥା ନାହିଁ । ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭାଇରନମେଣ୍ଟ ଅନୁଯାୟୀ, ଭାରତର ଅଧିକାଂଶ ସରକାରୀ ଲାବ୍ରୋଟାରୀରେ ମସଲା ଏବଂ କୃଷି ଜାତ ଦ୍ରବ୍ୟରେ କୀଟନାଶକ ଯାଞ୍ଚ କରିବା ପାଇଁ ଆବଶ୍ୟକୀୟ ଆଧୁନିକ ଉପକରଣ ଯେପରିକି ଗ୍ୟାସ୍ କ୍ରୋମାଟୋଗ୍ରାଫି ଏବଂ ମାସ୍ ସ୍ପେକ୍ଟ୍ରୋମେଟ୍ରି ନାହିଁ । ଫଳରେ ନମୁନାଗୁଡ଼ିକୁ ପ୍ରାଇଭେଟ୍ ଲ୍ୟାବ୍କୁ ପଠାଇବାକୁ ପଡୁଛି ଏବଂ ରିପୋର୍ଟ ଆସିବାରେ ବହୁତ ସମୟ ଲାଗୁଛି । ପେଷ୍ଟିସାଇଡ୍ ଆକ୍ସନ ନେଟୱର୍କର ରିପୋର୍ଟ ଅନୁଯାୟୀ, ଖାଦ୍ୟ ପଦାର୍ଥରେ କୀଟନାଶକର ମାତ୍ରା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି । ବିଶ୍ୱର ଦ୍ୱିତୀୟ ବୃହତ୍ତମ ଚାଷଜମି ଥାଇ ମଧ୍ୟ ବିଶ୍ୱ କୃଷି ବାଣିଜ୍ୟରେ ଭାରତର ଅଂଶଧନ ମାତ୍ର ୨.୨% ରୁ ୨.୪% ଅର୍ଥାତ୍ ପ୍ରାୟ ୫୦ ବିଲିୟନ ଡଲାର ରହିଛି । ଭାରତର କୃଷି ରପ୍ତାନି ୨୦୧୯-୨୦ ରେ ୩୪.୫ ବିଲିୟନ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ରେ ୫୧.୧ ବିଲିୟନ ଡଲାରରେ ପହଞ୍ଚିଛି । ଏଭଳି ପରିସ୍ଥିତିରେ ଯଦି ଆନ୍ତର୍ଜାତୀୟ ସ୍ତରରେ ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠେ, ତେବେ ବିଶ୍ୱ ବଜାରରେ ଭାରତର ବିଶ୍ୱସନୀୟତା ହ୍ରାସ ପାଇବାର ଆଶଙ୍କା ରହିଛି । ସରକାର ତୁରନ୍ତ ନିୟମ ପାଳନର ଢାଞ୍ଚା ସୁଦୃଢ଼ କରିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

# ନକ୍ସଲଧାରଣାକୁ ସମର୍ଥନ କରୁଥିବା ବିଶ୍ୱବ୍ୟାପୀ ପରିବେଶ : ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣ



ଡ଼. କପିଳେନ୍ଦ୍ର ଦାସ
ଭେଲା, ନୂଆପଡା
daskapilendra2012@gmail.com
୭୮୯୪୫୨୯୮୦୧

ବିଶ୍ୱର ରାଜନୈତିକ ଚିତ୍ରରେ ନକ୍ସଲବାଦ ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ, ଜଟିଳ, ଅଦ୍ଭୁତ ଏବଂ ଏକ ବିବାଦିତ ଶକ୍ତି ରୂପେ ଦେଖାଦେଇ ଅଛି । ଏହାର ମୂଳଦୁଆରୁ ମାଓବାଦୀ ଆନ୍ଦୋଳନରୁ ଉଦ୍ଭବ ହୋଇ, ଏହା ଏକ ବିଶ୍ୱବ୍ୟାପୀ ବ୍ୟବସ୍ଥାକୁ ଏକ ବିଶେଷ ଦୃଷ୍ଟିକୋଣରୁ ଦେଖିଥାଏ ଓ ତାହାର ବିରୋଧରେ ଏକ ବିପ୍ଳବୀ ଯୁଦ୍ଧ ଚଳାଇବାକୁ ପ୍ରସ୍ତାବ ଦେଇଥାଏ । ଏହା କେବଳ ଗୁଳିଯୁଦ୍ଧ ନୁହେଁ, ଏକ ବିଶ୍ୱଦୃଷ୍ଟିକୋଣ, ଏକ ଜନଜାତି ଓ ପରିବାରର କଥା, ଏକ ଅର୍ଥନୈତିକ ନିର୍ଣ୍ଣୟର ପ୍ରତିଫଳନ। ନକ୍ସଲ ଆଦର୍ଶର ଦୃଷ୍ଟିକୋଣରୁ ବିଶ୍ୱବ୍ୟବସ୍ଥାକୁ ବିଶ୍ଳେଷଣ କରିବା ଅର୍ଥାତ ଏହାର ମୂଳ ଦାର୍ଶନିକ ଭିତ୍ତି, ବିଶ୍ୱାବ୍ୟାପୀ ବ୍ୟବସ୍ଥାର ଗଠନ, ଶୋଷଣ ପ୍ରକ୍ରିୟା ଓ ତା' ବିରୋଧରେ ଏକ ବିପ୍ଳବର ଆବଶ୍ୟକତା ବିଷୟରେ ଆଲୋଚନା କରିବା ଏହି ପ୍ରବନ୍ଧର ମୂଳ ଉଦ୍ଦେଶ୍ୟ । ଏହା କେବଳ ଭାରତର ଆଭ୍ୟନ୍ତରୀଣ ଛୁଇଁନାହିଁ ବରଂ ବିଶ୍ୱର ବିଭିନ୍ନ କୋଣରେ ବିକଶିତ ହୋଇଥିବା ବିଭିନ୍ନ ପ୍ରକାରର ବିପ୍ଳବୀ ଆନ୍ଦୋଳନ ମାନଙ୍କ ସହ ସମାନତା ଓ ପାର୍ଥକ୍ୟକୁ ନିର୍ଦ୍ଦିଷ୍ଟ କରିବାକୁ ପଡିଥାଏ । ଏହାକୁ ବୁଝିବା ପାଇଁ ଆମେ ନକ୍ସଲ ଆଦର୍ଶର ମୂଳଉତ୍ସ, ଏହାର ମାର୍କ୍ସବାଦୀ-ଲେନିନବାଦୀ-ମାଓବାଦୀ ଭିତ୍ତି ଏବଂ ବିଶ୍ୱ ବ୍ୟବସ୍ଥା ପ୍ରତି ଏହାର ଦୃଷ୍ଟିକୋଣକୁ ଗଭୀରତା ଅନୁଧାବନ କରିବାକୁ ଚେଷ୍ଟା କରିବା । ନକ୍ସଲ ଆଦର୍ଶର ମୂଳ ପ୍ରେରଣା ମାର୍କ୍ସବାଦ, ଲେନିନବାଦ ଏବଂ ବିଶେଷ ଭାବେ ଚାନ୍‌କାଇ ଶେକଙ୍କ ମାଓବାଦୀ ଚିନ୍ତାଧାରାରୁ ଆସିଛି । କାର୍ଲମାର୍କ୍ସ ଓ ଫ୍ରେଡ୍ରିକ ଏଙ୍ଗଲସ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ମାର୍କ୍ସବାଦ ଇତିହାସକୁ ଶ୍ରେଣୀ ସଂଘର୍ଷର ଇତିହାସ ଭାବେ ଦେଖିଥାଏ । ମାର୍କ୍ସବାଦ ଅନୁଯାୟୀ, ବର୍ତ୍ତମାନର ବିଶ୍ୱ ବ୍ୟବସ୍ଥା ଏକ ପୁଞ୍ଜୀବାଦୀ ବ୍ୟବସ୍ଥା, ଯାହାର ମୂଳଦୁଆରେ ଦୁଇଟି ମୁଖ୍ୟ ଶ୍ରେଣୀ ରହିଛି, ବୁର୍ଜୁଆ ବର୍ଗ (ମଧ୍ୟବିତ୍ତ ଶ୍ରେଣୀ) ଓ ମଜଦୁର ଶ୍ରେଣୀ (ଦରିଦ୍ର ଶ୍ରମଜୀବୀ ଶ୍ରେଣୀ) । ଅର୍ଥାତ ଶୋଷକ ବର୍ଗ ଓ ଶୋଷିତ ବର୍ଗ । ଗୋଟିଏ ବର୍ଗ ଖଟାଇବେ ଏବଂ ଅନ୍ୟବର୍ଗ ଖଟିବେ । ମାର୍କ୍ସ ଅନୁସାରେ ଏହି ଶୋଷଣ ବ୍ୟବସ୍ଥାର ବିରୋଧରେ ଏକ ବିପ୍ଳବ ହୋଇପାରିବ ଯାହା ପ୍ରୋଲେଟାରିଅଟ (ମଜଦୂର ଶ୍ରେଣୀ) ନେତୃତ୍ୱରେ ଏକ ନବୀନ ସମାଜ ପ୍ରତିଷ୍ଠା କରିବ, ଯାହାକୁ ସମାଜବାଦୀ ସମାଜ କୁହାଯାଏ । ଲେନିନ୍ ରୁଷିୟ ବିପ୍ଳବରେ ଏହି ତତ୍ତ୍ୱକୁ ବାସ୍ତବରେ ପ୍ରୟୋଗ କରିଥିଲେ । ଲେନିନ ଏକ ଆଦର୍ଶ ବିପ୍ଳବକୁ ଏକ ପ୍ରାଦେଶିକ ବିପ୍ଳବରେ ପରିଣତ କରିବାପାଇଁ ଏକ ଅଗ୍ରଣୀ ଦଳ ଆବଶ୍ୟକତା ଉପରେ ଜୋର ଦେଇଥିଲେ । ସେ ବିଶ୍ୱବ୍ୟାପୀ ପୁଞ୍ଜିବାଦୀ ବ୍ୟବସ୍ଥାର ଦୁର୍ବଳତା ଏବଂ ଏହାର ବିପ୍ଳବୀ ବିରୋଧୀ ସ୍ୱଭାବକୁ ମଧ୍ୟ ପରିଲକ୍ଷିତ କରିଥିଲେ । ତାଙ୍କ ଦୃଷ୍ଟିକୋଣରେ, ବିଶ୍ୱରେ ଏକ ମୁଖ୍ୟ ଶ୍ରେଣୀ ସଂଘର୍ଷ ଚାଲିଛି : ଇମ୍ପେରିଆଲିଷ୍ଟ ଶକ୍ତିମାନଙ୍କ (ମୁଖ୍ୟତଃ ପର୍ଶ୍ଚିମ ଦେଶଗୁଡିକ) ଦ୍ୱାରା ଶୋଷଣ ହେଉଥିବା ଅର୍ଦ୍ଧ-ଔପନିବେଶିକ ଦେଶଗୁଡିକର ଜନତା ବିରୋଧରେ ଏକ ବୈଶ୍ୱିକ ବ୍ୟବସ୍ଥା ବିଦ୍ୟମାନ । ନକ୍ସଲ ଆଦର୍ଶ ଅନୁଯାୟୀ, ବର୍ତ୍ତମାନର ବିଶ୍ୱବ୍ୟବସ୍ଥା ଏକ ବହୁଜାତୀୟ, ପୁଞ୍ଜିବାଦୀ ବ୍ୟବସ୍ଥା ଯାହା ଶୋଷଣ, ବିଭାଜନ ଓ ଅତ୍ୟାଚାର ଉପରେ ପ୍ରତିଷ୍ଠିତ । ଏହାକୁ ସେମାନେ ଏକ "ଇମ୍ପେରିଆଲିଷ୍ଟ ବ୍ୟବସ୍ଥା" ବୋଲି କହନ୍ତି । ଏହି ବ୍ୟବସ୍ଥାର ମୁଖ୍ୟ ବିଶେଷତା ଗୁଡିକ ହେଲା- ଇମ୍ପେରିଆଲିଷ୍ଟ ଶକ୍ତିମାନଙ୍କର ପ୍ରଭୁତ୍ୱ : ମୁଖ୍ୟତଃ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ପରି ପର୍ଶ୍ଚିମ ଦେଶଗୁଡିକ ଓ ତାଙ୍କ ମିଶ୍ରଶକ୍ତି ବିଶ୍ୱ ଅର୍ଥନୀତି, ରାଜନୀତି ଓ ସାମରିକ ବ୍ୟବସ୍ଥାରେ ପ୍ରଭୁତ୍ୱ ବଜାୟ ରଖିଥାନ୍ତି । ସେମାନେ ବହୁଜାତୀୟ କର୍ପୋରେସନ୍, ଆନ୍ତର୍ଜାତୀୟ ଆର୍ଥିକ ସଂସ୍ଥା ଓ ନାଟୋ ପରି ସାମରିକ ମିତ୍ରତାକୁ ବ୍ୟବହାର କରି ବିଶ୍ୱକୁ ନିଜ ଉପଯୋଗରେ ଲଗାନ୍ତି । ମାଓବାଦୀ ଚିନ୍ତାଧାରା ନକ୍ସଲ ଆଦର୍ଶର ପ୍ରତ୍ୟକ୍ଷ ଉତ୍ସ । ସେ ଚୀନରେ ବିପ୍ଳବ କରିବା ପାଇଁ "ଗ୍ରାମାଞ୍ଚଳ ନିକଟରୁ ସହରକୁ ବିପ୍ଳବ"ର ନୀତି ଅବଲମ୍ବନ କରାଯାଇଥିଲା । ଏହାଦ୍ୱାରା, ଗ୍ରାମାଞ୍ଚଳର କୃଷକମାନେ ପ୍ରୋଲେଟାରିଆଟ୍ (ଶ୍ରମଜୀବୀ ଶ୍ରେଣୀ) ଶ୍ରେଣୀର ଏକ ଗଠିତ ଓ ବିପ୍ଳବୀ ଶକ୍ତି ଭାବେ କାର୍ଯ୍ୟ କରିପାରିବେ ବୋଲି ଠିକ୍ କରାଯାଇଥିଲା । ବିଶ୍ୱରେ ଏକ "ବିପ୍ଳବୀ ଅବସ୍ଥା" ବିଦ୍ୟମାନ ଯେଉଁଠାରେ ଇମ୍ପେରିଆଲିଷ୍ଟ ଶକ୍ତିମାନଙ୍କ ବିରୋଧରେ ଅର୍ଦ୍ଧ-ଔପନିବେଶିକ ଦେଶଗୁଡିକରେ ଜନତାଙ୍କ ଦ୍ୱାରା ଏକ ବୈଶ୍ୱିକ ବିପ୍ଳବ ହୋଇପାରିବ । ଏହାକୁ "ବିଶ୍ୱ ବିପ୍ଳବର କେନ୍ଦ୍ରବିନ୍ଦୁ" ଭାବେ ଅଭିହିତ କରାଯାଇଥିଲା । ଏହି ମାଓବାଦୀ ତତ୍ତ୍ୱ ଭାରତରେ ନକ୍ସଲବାଦୀ ଆନ୍ଦୋଳନର ମୂଳଭିତ୍ତି ହୋଇପଡିଥିଲା । ବିଶ୍ୱବ୍ୟାପୀ ପରିବେଶର ମୂଳ ଉପଦାନ : ଶ୍ରମିକ ଓ କୃଷକ ସଂଗଠନ- International Trade Union Confedertion (ITUC), World Federation of Trade Unions (WFTU), via campesina (Belgium) ପରି ସଂଗଠନ ଗୁଡିକ ଶ୍ରମିକ ଓ କୃଷକ ସମସ୍ୟାକୁ ମାଓ୍ୱିଷ୍ଟ ଧାରଣା ଏହିତ ସଂପର୍କିତ କରି Anti-State Narrativeକୁ ଶକ୍ତିଶାଳୀ କରୁଛନ୍ତି । ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ- Alpa Shah (UK), Kalika Mehta (Germany) ପରି ଗବେଶକ ମାନେ ଭୀମ୍ କୋରୋଗାଁଓ ପରି ଘଟଣାକୁ "systemic repression" ଭାବେ ପ୍ରତିଷ୍ଠା କରି Maoist narrativeକୁ ଆନ୍ତର୍ଜାତୀୟ ମାନଚିତ୍ରରେ ପ୍ରଚାର କରୁଛନ୍ତି । ବିଶ୍ୱବ୍ୟାପୀ ନକ୍ସଲ ଆଦର୍ଶର ସମର୍ଥନର କାରଣ- ଦାରିଦ୍ର୍ୟ ଓ ଅସମାନତା ଜମି ସମସ୍ୟା, ଜମିସୁଧାରର ଅଭାବ, ଆଦିବାସୀ ଓ ଦଳିତଙ୍କ ଶୋଷଣ, ଆଦିବାସୀ ଅଧିକାର ଜଙ୍ଗଲ ଓ ଜମିରୁ ବଞ୍ଚିତ ହେବା, ବିକାଶ ପ୍ରକଳ୍ପରେ ପୁନର୍ବାସର ଅଭାବ ଇତ୍ୟାଦି । ନକ୍ସଲ ଧାରଣାକୁ ସମର୍ଥନ କରୁଥିବା ବିଶ୍ୱବ୍ୟାପୀ ପରିବେଶରେ ବାମପନ୍ଥୀ ଆନ୍ଦୋଳନ, ଶ୍ରମିକ ସଂଗଠନ, ଆଦିବାସୀ ଅଧିକାର ଆନ୍ଦୋଳନ ଓ ଡିଜିଟାଲ ପ୍ରଚାର ମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ପରିବେଶ ନକ୍ସଲ ଧାରଣାକୁ ଆନ୍ତର୍ଜାତୀୟ ମାନଚିତ୍ରରେ ଜୀବନ୍ତ ରଖିବାକୁ ଚେଷ୍ଟା କରୁଛି, ଯଦିଓ ଭାରତରେ ସରକାରୀ ପ୍ରତିକ୍ରିୟାରେ ଏହାର ଭୌତିକ ଭିତ୍ତିକୁ ଦୁର୍ବଳ କରାଯାଇଛି । ନକ୍ସଲବାଦୀ ଆନ୍ଦୋଳନର ଜନ୍ମ ଭାରତର ଅନ୍ତର୍ଗତ ଏକ ଜଟିଳ ରାଜନୈତିକ ଓ ସାମାଜିକ ପରିସ୍ଥିତିରୁ ଆସିଛି । ୧୯୬୦ ଦଶକର ଶେଷ ଭାଗରେ, ବିଶେଷକରି ପର୍ଶ୍ଚିମବଙ୍ଗର ନକ୍ସଲବାଡ଼ି ଅଞ୍ଚଳରେ, କୃଷକ ଓ ଆଦିବାସୀ ଜନଜାତିଙ୍କ ଉପରେ ଜମିଦାରମାନଙ୍କର ଅତ୍ୟାଚାର, ରାଜ୍ୟ ଓ କେନ୍ଦ୍ରର ବିକାଶବାଦୀ ନୀତିର ଅବହେଳା, ଏବଂ ବାମପନ୍ଥୀ ଆନ୍ଦୋଳନର ଭିତରେ ବିଭିନ୍ନ ମତଭେଦର ପ୍ରକାଶ ଯୋଗୁଁ ଘଟିଥିଲା । ଚାରୁ ମଜୁମଦାରଙ୍କ ନେତୃତ୍ୱରେ ଏକ ଶାଖା କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ମାର୍କ୍ସବାଦୀ-ଲେନିନବାଦୀ) ଗଠନ କରାଯାଇଥିଲା, ଯାହା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଶସ୍ତ୍ର କ୍ରାନ୍ତିକାରୀ ପନ୍ଥାକୁ ଆହ୍ୱାନ କରିଥିଲା । ଏହି ପନ୍ଥା ଚୀନର ମାଓସେତୁଙ୍ଗଙ୍କ ନେତୃତ୍ୱରେ ହୋଇଥିବା କୃଷକ ବିପ୍ଳବରୁ ପ୍ରେରଣା ଗ୍ରହଣ କରିଥିଲା, ବିଶେଷକରି "ଗରିଲା ଯୁଦ୍ଧ" ଏବଂ "ଗ୍ରାମାଞ୍ଚଳରେ କ୍ଷମତା ଗଠନ"ର ଧାରଣାକୁ । ଏହି ଆନ୍ଦୋଳନର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଏକ ଛୋଟିଆ, ଆତ୍ମଗୋପନ କରିଥିବା ଦଳ ଥିଲା, ଯାହା ମୁଖ୍ୟତଃ ପର୍ଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ବିହାରର କେତେକ ଆଦିବାସୀ ଅଞ୍ଚଳରେ ସକ୍ରିୟ ଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ସମାଜବାଦୀ ବିପ୍ଳବ ଦ୍ୱାରା ଜମିଦାରୀ ପ୍ରଥାକୁ ଉନ୍ମୋଚନ କରିବା, ଆଦିବାସୀଙ୍କ ଅଧିକାର ପାଇଁ ଲଢ଼ିବା ଏବଂ ଏକ ନ୍ୟାୟପ୍ରଦ ସମାଜ ନିର୍ମାଣ କରିବା । କିନ୍ତୁ ସମୟକ୍ରମେ, ବିଶେଷ କରି ୧୯୭୦ ଦଶକରେ, ଏହି ଆନ୍ଦୋଳନ ଭାରତର ବିଭିନ୍ନ ଅଞ୍ଚଳକୁ ବିସ୍ତାର ଲାଭ କଲା । ମଧ୍ୟ ଭାରତରେ ବିଶେଷ କରି ମଧ୍ୟପ୍ରଦେଶ (ବର୍ତ୍ତମାନ ଛତିଶଗଡ଼), ଓଡିଶା ଏବଂ ମହାରାଷ୍ଟ୍ରର ଘଞ୍ଚ ଜଙ୍ଗଲାବୃତ ଅଞ୍ଚଳରେ ନକ୍ସଲବାଦୀ ଆନ୍ଦୋଳନ ଏକ ଶକ୍ତିଶାଳୀ ରୂପ ନେଲା । ଏହି ଅଞ୍ଚଳଗୁଡିକ ଅତ୍ୟନ୍ତ ଅବିକଶିତ, ପ୍ରତ୍ୟନ୍ତ ଏବଂ ରାଜ୍ୟର କେନ୍ଦ୍ରୀୟ ଶାସନର ପ୍ରଭାବରୁ ଅଲଗା ଥିଲା, ଯାହା ନକ୍ସଲବାଦୀମାନଙ୍କୁ ଏଠାରେ ଶକ୍ତିଶାଳୀ ହୋଇ ପ୍ରତିଷ୍ଠିତ ହେବାର ସୁଯୋଗ ଦେଇଥିଲା । ଏହି ସବୁ ଅଞ୍ଚଳରେ ବିଦ୍ୟମାନ ଦାରିଦ୍ର୍ୟ, ଜମିଦରୀ ଅତ୍ୟାଚାର, ଆଦିବାସୀଙ୍କ ଉପରେ ବିଭିନ୍ନ ମହକୁମା ଓ ଖଣି କମ୍ପାନୀମାନଙ୍କର ଅତ୍ୟାଚାର ଏବଂ ରାଜ୍ୟର ବିକାଶ ଯୋଜନାରୁ ଏହି ଅଞ୍ଚଳର ଅବହେଳା ନକ୍ସଲବାଦୀ ଆନ୍ଦୋଳନକୁ ଜନସମର୍ଥନ ଦେଇଥିଲା । ଏହା କ୍ରମେ ଏକ ବିଶାଳ ବିଦ୍ରୋହର ରୂପ ନେଲା, ଯାହାକୁ ଭାରତ ସରକାର ଆନ୍ତର୍ଜାତୀୟ ଜଙ୍ଗଲ ଯୁଦ୍ଧ ବୋଲି ଡାକିଥିଲା । ନକ୍ସଲବାଦୀ ଆନ୍ଦୋଳନ ଏକ ଜଟିଳ ଓ ବହୁମୁଖୀ ଘଟଣା । ଏହା କେବଳ ଭାରତର ଏକ ଆଭ୍ୟନ୍ତରୀଣ ସମସ୍ୟା ନୁହେଁ, ବରଂ ଏକ ବିଶ୍ୱବ୍ୟାପୀ ପ୍ରବାହର ଅଂଶ ଭାବେ ପରିଗଣିତ ହୋଇପାରେ । ଏହା ମାଓବାଦୀ ଦର୍ଶନର ଏକ ରୂପାନ୍ତରିତ ସଂସ୍କରଣ ଯାହା ଭାରତର ବିଶେଷ ସ୍ଥିତିକୁ ଧ୍ୟାନରେ ରଖି ବିକଶିତ ହୋଇଛି । ବିଶ୍ୱବ୍ୟାପୀ ପରିବେଶ ଏହି ଆନ୍ଦୋଳନକୁ ବିଭିନ୍ନ ଉପାୟରେ ପ୍ରଭାବିତ କରିଛି ଏବଂ ଏହାର ଅବସ୍ଥିତିକୁ ନିର୍ଦ୍ଧାରଣ କରିଛି । ଏହା ଏକ ବିବାଦୀୟ ପରିସ୍ଥିତି ଯାହା ଏକ ପକ୍ଷରେ ଆଦିବାସୀ ଅଧିକାର ଓ ଦାରିଦ୍ର୍ୟ ବିରୋଧୀ ଲଢ଼ିବାର ଏକ ପ୍ରତିନିଧିତ୍ୱ ହୋଇପାରେ, ଅନ୍ୟ ପକ୍ଷରେ ଏହା ଏକ ହିଂସାତ୍ମକ ବିଦ୍ରୋହ ଯାହା ନାଗରିକମାନଙ୍କ ଉପରେ ପ୍ରଭାବ ପକାଇଥାଏ । ବିଶ୍ୱବ୍ୟାପୀ ପରିବାରେ ନକ୍ସଲବାଦୀ ଆନ୍ଦୋଳନକୁ ସମର୍ଥନ ଦେଉଥିବା ଆଦିବାସୀ ଅଧିକାର ଓ ଦାରିଦ୍ର୍ୟ ବିରୋଧୀ ଲଢ଼ିବାର ଏକ ପ୍ରତିନିଧିତ୍ୱ ହୋଇପାରେ, ଅନ୍ୟପକ୍ଷରେ ଏହା ଏକ ହିଂସାତ୍ମକ ବିଦ୍ରୋହ ଯାହା ନାଗରିକମାନଙ୍କ ଉପରେ ପ୍ରଭାବ ପକାଇଥାଏ । ବିଶ୍ୱବ୍ୟାପୀ ସମର୍ଥନ ଏହି ଆନ୍ଦୋଳନକୁ ଏକ ବୈଧ ପ୍ରତିରୋଧ ଆନ୍ଦୋଳନ ଭାବେ ପରିଗଣିତ କରିବାରେ ସହାୟତା କରିଛି, କିନ୍ତୁ ଏହା ଏକ ବିବାଦିତ ପରିସ୍ଥିତିକୁ ଅଧିକ ଜଟିଳ କରିଛି । ନକ୍ସଲବାଦୀ ଆନ୍ଦୋଳନର ଭବିଷ୍ୟତ ଏକ ଅଜଣା ପରିସ୍ଥିତିରେ ନିର୍ଭର କରେ । ଭାରତ ସରକାର ଏହାକୁ ଦମନ କରିବା ପାଇଁ ଏକ ବିଶେଷ ବଳବତ୍ତର ଯୋଜନା କରିଛି, କିନ୍ତୁ ଏହାର ମୂଳ କାରଣଗୁଡିକ ଯଥା ଦାରିଦ୍ର୍ୟ, ଅବିକାଶ ଏବଂ ଆଦିବାସୀ ଅଧିକାର ଅବହେଳାଗୁଡିକୁ ଠିକ କରାହେଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ଦମନ କରିବାରେ ସମର୍ଥ ହୋଇପାରିବୋ ବିଶ୍ୱବ୍ୟାପୀ ପରିବେଶ ଏହି ଆନ୍ଦୋଳନକୁ ଏକ ବିଶ୍ୱବ୍ୟାପୀ ପ୍ରବାହର ଅଂଶ ଭାବେ ଦେଖିବାକୁ ବାଧ କରିଛି, ଯାହାର ମୂଳରେ ଏକ ବିଶ୍ୱବ୍ୟାପୀ ବାମପନ୍ଥୀ ଚିନ୍ତାଧାରା ରହିଛି ଯାହା ଆନ୍ତର୍ଜାତୀୟ ପୁଞ୍ଜିବାଦର ବିରୋଧରେ ଲଢ଼େ । ଆଗାମୀ ଦିନରେ ଆଦିବାସୀ ଓ ପଛରେ ପଡିଥିବା ସମାଜର ସାମଗ୍ରୀକ ବିକାଶ ନକ୍ସଲବାଦୀ ହିଂସାତ୍ମକ ଚିନ୍ତାଧାରାକୁ ଭାରତ ତଥା ପୃଥିବୀରୁ ଦୂର କରିବାରେ ସହାୟକ ହେବ ବୋଲି ଚିନ୍ତାକରି ସରକାରଙ୍କୁ ନିଜର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ହେବ ।



ନିଶାପ
(ନିରପେକ୍ଷ ଶାସନ ପଦ୍ଧତି)
ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

କାଳନେମି

ଚରିତ୍ର

ଶ୍ରଦ୍ଧେୟ ଭକ୍ତବୃନ୍ଦ, ଏହି ସମାଜରେ ପ୍ରତ୍ୟେକ ମନୁଷ୍ୟ ସ୍ୱାଭିମାନୀ, ଧନୀ ହେଉ କି ଗରିବ ହେଉ । ଛୋଟ ହେଉ କି ବଡ ହେଉ ଜାତି ହେଉ କି ଅଜାତି ହେଉ ସମସ୍ତଙ୍କୁ ଇଶ୍ୱର ସୃଷ୍ଟିକୁ ପଠାଇଛନ୍ତି । ତେଣୁ ଏ ସୃଷ୍ଟିରେ ଯିଏ ଯେଉଁ ଅଭିନୟ କରିବାକୁ ଆସିଛି ସେ କରିବ । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ। କିନ୍ତୁ ଏ ଚରିତ୍ର ଶବ୍ଦଟି ବଡ ଜଟିଳ, ପାନରୁ ଚୂନ ଖସିଗଲେ କଥା ସଇଲା, କିନ୍ତୁ ସୁଧିବୃନ୍ଦ ସବୁ ଚରିତ୍ରର ସଂଯୋଗ ସମାନ ନୁହେଁ, ଅନ୍ୟର ଚରିତ୍ରକୁ ଆକ୍ଷେପ କରିବା ପୂର୍ବରୁ ନିଜର ଚରିତ୍ରକୁ ସମୀକ୍ଷା କର, ପ୍ରକୃତରେ ତମ ଚରିତ୍ରରେ କଣ ଦାଗ ଲାଗିନାହିଁ ? କାୟ, ମନ, ବାକ୍ୟ ଦ୍ୱାରା କେଉଁଠି ନା କେଉଁଠି ଦାଗ ଥିବ ତାକୁ ସମୀକ୍ଷା କର । ତାପରେ ଯାଇ ଅନ୍ୟର ଚରିତ୍ର ଉପରକୁ କଥା ଉଠାଇବ । କିନ୍ତୁ କଥାରେ ଅଛି ଯାହା ନଦେଖିବ ଦୁଇନୟନେ, ପରତେ ନ ଯିବ ଗୁରୁ ବଚନେ, ଏହି କଥାଟିକେ ବିଚାର କରନ୍ତୁ, ଶୁଣିବା କଥା କି କାନ କୁହାକଥାରେ ଭାସିଯାଅନାହିଁ, ଫଳ ହେବ ବିପରୀତ ସାବଧାନ ।ହରିଓଁ ।

ବାଧକ ନଥିଲେ ସାଧକ ନୁହେଁ

ହେ ସୁଧିଜନ ଦୁଃଖ ନଥିଲେ ସୁଖ ନାହିଁ । ଦିନ ନଥିଲେ ରାତି ନାହିଁ । ବାଧା ନଥିଲେ ଜଣେ ସାଧୁ ହୋଇପାରେ ନାହିଁ । କାରଣ ବାଧକ ହିଁ ଅଗ୍ନି, ତେଜ, ଶକ୍ତିକୁ ଉତ୍ପନ୍ନ କରିଥାଏ ସାଧକର ଶରୀର ଭିତରେ, ସେହିଁ ଗୁରୁ, ସେହିଁ ଅଚେତ ଘଟକୁ ଚେତନା ରୂପକ ଚୈତନ୍ୟ ଶକ୍ତିକୁ ସାଧକକୁ ଆଧାର ଦେଇଥାଏ । ତେଣୁ କଥାରେ ଅଛି କଷ୍ଟ କଲେ କୃଷ୍ଣ ମିଳନ୍ତି। ସେଠାରେ ଧନ ଲେଖାନଥାଏ । ଭକ୍ତ ହେଉ କି ଶିଷ୍ୟ ହେଉ କି ସାଧକ ହେଉ ତାକୁ ପ୍ରଥମେ ତାର ଲକ୍ଷ କଣ ବୁଝିବାକୁ ପଡିବ । ସେହି ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ତାକୁ ସେହିପରି ବିନମ୍ରତା, ସାଧୁତା, ସତ୍ୟତା, ସଂଯମତା, ସେବା, ଦୟାଭାବ, ଦାନଭାବ ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ । ଏହି ସବୁ ହେଉଛି ମାୟାର ବାଧକ । ଏହାହିଁ ସରଳ ସାଧନା ବା ସାଧନାର ମାର୍ଗ । ତେଣୁ ଗୁରୁମୁଖୀ ହୋଇ କର୍ମରେ ଦେଖିବ ତୁମର ନିଶ୍ଚୟ ସାଧନା ମାର୍ଗରେ ସିଦ୍ଧି ଲାଭ ହୋଇପାରିବ । ହରିଓଁ ।

# ଆର ଏସ୍‌ଏସ୍‌କୁ ନେଇ ବିବାଦ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ଆରଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତଙ୍କୁ ପତ୍ରଲେଖି କହିଛନ୍ତି ଯେ ଏକ ସାମ୍ବିଧାନିକ ଗଣତନ୍ତ୍ରରେ କୌଣସି ବି ସଂଗଠନ ତଦନ୍ତର ଉର୍ଦ୍ଧ୍ୱରେ ନୁହେଁ। ସଂଗଠନର ଆଇନଗତ ସ୍ଥିତି ଏବଂ ସଂଗାଠନାତ୍ମକ ସଂରଚନା ସମ୍ପର୍କୀତ ତଥ୍ୟ, ଟିକସ ବାବଦ ଦେୟ ଏବଂ ଚାନ୍ଦା ବାବଦରୁ ଆୟ ବାବଦରେ ସଂଘ ସାର୍ବଜନୀନ କରୁବୋଲି ମଧ୍ୟ ଖଡଗେ କହିଛନ୍ତି।

ରାଷ୍ଟ୍ରଗଠନ ଏବଂ ରାଷ୍ଟ୍ରଭକ୍ତିର କଥା କହୁଥିବା ଦେଶର ଏକ ଅଣ ପଞ୍ଜିକୃତ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘକୁ ନେଇ ଏବେ ବିବାଦ ଘନେଇବାରେ ଲାଗିଛି । ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଶତବାର୍ଷିକୀ ବର୍ଷରେ ସଂଗଠନକୁ ନେଇ କର୍ଣ୍ଣାଟକର ରାଜ୍ୟ ସରକାର ଅନେକ ପ୍ରଶ୍ନ ଉଠାଇଛନ୍ତି ଓ ସଂଘର ପ୍ରମୁଖ ମୋହନ ଭାଗବତକୁ ଦୁଇ ପୃଷ୍ଠାର ପତ୍ର ଲେଖି ଲିଖିତ ଉତ୍ତର ଦେବାକୁ କହିଛନ୍ତି । କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ କହିଛନ୍ତି ଯେ ଆରଏସ୍‌ଏସ୍ ରାଷ୍ଟ୍ରନିର୍ମାଣ କରୁଛି ବୋଲି କହୁଥିଲେ ମଧ୍ୟ ଦେଶରେ ସାମ୍ପ୍ରଦାୟିକତା ସୃଷ୍ଟି କରୁଛି । ବିନା ପଞ୍ଜିକରଣରେ କୌଣସି ସଂଗଠନ ଚାଲିପାରିବ ନାହିଁ ବୋଲି ମଧ୍ୟ ଖଡ଼ଗେ କହିଛନ୍ତି । ଆରଏସ୍‌ଏସ୍‌ର ପାରଦର୍ଶିତା, ଅର୍ଥର ସ୍ରୋତ ବାବଦରେ ମଧ୍ୟ ତଥ୍ୟ ମାଗିଛନ୍ତି ଖଡ଼ଗେ। ପ୍ରିୟଙ୍କା ଖଡ଼ଗେ ତାଙ୍କ ପତ୍ରରେ ଆରଏସ୍‌ଏସ୍‌ର ୧୦୦ବର୍ଷ ପୂର୍ତ୍ତି ପାଇଁ ଶୁଭେଚ୍ଛା ଜଣାଇବା ସହ ସଂଘକୁ ଘେରିବାକୁ ଉଦ୍ୟମ କରିଛନ୍ତି । ଖଡ଼୍‌ଗେ ତାଙ୍କ ପତ୍ରର ଦର୍ଶାଇଛନ୍ତି ଯେ ଭାରତରେ ଓ ବିଦେଶରେ ସଂଘର ୬୦ ହଜାରରୁ ଅଧିକ ଶାଖା ଓ କୋଟି କୋଟି ସ୍ୱୟଂ ସେବକ ଅଛନ୍ତି ବୋଲି କହୁଥିବା ସଂଗଠନ ନିସନ୍ଦେହ ଭାବେ ସାର୍ବଜନିକ ଜୀବନ ଏବଂ ସମାଜରେ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ରଖିଥାଏ। ଏହାର ବ୍ୟାପକତା, ପ୍ରଭାବ କାରଣରୁ ଆରଏସ୍‌ଏସ୍ ପାରଦର୍ଶିତା, ଉତ୍ତରଦାୟୀ ଏବଂ ସାମ୍ବିଧାନିକ ଅନୁଶାସନର ସର୍ବୋଚ୍ଚ ମାନକ ଅନୁଯାୟୀ ହେବା ଆବଶ୍ୟକ। ପ୍ରିୟାଙ୍କ ଖଡ଼ଗେଙ୍କ ଏହି ପତ୍ର ବାବଦରେ ଇଂରାଜୀ ଦୈନିକ 'ଦି ହିନ୍ଦୁ' ଓ ଅନ୍ୟ କେତେକ ସମ୍ବାଦପତ୍ରରେ ପ୍ରକାଶିତ ହେବାପରେ ସଂଘର ଅନେକ ଭିତିରିକଥା ସମାନାକୁ ଆସିବାରେ ଲାଗିଛି ।

କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ଆରଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତଙ୍କୁ ପତ୍ରଲେଖି କହିଛନ୍ତି ଯେ ଏକ ସାମ୍ବିଧାନିକ ଗଣତନ୍ତ୍ରରେ କୌଣସି ବି ସଂଗଠନ ତଦନ୍ତର ଉର୍ଦ୍ଧ୍ୱରେ ନୁହେଁ। ସଂଗଠନର ଆଇନଗତ ସ୍ଥିତି ଏବଂ ସଂଗାଠନାତ୍ମକ ସଂରଚନା ସମ୍ପର୍କୀତ ତଥ୍ୟ, ଟିକସ ବାବଦ ଦେୟ ଏବଂ ଚାନ୍ଦା ବାବଦରୁ ଆୟ ବାବଦରେ ସଂଘ ସାର୍ବଜନୀନ କରୁବୋଲି ମଧ୍ୟ ଖଡଗେ କହିଛନ୍ତି । ଆରଏସ୍‌ଏସ୍ ଦାୟୀତ୍ୱବାନ ହୋଇ ସମ୍ବିଧାନର ପାଳନ କରିବା ଉଚିତ୍ ଏବଂ ସଂସ୍ଥାର ପଞ୍ଜିକରଣ କରାଇବା ଉଚିତ୍ ଏପରିକି ସଂଘ ସମ୍ବିଧାନ ପରିସରରେ ରହି କାମ କରିବା ଆବଶ୍ୟକ ବୋଲି କହିଛନ୍ତି ଖଡ଼ଗେ। ସଂଘ ଦ୍ୱାରା ଜାରି କରାଯାଇଥିବା ୨୦୨୫-୨୬ ବର୍ଷର ଆର୍ଥିକ ରିପୋର୍ଟରେ କର୍ଣ୍ଣାଟକରେ ୪୧୩୭ଟି ସଂଘ ଶାଖା ଅଛି ବୋଲି ଦର୍ଶାଯାଇଛି । ଏହି ରିପୋର୍ଟକୁ ଉଦ୍ଧୃତ କରି ଖଡ଼ଗେ କହିଛନ୍ତି ଯେ ସଂଘର ଜନସଂପର୍କ ଏବଂ ସଂଗଠନ କ୍ଷମତା ରହିଛି । ସଂଘର ସାର୍ବଜନୀକ ସମ୍ପର୍କ, ସାମାଜିକ କାର୍ଯ୍ୟକ୍ରମକୁ କୌଣସି ବ୍ୟକ୍ତିଗତ ବା ଅନୌପଚାରିକ ବ୍ୟବସ୍ଥା ବୋଲି ମଧ୍ୟ କୁହାଯାଇ ପାରିବା ନାହିଁ । ଏଥିରୁ ସଂଗଠନର ଆଇନଗତ ସ୍ଥିତି ଆର୍ଥିକ ପାରଦର୍ଶିତା, ଆଇନ ବ୍ୟବସ୍ଥା, ଆର୍ଥିକ ସ୍ରୋତ ଏପରିକି ଭାରତର ସମ୍ବିଧାନ ଏବଂ ଆଇନ୍‌ର ଅନୁପାଳନକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ।

ଖଡ଼ଗେ ତାଙ୍କ ପତ୍ରରେ ମୋହନ ଭାଗବତଙ୍କୁ ଅନୁରୋଧ କରିଛନ୍ତି ଯେ ସଂଘକୁ ପଞ୍ଜିକୃତ କରାଇଦିଅନ୍ତୁ । କେଉଁ ଅଇେନ୍ ଆଧାରରେ ଆରଏସ୍‌ଏସ୍ ନିଜର ପରିଚୟକୁ ଔପଚାରିକ ଭାବେ ପଞ୍ଜିକୃତ ନକରାଇ କାମ କରୁଛି କେମିତି ବୋଲି ମଧ୍ୟ ଖଡ଼ଗେ ପ୍ରଶ୍ନ କରିଛନ୍ତି । ଖଡ଼ଗେ କହିଛନ୍ତି ଯେ ଧାର୍ମିକ ଟ୍ରଷ୍ଟ ଏବଂ ଧାର୍ମିକ ସଂସ୍ଥାର ଅଡ଼ିଟ କରାଯାଉଛି । ଧାର୍ମିକ ସଂସ୍ଥା, ଅଣ ସରକାରୀ ସଂଗଠନ (ଏନଜିଓ), ଟ୍ରଷ୍ଟ, ସୋସାଇଟି, କମ୍ପାନୀ ଏବଂ ଅନ୍ୟ ସଂସ୍ଥା ମାନଙ୍କ ସଂରଚନା, କାର୍ଯ୍ୟକଳାପ, ଅର୍ଥୀକ ସ୍ଥିତି ବାବଦରେ ତଥ୍ୟ ପ୍ରଦାନ କରିବା ଜରୁରୀ । ଆରଏସ୍‌ଏସ୍ ତାର ସଂଗଠନାତ୍ମକ ଢ଼ାଞ୍ଚା, ପଦାଧିକାରୀ ଏବଂ ଅଧିକୃତ ପ୍ରତିନିଧିଙ୍କ ବିବରଣୀ, ଦାନ, ଯୋଗଦାନ, ଖର୍ଚ୍ଚ ଏବଂ ସମ୍ପତ୍ତିର ବିବରଣୀ, ଏପରିକି ସଂଗଠନ ଆଇନ୍ ଅନୁସାରେ ଟିକସ ପ୍ରଦାନ କରୁଛି କି ନାହିଁ ଓ ବିନା ପଞ୍ଜିକରଣ ସଂଘ କେଉଁ ଆଇନ୍ ଅନୁସାରେ କାର୍ଯ୍ୟ କରୁଛି ଏବଂ ଏଭଳି କରିବାକୁ ସଂଘକୁ ଅଧିକାର ଦେଲା କିଏ ବୋଲି ଖଡ଼ଗେ ମଧ୍ୟ ପ୍ରଶ୍ନ କରିଛନ୍ତି । ଖଡ଼ଗେ ଲେଖିଛନ୍ତି ଯେ ଯେଉଁ ସଂଗଠନ ରାଷ୍ଟ୍ରବାଦ, ଅନୁଶାସନ ଏବଂ କର୍ତ୍ତବ୍ୟର କହୁଛି ସେହି ସଂଗଠନ ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ ପୁର୍ବକ ଦେଶର ନିୟମକୁ ପାଳନ କରିବା ଆବଶ୍ୟକ । ଦେଶର ଆଇନ୍ ଅନୁସାରେ ସଂଘର ସଂସ୍ଥା ତଦନ୍ତର ଉର୍ଦ୍ଧ୍ୱରେ ନୁହେଁ ବୋଲି ମଧ୍ୟ ଖଡ଼ଗେ ସ୍ପଷ୍ଟ କରିଦେଇଛନ୍ତି ।

କର୍ଣ୍ଣାଟକର ଗୃହମନ୍ତ୍ରୀଙ୍କ ପତ୍ରର ଉତ୍ତରରେ ସଂଘ ପ୍ରମୁଖ ମୋହନ ଭାଗବତ କହିଛନ୍ତି ଯେ ଖଡ଼ଗେଙ୍କ ପତ୍ର ରାଜନୈତିକ ଉଦେଶ୍ୟ ପ୍ରଣୋଦିତ ଅଟେ ଏବଂ ସଂଘର ପଞ୍ଜିକରଣର ଆବଶ୍ୟକତା ନାହିଁ । କର୍ଣ୍ଣାଟକର ଗୃହମନ୍ତ୍ରୀଙ୍କ ପତ୍ର ଏବଂ ମୋହନ ଭାଗବତଙ୍କ ଉତ୍ତରରୁ ସ୍ପଷ୍ଟ ଯେ ଏବେ ଏହା ଏକ ବିବାଦୀୟ ଘଟଣା ପାଲଟିଛି । କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଯଦି ସଂଘକୁ ପଞ୍ଜିକୃତ କରିବାର ଆବଶ୍ୟକତା ନାହିଁ ତେବେ ଏକ ଅଣ ପଞ୍ଜିକୃତ ସଂସ୍ଥାର ମୁଖ୍ୟକୁ କେନ୍ଦ୍ରସରକାର ସର୍ବୋଚ୍ଚ ସୁରକ୍ଷା ଦେଉଛନ୍ତି କାହିଁକି ? ସଂଘର କାର୍ଯ୍ୟକ୍ରମ ପାଇଁ ଅର୍ଥ ଆସୁଛି କେଉଁଠୁ ? ସଂଘ କ'ଣ ଆଇନର ଉର୍ଦ୍ଧ୍ୱରେ ? ସଂଘର ଉତ୍ପତ୍ତି ଏବଂ କାର୍ଯ୍ୟକୁ ନେଇ ପୂର୍ବରୁ ମଧ୍ୟ ଅନେକ ବିବାଦ ରହିଛି । ସ୍ୱାଧିନତା ପୂର୍ବରୁ ଏହି ସଂଗଠନ ଜନ୍ମ ନେଇଥିଲେ ମଧ୍ୟ ସ୍ୱାଧିନତା ସଂଗ୍ରାମରେ ସଂଘର ଅବଦାନ ନାହିଁ । ସ୍ୱାଧିନତା ପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦାର ବଲ୍ଲଭ ଭାଇ ପଟେଲ ଆରଏସ୍‌ଏସ୍ ଉପରେ କିଛି ସମୟ ପାଇଁ ପ୍ରତିବନ୍ଧ ଲଗାଇଥିଲେ । ଏତିକି ନୁହେଁ ଅଭିଯୋଗର ଫର୍ଦ୍ଦ ମଧ୍ୟ ଲମ୍ବା । ପ୍ରିୟଙ୍କା ଖଡ଼ଗେଙ୍କ ପତ୍ରର ଉତ୍ତରରେ ମୋହନ ଭାଗବତ ଯାହା କହୁଛନ୍ତି ତାହା ସନ୍ଦେହ ସୃଷ୍ଟି କରୁଛି । ଖଡ଼ଗେଙ୍କ ପ୍ରଶ୍ନର ସିଧା ଉତ୍ତର ନ ଦେଇ ହିନ୍ଦୁଧର୍ମ ସଂଘକୁ ଯୋଡିବା ପାଇଁ ଉଦ୍ୟମ କରି ଭାଗବତ ଠିକ୍ କରିନାହାଁନ୍ତି । ଯଦି ସଂଘ କିଛି ଲୁଚାଉନାହିଁ ତେବେ ସଂଘର ପଞ୍ଜିକରଣ କରାନ୍ତୁ ଭାଗବତ । କିନ୍ତୁ ହିନ୍ଦୁ ଧର୍ମ ନାମରେ ଆଇନଗତ ଔପଚାରିକତାରୁ ବର୍ତ୍ତିବା ପାଇଁ ଯଦି ଖେଳ ଆରମ୍ଭ ହୁଏ ତେବେ ତାହା ଆଗାମୀ ଦିନରେ କ'ଣ ରୂପ ନେବ ସେକଥା କହିବା ମୁସ୍କିଲ । ସବୁଠାରୁ ଆଶ୍ଚର୍ଯ୍ୟ ଜନକ କଥା ହେଉଛି ଏକ ଅଣପଞ୍ଜିକୃତ ସଂସ୍ଥା ଏତେବର୍ଷ ହେଲା ଚାଲିଛି କେମିତି ? ଘଟଣା ଯାହା ବି ହେଉନା କାହିଁକି ଏବେ ଦେଖିବାକୁ ବାକି ରହିଲା ଆରଏସ୍‌ଏସ୍ ନିଜକୁ ପଞ୍ଜିକୃତ କରିବ କି ନାହିଁ ? କର୍ଣ୍ଣାଟକ ସରକାରଙ୍କ ପରବର୍ତ୍ତୀ କାର୍ଯ୍ୟ ପନ୍ଥା କ'ଣ ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଅଚିହ୍ନା ଚଢେଇ ଓ ଚିହ୍ନା ମୁହଁ

*ମିନତୀ ଦାଶ*



ଯେଉଁମାନେ ସବୁ
ଫେରେଇ ନେଇଥିଲେ ମୁହଁ
ସେମାନେ ଏବେ ଫେରି ଚାହିଁଲେଣି-

କେମିତି କେଜାଣି ଏବେ ଏବେ
ଫୁଲାଏ ଖଇଫୁଟା ଖରା
ଓ ମଲ୍ଲିଫୁଲିଆ ଜ୍ୟୋସ୍ନା
ବିଛେଇ ଯାଏ ଆପେ ଆପେ
ମୋ ଅଯନ୍, ଅଣହେଳା ଦାଣ୍ଡ ଦୁଆରେ-

ଜମାରୁ ଚିହ୍ନି ନଥିବା
ଓ ଜାଣି ନଥିବା ବାଇଚଢେଇଟି
କୁଆଡୁ କେଜାଣି ଉଡିଆସି
ମୋ ଦରଭଙ୍ଗା ଝରକା ଦେଇ
ପଶି ଆସେ ବେଳେବେଳେ
କିଚିରି ମିଚିରି ହେଇ
ନିର୍ଭୟରେ ନିଃସନ୍ଦେହରେ-

ସେ ବି ବୋଧେ ଜାଣିଲାଣି
ଝରକା ଏପଟେ କେହି ଜଣେ ଅଛି
ଯାହାର ଗୋଟିଏ ଦିକ୍ ଦିକ୍ କରୁଥିବା
ପାନ ପତରିଆ ହୃଦୟଟେ ଅଛି

ଯିଏ କେବଳ
ଭଲପାଇବା ବ୍ୟତିତ
ଆଉ ସବୁ ଭୁଲି ଯାଇଛି-

ବେଳେ ବେଳେ ଭାବେ
କହିଦେବି ଚଢେଇଟି ଆଗେ
ମୋର ବି କିଛି ଦୁଃଖ ଅଛି
ଅଛି କିଛି ଯନ୍ତ୍ରଣା

ହେଲେ, ଯେତେ ମନେ ପକେଇଲେ ବି
କେଉଁ ମନେପଡୁଛି ଯେ
କିଏ ଥୁଃ କରିଥିଲା
ଫେରି ଚାହିଁଥିବା
ମୁହଁ ମାନଙ୍କ ଭିତରୁ
ଚିହ୍ନିବି ଆଉ ଚିହ୍ନେଇ ଦେବି
ଚଢେଇଟିକୁ-

ବରଂ ମୋର କିଛି ମନେ ନପଡୁ
ସେ ଦୁଃଖ, ଯନ୍ତ୍ରଣା ମୋ ଛାତି କି
ଏମିତି କୋରି ଖାଉ ଥାଉ
ଆଉ ମୋ ହୃଦୟରେ ଦରଜ ଭରୁଥାଉ
କିନ୍ତୁ ଜମାରୁ ଚିହ୍ନି ନଥିବା ଚଢେଇଟି

ଏମିତି ବେଳ ଅବେଳରେ ପଶି ଆସୁଥାଉ
ମୋ ଦରଭଙ୍ଗା ଝରକା ଦେଇ
ବହୁ ଦିନରୁ ଭୁଲିଯାଇଥିବା
ଅନ୍ତରଙ୍ଗ ଗୀତଟିକୁ ବାରମ୍ବାର
ଦୋହରାଇ ଦୋହରାଇ-

ଏବେ ଚଢେଇର ପର ପରି
ମୋ କ୍ଷତରେ ବି କଅଁଳିଲାଣି ମାଉଁସ
ଅଚିହ୍ନା ଚଢ଼େଇ ସହିତ
ନିବିଡ ହେଲାଣି ସମ୍ପର୍କ
ଓ ଗୁନ୍ଥି ହୋଇଗଲାଣି
ଛିଣ୍ଡିଯାଇଥିବା ବିଶ୍ୱାସ।

## ସ୍ମୃତିର ଗ୍ୟାଲେରୀ



ପ୍ରଭାତ କୁମାର ମହାପାତ୍ର

ସନ୍ଧ୍ୟା ହେବାକୁ ଯାଉଥିଲା। ନୟନିକା ନିଜ ବାଲକୋନିରେ ବସିଥିଲା ସତ କିନ୍ତୁ ତା'ର ନଜର ସାମ୍ନାର ଆକାଶରେ ନଥିଲା, ବରଂ ମୋବାଇଲ୍ ସ୍କ୍ରିନ୍‌ରେ ଅଟକି ରହିଥିଲା। ସେ ଇନ୍‌ଷ୍ଟାଗ୍ରାମ୍‌ରେ ଗୋଟିଏ ପରେ ଗୋଟିଏ ଷ୍ଟୋରୀ ସ୍କ୍ରଲ୍ କରୁଥିଲା। 'ସମସ୍ତେ ମଲ୍ ବୁଲୁଛନ୍ତି, ନୂଆ କାଫେ ଟ୍ରାଏ କରୁଛନ୍ତି ଏବଂ ମୁଁ ଏଠାରେ ବସିଛି, କେଉଁଠି ମୁଁ ପଛରେ ରହିଯିବି ନାହିଁ ତ !' ସେ ଇତଃସ୍ତତଃ ହେଉଥିଲା। ସେତିକିବେଳେ ତା' ମା' ଭିତରୁ ଡାକିଲେ, 'ନୟନିକା, ଆସି ଡାଇନିଂ ଟେବଲ୍ ସଜାଇବାରେ ସାହାଯ୍ୟ କର।'

'ମା', ପ୍ଲିଜ୍। ଏବେ ନୁହେଁ। ମୋ ସାଙ୍ଗମାନଙ୍କ ପାର୍ଟିର ଫଟୋ ଅପ୍‌ଲୋଡ୍ ହେଉଛି। ଦେଖ, ସମସ୍ତେ କେତେ ଖୁସି !'

ମା' ଚୁପ୍ ହୋଇଗଲେ। ଏହା ନୟନିକାର ପ୍ରତିଦିନର ଅଭ୍ୟାସ ଥିଲା। ସେ ନୟନିକାକୁ ବହୁତ ବୁଝାଇଥିଲେ ଯେ ଏସବୁ ଦେଖାଣିଆ ଦୃଶ୍ୟ। ପ୍ରକୃତ ଜୀବନ ଏପରି ନୁହେଁ। ଜୀବନରେ ଦୁଃଖ-ସୁଖ ସବୁ ରହିଛି, କିନ୍ତୁ ସୋସିଆଲ ମିଡିଆରେ କେବଳ ଖୁସି ପୋଷ୍ଟ କରାଯାଏ। କିନ୍ତୁ ନୟନିକା ସୋସିଆଲ ମିଡିଆ ଦୁନିଆରୁ ବାହାରକୁ ଆସିବାକୁ ଚାହୁଁନଥିଲା।

ନୟନିକା କଲେଜର ମେଧାବୀ, କିନ୍ତୁ ସାମାନ୍ୟ କୋମଳ ଝିଅ ଥିଲା। ତା'ର ସାଙ୍ଗମାନେ ତାକୁ 'କଣ୍ଟେଣ୍ଟ କୁଇନ୍' ବୋଲି କହୁଥିଲେ କାରଣ ସେ ସବୁବେଳେ ମୋବାଇଲ୍ ହାତରେ ଧରିଥାଏ। ସକାଳୁ ଉଠିବା ମାତ୍ରେ ତା' ମୁଣ୍ଡରେ ଏହି ଚିନ୍ତା ଥାଏ- 'ଆଜି କ'ଣ ପୋଷ୍ଟ କରିବି ? କେଉଁ ଫିଲ୍ଟର ବ୍ୟବହାର କରିବି ? ଯଦି ଆକ୍ଟିଭ୍ ନ ରହିବି, ତେବେ ସମସ୍ତେ ମତେ ଭୁଲିଯିବେ।'

ମା' କହୁଥିଲେ, 'ଝିଅ, ତୁ କେବେ ବଦଳିବୁ ? ସବୁବେଳେ ଫୋନ୍ ସ୍କ୍ରିନ୍‌ରେ ଆଖି ଲାଖି ରହିଥାଏ।'

ନୟନିକା ବିରକ୍ତ ହୁଏ, ମମ୍ମି, ଆପଣ ବୁଝିପାରିବେ ନାହିଁ। ଏହା ସୋସିଆଲ ମିଡିଆର ଯୁଗ। କଲେଜରେ କ୍ୟାଣ୍ଟିନ୍ କଫି ହେଉ ବା ସାଙ୍ଗମାନଙ୍କ ସହ ମୁଭି ନାଇଟ୍- ନୟନିକାର ପ୍ରଥମ କାମ ହେଉଛି କ୍ୟାମେରା ଅନ୍ କରିବା। ଧୀରେ ଧୀରେ ଏହା ତା'ର ନିଶା ପାଲଟିଗଲା। ଖାଇବା ପୂର୍ବରୁ ଫଟୋ, ପଢ଼ିବା ପୂର୍ବରୁ ଷ୍ଟୋରୀ ଅପ୍‌ଡେଟ୍, ମନ୍ଦିର ଯିବା ପୂର୍ବରୁ ସେଲ୍ଫି। ଏପରିକି ଅସୁସ୍ଥ ହେଲେ ମଧ ଷ୍ଟୋରୀ ! ସମସ୍ତେ ତା'ର ଏହି ଅଭ୍ୟାସରେ ଆଶ୍ଚର୍ଯ୍ୟ ଥିଲେ।

ଦିନେ ରବିବାର ସକାଳେ ନୟନିକାର ପରିବାର ନେଚର୍ ପାର୍କ ଯିବାର ଯୋଜନା କଲେ। ନୟନିକା ମଧ ନିଜ ପ୍ରସ୍ତୁତି କରିନେଲା। ସେ ମୋବାଇଲ୍‌କୁ ଫୁଲ୍ ଚାର୍ଜ କରିନେଲା। କିନ୍ତୁ ତରବରରେ ତା'ର ମୋବାଇଲ୍ ଘରେ ହିଁ ରହିଗଲା। ଯେମିତି ହିଁ ସେ ବାହାରିଲା, ତାକୁ ବ୍ୟସ୍ତ ଲାଗିଲା- 'ପାପା ! ମୋ ଫୋନ୍- ଓହ୍ ନୋ ! ମୁଁ ତ ମରିଯିବି। ଆଜି ସମସ୍ତଙ୍କ ଷ୍ଟୋରୀ ମିସ୍ ହୋଇଯିବ। ପ୍ଲିଜ୍ ପାପା, ଥରେ ଘରକୁ ଫେରି ଚାଲ, ମୁଁ ମୋ ମୋବାଇଲ୍ ନେଇ ଆସୁଛି।' କିନ୍ତୁ ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ସେମାନେ ଘରଠାରୁ ବହୁତ ଦୂରକୁ ଚାଲି ଆସିଥିଲେ। ବ୍ୟସ୍ତ ହୋଇଥିବା ନୟନିକାର ଅବସ୍ଥା ଦେଖି ପାପା ହସିଲେ ଏବଂ କହିଲେ, 'ନା ଝିଅ, ଦେଖିବୁ ଆଜି ତୁ ପ୍ରକୃତ ଜୀବନ ଜିଇବୁ।' ପ୍ରଥମେ ନୟନିକା ଅସ୍ଥିର ହେଲା ଏବଂ ବାରମ୍ବାର ପକେଟ୍‌ରେ ହାତ ପୁରାଇ ନିରାଶ ହେଉଥିଲା। କିନ୍ତୁ ଧୀରେ ଧୀରେ ତା'ର ଧ୍ୟାନ ଚାରିପଟର ଜିନିଷଗୁଡ଼ିକ ଉପରକୁ ଗଲା। ସେ ଦେଖିଲା ଗଛରୁ ଝଡୁଥିବା ପତ୍ର ପବନରେ ଗୋଲ ଗୋଲ ବୁଲୁଥିଲା। ପିଲାମାନେ ହସି ହସି ଖେଳୁଥିଲେ। ପୋଖରୀରେ ସୂର୍ଯ୍ୟଙ୍କ କିରଣ ପାଣିରେ ସୁନାର ଚମକ ଦେଉଥିଲା। ଏକ ବୃଦ୍ଧ ଦମ୍ପତି ଧୀରେ ଧୀରେ ହାତ ଧରାଧରି ହୋଇ ଚାଲୁଥିଲେ। ନୟନିକାର ଆଖି ପ୍ରଥମ ଥର ପାଇଁ ଚମକି ଉଠିଲା। ସେ ମନଖୋଲି ହସି କହିଲା, 'ପାପା, ଏ ଦୃଶ୍ୟ ତ କୌଣସି ଅନ୍‌ଲାଇନ୍ ରିଲ୍ ଠାରୁ ହଜାର ଗୁଣ ସୁନ୍ଦର ଅଛି !' ପାପା ଗେହ୍ଲାରେ କହିଲେ, 'ହଁ ବେଟି, ଏହି ମୁହୂର୍ତ୍ତ କୌଣସି କ୍ୟାମେରାରେ ନୁହେଁ, ହୃଦୟରେ କ୍ୟାପଚର୍ ହୋଇଥାଏ।'

ସେଦିନ ସେ ପିଲାମାନଙ୍କ ସହ ଗୁଡି ଖେଳିଲା, ପ୍ରଜାପତି ପଛରେ ଦଉଡ଼ିଲା, ଦୋଳିରେ ବସିଲା ଏବଂ ବିନା ଫଟୋ ଉଠାଇ କେବଳ ମନ ଭରି ଉପଭୋଗ କଲା। ପୁଣି ଥରେ ମା'କୁ ଦେଖି ସେ ହସୁଥିବା ଡାଏରୀରେ ଲେଖି ରଖିଲା।

'ଆଜିର ଦିନ ମୋ ଫୋନ୍ ଗ୍ୟାଲେରୀରେ ନାହିଁ, କିନ୍ତୁ ମୋ ସ୍ମୃତିର ଗ୍ୟାଲେରୀରେ ସବୁଦିନ ରହିବ !'

ମା' ପଚାରିଲେ, 'ଆଜି ଷ୍ଟୋରୀ ପକାଇଲୁ ନାହିଁ ?'

ନୟନିକା ହସି କହିଲା, 'ମା', ମୁଁ ଆଜି ଶିଖିଲି- ପ୍ରତ୍ୟେକ ସ୍ମୃତି ଅନ୍ୟକୁ ଦେଖାଇବା ପାଇଁ ନଥାଏ। କିଛି ସ୍ମୃତି ନିଜ ପାଇଁ ରହିଥାଏ। ପ୍ରକୃତ ଚିତ୍ର ହୃଦୟରେ ବସିଥାଏ, କ୍ୟାମେରାରେ ନୁହେଁ।' ମା' ଝିଅ କଥା ଶୁଣି ତାକୁ ଜାବୁଡ଼ି ଧରିଲେ। ସେ ତାଙ୍କର ହଜିଯାଇଥିବା ଝିଅକୁ ପୁଣି ଥରେ ଫେରି ପାଇଥିଲେ...

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*



## ଯୁଦ୍ଧର ବିଚାର

*ଡ଼ ସୀତାକାନ୍ତ ତ୍ରିପାଠୀ*

ଏଠି ରୁଟି ଖଣ୍ଡେ ଛଡେଇ ନେବା ପାଇଁ ଚାଲେ ଯୁଦ୍ଧ,
ଆଉ ରୁଟି ଖଣ୍ଡକ ଖାଇଦେବା ପରେ ଆଉ କିଏ କେତେ ଖାଇଲା ଆଉ ଖାଇଦେବ ତାର ଚାଲେ ବିଲୁଆ ବିଚାର।

ଏଠି ଜାତିଗତ ପ୍ରମାଣପତ୍ର ଖଣ୍ଡେ ପାଇବାକୁ ନେଇ ଚାଲେ ଯୁଦ୍ଧ,
ଆଉ ପ୍ରମାଣପତ୍ର ଖଣ୍ଡକ ପାଇଗଲା ପରେ ଚାଲେ ଜାତିଭେଦ ଆଉ କୁ-ସଂସ୍କାରକୁ ନେଇ ବାଦ ଓ ବିବାଦ।

ଏଠି ପାଣି ମୁନ୍ଦେ ପାଇବା ପାଇଁ ଚାଲେ ଯୁଦ୍ଧ,
ଆଉ ସିଏ କୂଅ, ନଈ କି ସମୁଦ୍ରର ପାଣି ହେଉ, ତୃଷା ମେଣ୍ଟାଇବା ଯେତିକି ନୁହେଁ ତାଠୁ ଅଧିକ ଥାଏ ଜିଦ୍ଦି ଆଉ ସ୍ୱାର୍ଥ।

ଏଠି ଖାଇବା ପିଇବାକୁ ନେଇ ଚାଲେ ଧର୍ମ ଧର୍ମର ଯୁଦ୍ଧ,
ଖାଇବା-ପିଇବା ବ୍ୟକ୍ତିଗତ ହେଲେ ମଧ ତାକୁ ନେଇ ଚାଲେ ମୂଳଚାଲ ଆଉ ଧର୍ମ-ଅଧର୍ମର ବିଚାର।

ଏଠି ଶାନ୍ତି ସଭାବନା ସବୁ ବହି ପଢା ପାଠ ସବୁଠି କେବଳ କର ବା ମର ସ୍ଥିତି,
କିଏ ଠିକ୍ କିଏ ଭୁଲ୍ ସେକଥାର ନଥାଏ ବିଚାର କେବଳ ଥାଏ ଜୋର୍ ଯାର ମୂଳକ ତାର।

*ତଳଗୋପ ବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*

## ଯୁଦ୍ଧ ଓ ଶାନ୍ତି

*ଡକ୍ଟର ସଦାବିହାରୀ ସାହୁ*



ଯୁଦ୍ଧର ଢୋଲ ବାଜେ ଗର୍ଜନରେ,
ଭୟର ସ୍ୱର ମିଶେ କ୍ରୋଧ ଧ୍ୱନିରେ।
ସବୁଜ କ୍ଷେତ୍ର ରକ୍ତରେ ଭିଜିଯାଇ,
ସ୍ୱପ୍ନ ଭାଙ୍ଗିଯାଏ, ଆଶା ଭୋଗେ ଶେଷ ନିଶ୍ୱାସ ପାଇ।
ଲୋହା ଓ ଅଗ୍ନି ଆକାଶକୁ ଛୁଏଁ,
ଜୀବନ ପ୍ରଶ୍ନ କରେ- ମୃତ୍ୟୁ କାହିଁକି ଏଠି ପାଏ ?
ଗୋଳାର ଗର୍ଜନେ ହାରାଇ ମନୁଷ୍ୟର ସ୍ୱର,
ଶାନ୍ତି ଡୁବିଯାଏ ଯୁଦ୍ଧର ଭୟାନକ ଆର୍ତ୍ତନାଦରେ ।
ତଥାପି ବେଦନା ପରେ ନିରବ କ୍ଷଣରେ,
ପବନ କହେ ମୃଦୁ- ଜୀବନ ଅଛି ଅନ୍ତରେ।
ଭଙ୍ଗା ଧରିତ୍ରୀରୁ ଫୁଟେ ନୂଆ ଫୁଲ,
ନମ୍ର ଆକାଶ ମଝିରେ ଶାନ୍ତି କରେ ଖେଳ।
ନାହିଁ କେହି ବିଜେତା, ନାହିଁ ଗୌରବର ଗାନ,
ସୂର୍ଯ୍ୟତଳେ ରହିଯାଏ ଶିକ୍ଷାର ପ୍ରମାଣ-
ପ୍ରେମ ସର୍ବଦା ଜିତେ ଅନ୍ଧକାର ରାତି,
ମନ ଏକ ହେଲେ ଫୁଟେ ଶାନ୍ତିର ପ୍ରଭାତୀ।

*ସହାୟକ ମହାପ୍ରବନ୍ଧକ*
*ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ*



## ଚଷମା

*ମୌସୁମୀ ଦାସ୍*

ତୁମ ଚଷମାରେ ଦେଖିବୁ ଭାବିଥିଲୁ
ସ୍ୱଚ୍ଛ ଭାରତର ଭବିଷ୍ୟତ
ଦେଖିଥାନ୍ତୁ ଶହେ ଚାଳିଶ କୋଟିଙ୍କ
ବିଣ୍ଟିପଡ଼ିଥିବା ହସ୍ତରେଖାରେ
ସ୍ୱାବଲମ୍ବନର ଭାଗ୍ୟରୂପ;

ଚଷମାର ଲେନ୍ସରେ ଝଲସୁ ଥାଆନ୍ତା
ନିର୍ଜନ ରାତିରେ ନିଃଶଙ୍କ ଝିଅଙ୍କର
ନିର୍ଭୟ ପାଦଶବ୍ଦ...

ଚଷମାର ବଳୟରେ ଦିଶୁଥାନ୍ତା
ସବୁଜ ପୃଥିବୀରେ
କପୋତଙ୍କ ସୁଖଦ ଉଡ଼ାଣ ଓ
ରାମ-ରହିମଙ୍କ ବରାଭୟ ହାତ,

ଭାବିଥିଲୁ, ଗୋଲକାଚ ଭିତରେ
ଦେଖିଥାନ୍ତୁ ସତ୍ୟର ଅଭ୍ୟୁଦୟ...
ଭାରତ-ଉଦୟ ।

ହେଲେ ସେ ଚଷମା କାଚରେ ଆଜି
ନାବାଳିକା କୁହୁଡ଼ିର ଲୁହ...
ଫାଳକରେ ଫଟା ଇତିହାସ
ଗଣତନ୍ତ୍ରର,
ଆର ଫାଳକରେ ଅସ୍ଥିର ଭୂଗୋଳ
ଅର୍ଥନୀତିର।

ଭାରି ଅସ୍ପଷ୍ଟ ଦିଶୁଛି
ତୁମ ପଦଯାତ୍ରାର ପଥରେ ପଥରେ
ଫୁଟିଥିବା ଘାସଫୁଲର
ମଳିନ କପାଳରେ ଗୁମୁରୁଥିବା
ମଲାଜହ୍ନର କୋହ।

*ଭୁବନେଶ୍ୱର*



## ପୁସ୍ତକ ପରିକ୍ରମା

### କଥାଙ୍କନ



ପ୍ରକାଶ ପାଇଛି ମାନମୟୀ ରଥଙ୍କ କ୍ଷୁଦ୍ରଗଳ୍ପ ସଂକଳନ 'କଥାଙ୍କନ'। ଏକ ମଧ୍ୟବିତ୍ତ ପରିବାରର ଯେତେସବୁ ଅଭାବ ଅନାଟନ, ପ୍ରାପ୍ତି ଅପ୍ରାପ୍ତି, ଛୋଟ ଛୋଟ ଖୁସିକୁ ନେଇ ରଚିତ ଗଳ୍ପସବୁ ଏଥିରେ ସ୍ଥାନିତ ହୋଇଛି। ମଧ୍ୟବିତ ପରିବାର ସବୁବେଳେ ନିଅଣ୍ଟିଆ ହିଁ। ଆଖିର ସ୍ୱପ୍ନ, ମନର କୋହ ବାଣ୍ଟିକୁଣ୍ଟି ହୋଇ ଚଳେଇ ନେବାକୁ ହୁଏ। ଲେଖିକା ଯାହା ଯାହା ଭୋଗିଛନ୍ତି ବା ଭୋଗୁଛନ୍ତି ଏହି ନଶ୍ୱର ଦୁନିଆରେ ସବୁ ତାଙ୍କ ସ୍ମୃତିରେ ସାଇତା ହେଇ ରହିଛି। ଯେବେ ଯେବେ ସେ ସ୍ମୃତିକୁ ଉଖାରିଛନ୍ତି ତାହା କଲମରେ ଉତୁରି ଆସିଛି । ୬୨ଟି କ୍ଷୁଦ୍ରଗଳ୍ପ ରହିଛି ଏହି ସଂକଳନରେ। ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦେଇ ଯେଉଁ ଗଳ୍ପସବୁ ମାନମୟୀ ଲେଖିଛନ୍ତି ତାହା ଆଜିକାର ସମୟରେ ପାଠକଙ୍କ ପ୍ରଥମ ପସନ୍ଦ ରୂପେ ପରିଗଣିତ ହୋଇପାରିଛି। ବିଭିନ୍ନ ପତ୍ର ପତ୍ରିକାରେ ଏହି ଗଳ୍ପସବୁ ସ୍ଥାନ ପାଇ ପ୍ରଥମରୁ ସେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ସେ 'ପାଳଭୂତ ହେଉ ଅବା ଭାଗବଣ୍ଟା, ବିଶ୍ୱାସ ଅବା ବଳ, କି ବର୍ଷାର ଗୋଟେ ସତ ସ୍କେଚ କିମ୍ବା ଶାଢିଭେଦ' ସବୁ ଗୋଟିଏ ଗୋଟିଏ ଅନୁଭବୀ ହାତର ନିଖୁଣ ଗଢଣ। ଶିଳ୍ପୀ ଯେପରି ନିହାଣ ମୁଗୁରରେ ନିଠେଇ ନିଠେଇ ମୂର୍ତ୍ତିରେ ସୂକ୍ଷ୍ମ କାରୁକାର୍ଯ୍ୟ ଉତାରି ଥାଏ ଏଥିରେ ଥିବା ପ୍ରତିଟି ଗଳ୍ପରେ ଗାଳ୍ପିକା ନିଜ ସୂକ୍ଷ୍ମ ଚେତନାର ପରିପ୍ରକାଶ କରିଛନ୍ତି । ତାଙ୍କର ଏହି ଆନ୍ତରିକ ଉଦ୍ୟମ ସଫଳ ହୋଇଛି ଏବଂ ଗଳ୍ପ ସବୁ ନିଜେ ନିଜର ପରିଚୟ ବହନ କରିଛନ୍ତି। କବିତା, ଗଳ୍ପ, ପ୍ରବନ୍ଧ ପ୍ରତିଟି କ୍ଷେତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରିସାରିଥିବା ମାନମୟୀ ଏହି କ୍ଷୁଦ୍ର ଗଳ୍ପରେ ମଧ୍ୟ ନିଜ ବିଜ୍ଞତାର ପ୍ରମାଣ ଦେଇଛନ୍ତି। ଗଳ୍ପ ଗୁଡିକ ପଢିଲେ ପାଠକ ନିଜକୁ ଏକ ଭିନ୍ନ ଦୁନିଆରେ ଠାବ କରିବ। ଭାଷା ପ୍ରୟୋଗ ଏବଂ ଶବ୍ଦର ବ୍ୟବହାରରେ ମଧ୍ୟ ସେ ନିଜର ପରାକାଷ୍ଠା ଦେଖେଇଛନ୍ତି।

ଅଦିତି, କଟକ ଦ୍ୱାରା ପ୍ରକାଶିତ ୧୩୬ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ମାତ୍ର ୧୮୫ ଟଙ୍କା। ଆଶା କରୁଛୁ ଏହି ସଂକଳନଟି ପାଠକଙ୍କର ନିଶ୍ଚୟ ପସନ୍ଦ ହେବ।

### ପ୍ରଶ୍ନକାଳ



ପ୍ରକାଶ ପାଇଛି କବି ନୃସିଂହ ତରାଇଙ୍କ ଅଷ୍ଟମ କବିତା ସଂକଳନ 'ପ୍ରଶ୍ନକାଳ'। ଓଡ଼ିଆ ସାହିତ୍ୟରେ ନୃସିଂହ ତରାଇ ଜଣେ ଆଗଧାଡିର କବି। ପ୍ରାୟ ସବୁ ପତ୍ରପତ୍ରିକାରେ ତାଙ୍କର କବିତା ପ୍ରକାଶ ପାଇ ପାଠକୀୟତା ସାଉଁଟି ପାରିଛି। ନିଜ ଭିତରେ ନିମଗ୍ନ ଥିବା ଏହି କବି ପ୍ରଚାର ପ୍ରସାରଠାରୁ ଊର୍ଦ୍ଧ୍ୱରେ ରହି ସଦାବେଳେ ନୂତନ ସର୍ଜନାରେ ମଗ୍ନ ଥାନ୍ତି। ତାଙ୍କ କବିତା ଲେଖିବାର ଶୈଳୀ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଏବଂ ସହଜ ଓ ସାବଲୀଳ ଯାହା ସବୁ ବର୍ଗର ପାଠକ ବୁଝିପାରିବେ। ଏହି ସଂକଳନରେ ୫୪ଟି କବିତା ସ୍ଥାନପାଇଛି। ସେଗୁଡ଼ିକ ମଧ୍ୟରୁ ଜୀବନ ଯେମିତି (୧,୨), ନିବିଡ ଲୁହ, କିଛି ଶବ୍ଦ, ହତିଆର, ବଦଳିଯାଉ ମୃତ୍ୟୁର ନିର୍ଘଣ୍ଟ, କିଏ ବୁଣେ ମୋ ମୃତ୍ୟୁର ଖବର, ପୁରୁଣା ଚିତ୍ର, ତମେ ଭୁଲ ଥିଲ, ଜେନେରେସନ ଗ୍ୟାପ୍, ପ୍ରଶ୍ନକାଳ (୧,୨), ପ୍ରିୟତମ ବୋଲି, ବାଘ ବେଶ, କବିର ଆଖି ପ୍ରଭୃତି କବିତାଗୁଡ଼ିକ ଉଚ୍ଚକୋଟିର ଏବଂ ଆବେଗପ୍ରବଣ ଭରା। ଥରେ ପଢିଲେ ବାରମ୍ବାର ପଢିବାକୁ ଇଚ୍ଛା ହେବ। ସମାଜର ଅପସଂସ୍କୃତି, ସଂପର୍କର କ୍ଷଣଭଙ୍ଗୁରତା, ଅଶିଷ୍ଟ ମନୋକାମନା ଏବଂ ଅପ୍ରାକୃତିକ ଜୀବନଶୈଳୀ କବିଙ୍କୁ କ୍ଷୁବ୍ଧ କରିଛି। ସେ ଏହାର ପ୍ରତିବାଦ ନିଜ କଲମରେ ଶାଣିତ ଶବ୍ଦରେ କରିଛନ୍ତି। ତାଙ୍କରି ଭାଷାରେ- କିଛି ଶବ୍ଦରେ/ପ୍ରତିବାଦ ହେବ/କିଛି ଶବ୍ଦ/ ଚେତନାରେ ଚମକ ବୁଣିବେ/କିଛି ଶବ୍ଦ/ ସୁଧାରି ନେବେ ଅବସ୍ଥା/ନ ହେବାକୁ/ କେଉଁ କରୁଣ ବର୍ବରତା। (କିଛି ଶବ୍ଦ) । ପୁଣି ପ୍ରେମର ପ୍ରଗଲ୍ଭତାରୁ ବି ସେ ମୁକୁଳି ପାରିନାହାନ୍ତି। ଦୁଇ ବାହୁ ମେଲାଇ ଛାତିରେ ଜାକି ନେଇଛନ୍ତି ଯେତେ ଯେତେ ପ୍ରେମର ଆବେଗକୁ। ପ୍ରେମ ଜିଇଁଛି ତାଙ୍କ ଶବ୍ଦରେ। ଡେଣା ମେଲିଛି। ଆକାଶରେ ଉଡାଣ ଭରିଛି। କବିଙ୍କ ଭାଷାରେ-ଦିଗ୍‌ବଳୟରୁ ମୁହଁ କାଢି/ମନ୍ତୁରା ପାଣିରେ/ମୋହିତ କରୁଛି କିଏ ଇନ୍ଦ୍ରଧନୁ ପରି/ ଏ ପୃଥିବୀକୁ/ ଚମକୁଛି ମାଟି, ମନ/ମହକୁଛି ହୃଦୟ ପ୍ରେମମୟ ହେଇ (ଆଲୋକର ପଥେ ପଥେ)। କବିତାର ହକ୍ ରହିଛି, କବପଣର ହକ୍ ରହିଛି। ଯୁଦ୍ଧପାଇଁ କବି କାନ୍ଦେ, ପ୍ରେମପାଇଁ ବି କାନ୍ଦେ। ଯେମିତି-ପୃଥିବୀର ଚଉହଦୀରେ/ଝୁଲୁଛି ଗୋଟେ/ ବିଷାଦିତ ଛାୟା/କରୁଣତାର କାୟାକଳ୍ପ... ପୁଣି, ଯଦି ସ୍ୱପ୍ନ ବୁଣେ/ଫୁଲ ଫୁଟାଏ/ ପ୍ରେମର ଗୁଞ୍ଜରଣ ତୋଳେ ମନରେ/ଯୁଦ୍ଧ ବିରତି ପାଇଁ କହିବାକୁ କ'ଣ ନାହିଁ/କବିତାର ହକ ?(କବିତାର ହକ)।

ଏବେ ପ୍ରଶ୍ନକାଳ ଉପସ୍ଥିତ। ଘଟୁଥିବା ପ୍ରତିଟି ଘଟଣା, ଦୁର୍ଘଟଣା, ଯୋଜନା, ଆଡମ୍ବର, ପ୍ରତ୍ୟାଶା, ଉଡାଳ, ଆତଙ୍କ, ଆଶଙ୍କା, ଭୟ, ବିରୋଧ, ଅବିଶ୍ୱାସ ସବୁପାଇଁ କବିଙ୍କ ପ୍ରଶ୍ନ। ସମସ୍ତଙ୍କର ପ୍ରଶ୍ନ। 'ପ୍ରଶ୍ନକାଳ' ପାଠକାଦୃତ ହେବ ଏଥିରେ ସନ୍ଦେହ ନାହିଁ। ତୀରତରଙ୍ଗ ପ୍ରକାଶନୀ ଦ୍ୱାରା ପ୍ରକାଶିତ ୧୨୩ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ମାତ୍ର ୧୪୯ ଟଙ୍କା।

## ଜୀବନ

*ଅନୀତା ପାଣି*

ଜୀବନ-ନଈପରି ଶହେବାଙ୍କ
କେବେ କାନ୍ଧ ନଇଁ ପଡେ ଭାରାରେ
କେବେ ଚିନ୍ତାର ପାହାଡ ଚାପାରେ
ପୁଣି କେବେ ଭରିଛି ଉର୍ଦ୍ଧ୍ୱ ଉଡାଣ
ଅଫୁରନ୍ତ ଆବେଗରେ ।
ଜୀବନ କଣ ଚାହେଁ ?

ଜୀବନ ଚାହେଁ-ଆନନ୍ଦ, ତୃପ୍ତିର ସକାଳ
ବାଜି ଲଗାଏ ନିଜକୁ
ମାନେନା ବାଧା ବନ୍ଧନ
ବେଫିକର ଚାଲୁଥାଏ ବିନୀଦ୍ର ରଜନୀ,
ଛାତି ଗହନରୁ ଉଇଁ ଆସେ
ଉଭାସିତ ନବାରୁଣ ।

ଜୀବନ-ଜହ୍ନରାତି ମୋହରେ
ରୂପାଥାଳୀ ଆଶା
ପ୍ରାଣପ୍ରିୟ ହାତଧରି ନୂଆଣିଆ ଘରେ
ସୁଖର ସଂସାର ଗଢେ
ସାରା ଜୀବନ ଚାଲିବାର ପ୍ରତିଶୃତି ଦିଏ
ଦୁଃଖ ଅଭାବ ଘେରା ଜଞ୍ଜାଳ
ଥିଲେ ଥାଉ, ନଥିଲେ ନାହିଁରେ
ସେ ହାରିବନି, ପଶାଖେଳରେ ବସିବନି
ବିଚରା ନମ୍ର, ନିରୁପାୟ ଜୀବନ ।

ଜୀବନ-ଡରେ ନିୟତି ନିଶାପକୁ
ଥାଉ ଧନ, ମାନ, ଥାଉ ଯଶ ପୌରୁଷ
ଅଦିନ ଝଡ ବଡ ବେଦରଦୀ
ମାନିବନି ବେଳକାଳ, ଭାଙ୍ଗି ଦିଏ
ବୁଢା ପାଦପର ଡାଳ
ସହି ହୁଏନି ଉଜୁଡା ପକ୍ଷୀର ବିକଳ
ସ୍ୱପ୍ନକୁ ଗ୍ରହଣ ଲାଗେ
କହି ହୁଏନି ମରମ ବିଦଗ୍ଧ ବେଦନା
ପ୍ରାଣର ପ୍ରିୟତମ ଆଗେ ଯୋଡହାତ
ଚାଲୁଥାଏ ନୀରବ ପ୍ରାର୍ଥନା ।

ଜୀବନ-ଲକ୍ଷ୍ୟର ଅନ୍ୱେଷଣରେ
ଏକା ଏକା ତଥାଗତ
କେବେ କେବେ ସାଥୀହୀନ ନାବିକ
ସୁଯୋଗ ଶହେକୋଷ ଦୂରେ
ତଥାପି ରାତି ସହିତ ସନ୍ଧିକରେ
ଶୂନ୍ୟର ସାହାରାରେ ଆଙ୍କୁଥାଏ
ନିଜସ୍ୱ ପୃଥିବୀ
ଗଢୁଥାଏ ସଂଭାବନାର ସଉଧ
ଅଦୃଶ୍ୟ ଇଷାରା, ଛାତିରେ ହାତୀବଳ ଦିଏ
ସେ ନଈ ପାରି ହେବ
ହାତ ଠାରି ଡାକୁଥାଏ, ନଈ ସେପାରି
ସୋରିଷ ଖେତର ଖରା ।
ଜୀବନ-ଆଶା ଅଭିଳାଷର
ପୁଣ୍ୟ ପସରା । (ତଥାପି)

*ସମ୍ପାଦିକା ଶ୍ୱେତପଦ୍ମା, ପଦ୍ମେଶ୍ୱୟ, ସୌଭାଗ୍ୟ ନଗର, ଅନୁଗୋଳ*
*ଫୋ-୮୩୨୭୭୦୫୯୭୦*



## କୁଆଁରୀ କାମନା

*ଶ୍ୟାମାପ୍ରସାଦ ମିଶ୍ର*

ଉମାପତି ପୂଜା କରିବି ଲଭିବି କାନ୍ତ ମୋର,
ଦେଖିଲି କମଳ ରହିଛି ବିକଚ ପରକାର।
ଶୁଣି ଅଛି କେତେ କାହାଣୀ ଶିବ ଉପାସନାର,
ଶରଣ ମୁଁ ନିଶ୍ଚେ ପଶିବି ବର ଯାଚିବେ ହର।

ମୋ ମନ ଲାଗେନି କୋଥିରେ ସର୍ବେ ଲାଗନ୍ତି ପର,
ପିତା ମାତା ଭାଇ ଭଉଣୀ ସାଙ୍ଗ ସାଥି ବେଭାର।
କାନ୍ତ-ଭାବନାରେ ମୋ ମନ ଖାଲି ଲାଗେ ଅସ୍ଥିର,
କାନ୍ତ ହସ୍ତ ସ୍ୱର୍ଶ ପାଇବି ଏଣୁ ପୂଜିବି ହର।

କାନ୍ତ କୋଳ ଏକା ମୋହର ଗତି ମୁକ୍ତି ସ୍ଥଳ
ତାଙ୍କ ବିନା ପୂର୍ଣ୍ଣ ସଂସାର ଲାଗେ ଜଳଗହଳ,
କାହିଁ ରହିଅଛ ଦେବତା ମୋରେ ବେଦନାସିକ୍ତ,
ତବ ସଙ୍ଗଲାଭ ବାଞ୍ଛା ହିଁ ଏକାନ୍ତ ବ୍ୟକ୍ତିଗତ ।

ପୀନ-ପୟୋଧର ଦେଖି ମୁଁ
ମନେ ଲାଜେଇ ଯାଏ
କି କାର୍ଯ୍ୟ ଅଛି ବା
କାନ୍ତଙ୍କ ମନରେ ଭାବିଥାଏ ।
ମନକଥା କା'ରେ କହିବି ପୁଣି କାନ୍ତ-ଭାବନା,
ହରଶିରେ ଦେଇ କମଳ ପୂରାଇବି କାମନା।

*ଶିକ୍ଷକ, ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟ,*
*ଭଞ୍ଜନଗର, ଗଞ୍ଜାମ*
*ଭ୍ରାମ୍ୟଭାଷ-୯୦୯୦୫୦୭୯୫୫*

## ଯେବେ ମୁଁ ଭାବୁଛି ଭୁଲି ଯିବି ତାଙ୍କୁ

*ହରିଶ୍ଚନ୍ଦ୍ର ବେହେରା*

ଯେବେ ମୁଁ ଭାବୁଛି ଭୁଲି ଯିବି ତାଙ୍କୁ
ଭୁଲି ପାରୁନାହିଁ ଜମା,
ନିତି ନିତି ଆସି ମୋ ଭାଲ ପଟରେ
ଆଙ୍କି ଦିଏ ତା'ର ଚୁମା ॥

କିଏ ବା ଜାଣିଛି ମୋ ଭିତରେ ଅଛି
ଅୟୁତ ଯୁଗର ଦୁଃଖ
ବେଳା କୁମାରୀ ମୁଁ କେବେବି ଜାଣେନି
କାହାକୁ କହନ୍ତି ସୁଖ
ସିପ ଶାମୁକାକୁ ମୋତି ମାଳା କରି
ପିନ୍ଧି ଦିଶେ ଅନୁପମା ॥

ଯୁଗ ପରେ ଯୁଗ ବିତିତ ଯାଇଛି
ମୋ ଦେହରେ କେତେ ଦାଗ
ଦାରୁଚିନି ଆଉ ଲବଙ୍ଗ ଦ୍ୱୀପରେ
ବାଣିଜ୍ୟର ଅନୁରାଗ
ସେସବୁ ଦିନ ତ ଇତିହାସ ଆଜି
ହଜିଛି ସେ ମାଧୁରିମା ॥

କେତେ ଅଭିସାର ରାତିତ ବିତିଛି
ଆସିନି ସାଧବ ପୁଅ
ଭିଜିଛି ମୋ ବେଳା ସାଧବ ଝିଅର
ଅମାନିଆ ଆଖି ଲୁହ
ମଉଳି ଯାଇଛି ନିଃଶ୍ୱାସ ନିଆଁରେ
ଆବେଗର କାଠ ଚମ୍ପା ॥

*କଲ୍ୟାଣ ନଗର, ବାଲେଶ୍ୱର-୧*
*ମୋ-୯୪୩୭୮୧୩୭୦୮*

## ତୁମ ସହରରେ ମୁଁ

*ବିଜନବାଳା ପାଟଯୋଷୀ*

ତୁମ ସହର ଭିତରକୁ ମୁଁ ପଶି ଆସିଥିଲି ସେ କଥା ଜାଣେ
ଏ ତୁମ ସହର,
ସହରର କାନ୍ଥ କି ବାଡ଼ ନ ଥିଲା
ତୁମ ସହରରେ ମଳୟ ଚାଲୁଥିଲା
ବାରି ଝରୁଥିଲା
ଫୁଲ ଫୁଟୁ ଥିଲେ
ମନ୍ଦିରରେ ଆଳତି ଘଣ୍ଟ ବାଜୁଥିଲା
ଅନ୍ୟ ସହର ପରି ସକାଳ ନିର୍ଘଣ୍ଟରେ ପୂର୍ବାଶାରେ ଆସୁଥିଲା
ଆଉ କ୍ଷୀତିଜରେ ରଙ୍ଗ ସାଉଁଟି ସଞ୍ଜ ହେଉଥିଲା
ତୁମ ସହର ତୁମ ସହର ଭଳି ଥିଲା

ତୁମେ କଣ କହୁଛ
ସହର ବୋଲି କହିବାକୁ ମୋର ସହର ନ ଥିଲା
ଥିଲା ତୁମ ସହରରେ ଆପଣାର ପଣ ନଥିଲା
ଯାହା ମୋ ଛୋଟ ସହରରେ ଥିଲା
ମଳୟକୁ ବାରିକୁ ଫୁଲକୁ ତୁମ ସହରର ଲୋକ ନିଲାମରେ
ଭୋଗୁଥିଲେ
କାଷ୍ଟ ଝାଣ୍ଟରେ ବାଣ୍ଟୁଥିଲେ
ପାପୁଲିଏ ପବନରେ ଝୁଲଣ ଝୁଲୁଥିଲେ
ବୁନ୍ଦାଏ ଆକାଶୀ ପାଣିରେ ତୃଷା ମେଣ୍ଟାଉଥିଲେ
କାନ୍ଥ ବାଡ଼ରେ ଚିତ୍ର ଆଙ୍କୁଥିଲେ ଖୁସିର
ଭୋଗୁଥିଲେ ସୁଡୁପାଏରେ ଆହ୍ଲାଦ



ତୁମେ କହୁଛ ମୁଁ ପଶି ଆସିଛି ତୁମ ସହରକୁ
ଏ ତୁମ ସହର ନା
ସାଉଁଟି ଆଣିଲେ ମହଣ ମହଣ ବାହାରି ଆସିବ ଭଙ୍ଗା ମନ
ମିଳିବେ ଉଚ୍ଚ ଉଚ୍ଚ କାନ୍ଥ ଭିତରେ କୋତରା ଲଗା ହୃଦୟ
ଏ ତୁମ ସହର ନା
ଯେତେ ଯେତେ କୃତ୍ରିମ ଚେହେରାର ବିପଣନ
ଏ ତୁମ ସହର ଭେଳିକିରେ ସଜା ବଡଲୋକିର ସହର
ଏଠି ମନ ନାହିଁ କାହାର
ଯେମିତି ସବୁ ତିଆର ନଖ, ଆଖି ଦାନ୍ତ ଲଗେଇ ଦେବେ
ଝୁଣି ଦେବେ ଅଚାନକ ପଶି ଆସିଥିବା ସବୁ ନିର୍ଭେଜାଲ ମନ

ତୁମେ କୁହତ
ତୁମେ ସେ ଭିଡ଼ରେ ସାମିଲ ନୁହଁ କି
ଏ ପରା ତୁମର ସହର
ମୁଁ ସିନା ପଶି ଆସିଥିଲି ଅଚାନକ ସହରକୁ ତୁମର
ତୁମେ କି ପଶି ଆସି ନଥିଲ ହୃଦୟକୁ ମୋର।

# ଫିଫା ବିଶ୍ୱକପ୍ : ୨-୧ ଗୋଲରେ ଜର୍ମାନୀକୁ ପରାସ୍ତ କଲା ଇକ୍ୱେଡର



**ଇଷ୍ଟ ରୋଦରଫୋର୍ଡ**

ଗୋଞ୍ଜାଲୋ ପ୍ଲାଟାଙ୍କ ଗୋଲ ବଳରେ ଶୁକ୍ରବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ ଇକ୍ୱେଡର ୨-୧ ଗୋଲରେ ଜର୍ମାନୀକୁ ପରାସ୍ତ କରିଛି। ଫିଫା ର୍‌ୟାଙ୍କିଙ୍ଗ୍‌ରେ ୨୩ତମ ସ୍ଥାନରେ ଥିବା ଇକ୍ୱେଡର ଲାଗି ଏହା ସର୍ବବୃହତ୍ ବିଜୟ। ଏହି ବିଜୟ ସହ ଇକ୍ୱେଡର ବିଶ୍ୱକପ୍ ଇତିହାସରେ ଦ୍ୱିତୀୟ ଥର ପାଇଁ ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିଛି। ପୂର୍ବରୁ ୨୦୦୬ ସଂସ୍କରଣରେ ଦଳ ରାଉଣ୍ଡ ଅଫ୍-୧୬ରୁ ବିଦାୟ ନେଇଥିଲା।

ଷ୍ଟାଡିୟମରେ ୮୦,୬୬୩ ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ୍ ଆରମ୍ଭ ହେବାର ଦୁଇ ମିନିଟ୍ ମଧ୍ୟରେ ଗୋଲପୋଷ୍ଟ ସାମ୍ନାରେ ଫ୍ଲୋରିଆନ ଓ୍ୱିର୍ଜଙ୍କଠାରୁ ପାଇଥିବା ପାସକୁ ଲେରୟ ସେନ ଗୋଲରେ ପରିଣତ କରିଥିଲେ। ଫଳରେ ଜର୍ମାନୀ ୧-୦ ଗୋଲର ଅଗ୍ରଣୀ ହାସଲ କରିଥିଲା। ଏହାର ୭ ମିନିଟ୍ ପରେ ଇକ୍ୱେଡର ପାଇଁ ନିଲସନ ଅଙ୍ଗୁଲୋ ବକ୍ସ ବାହାରୁ ଏକ ଚମତ୍କାର ଗୋଲ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ୧-୧ ଗୋଲରେ ବରାବର ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୭୭ତମ ମିନିଟ୍‌ରେ ଇକ୍ୱେଡରକୁ ମିଳିଥିବା ଏକ କର୍ନର କିକ୍‌ରୁ ପ୍ଲାଟା ଜର୍ମାନୀର ୪୦ ବର୍ଷୀୟ କିମ୍ବଦନ୍ତୀ ଗୋଲକିପର ମାନୁଏଲ ନେଉରଙ୍କ ସାମ୍ନାରୁ ଗୋଲ କରିଥିଲେ। ଏହି ପରାଜୟ ସହ ୪ ଥରର ଚାମ୍ପିୟନ ଜର୍ମାନୀର ଗତ ୧୧ ମ୍ୟାଚ୍ ଧରି ଚାଲି ଆସୁଥିବା ବିଜୟ ଧାରାରେ ବ୍ରେକ ଲାଗିଛି।

ଅନ୍ୟପକ୍ଷରେ ଗତ ୨୨ ମ୍ୟାଚ୍‌ରେ ମାତ୍ର ଥରେ ପରାଜିତ ହୋଇଥିବା ଇକ୍ୱେଡର ଗ୍ରୁପ୍-ଇ'ରେ ୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଏହି ଦଳ ମଙ୍ଗଳବାର ମେକ୍ସିକୋ ସିଟିରେ ରାଉଣ୍ଡ ଅଫ୍-୩୨ ମ୍ୟାଚ୍‌ରେ ମେକ୍ସିକୋକୁ ଭେଟିପାରେ।

# ଭାରତକୁ ୩୪ ରନ୍‌ରେ ହରାଇଲା ଆର୍ୟଲାଣ୍ଡ

**ବେଲଫାଷ୍ଟ**



ଆର୍ୟଲାଣ୍ଡ ଘରୋଇ ମାଟିରେ ଦମ୍‌ଦାର ପ୍ରଦର୍ଶନ କରିଛି। ଦଳ ପ୍ରଥମେ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୮୨ ରନ୍ କରିଥିଲା। ପରେ ବୋଲିଂ କ୍ଷେତ୍ରରେ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ୧୪୮ ରନ୍‌ରେ ଅଟକାଇ ଦେଇଥିଲା। ୧୮୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଭାରତ ୧୮.୫ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇଥିଲା। ଫଳରେ ଘରୋଇ ଦଳ ଏହି ମ୍ୟାଚ୍‌କୁ ୩୪ ରନ୍‌ରେ ବିଜୟ ହାସଲ କରିଛି। ଏଥି ସହିତ ଭାରତ ବିପକ୍ଷରେ ଆର୍ୟଲାଣ୍ଡ ଐତିହାସିକ ବିଜୟ ହାସଲ କରିଛି।

ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ଶଙ୍ଖଳାର ପ୍ରଥମ ମୁକାବିଲା ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ କ୍ଲବରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍ ଟିମ୍ ଟସ୍ ଜଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଆର୍ୟଲାଣ୍ଡ ପାଇଁ ଅଧିନାୟକ ଲୋର୍କନ ଟକର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୬ଟି ବଲ୍ ଖେଳିଥିଲେ ଏବଂ ୫ଟି ଚୌକା ଓ ୨ଟି ଛକା ବଳରେ ୫୦ ରନ୍ କରିଥିଲେ।

ଆର୍ୟଲାଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ୫୧ ରନ୍ ବେଳକୁ ଆଗଧାଡ଼ିର ୪ଜଣ ଖେଳାଳିଙ୍କୁ ହରାଇ ସାରିଥିଲା। ସ୍କୋର ୨୦ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ଟିମ୍ ଟେକଟର ଏବଂ ରସ ଆଦାଇର ଆଉଟ୍ ହୋଇଥିଲେ। ଉଭୟ ବ୍ୟାଟର ଯଥାକ୍ରମେ ୧୭ ଏବଂ ୧୨ ରନ୍ କରିଥିଲେ। ଭାରତର ତୃତୀୟ ଶିକାର ହୋଇଥିଲେ ଟିମ କେଟକଟର, ଯିଏ କି ଖାତା ଖୋଲିପାରି ନଥିଲେ। ଆର୍ୟଲାଣ୍ଡ ନିଜର ଚତୁର୍ଥ ଓ୍ୱିକେଟ ଭାବେ ବେଞ୍ଜାମିନ୍ କଲିଟ୍ଜ (୧୫ ରନ୍)ଙ୍କୁ ହରାଇଥିଲା।

ସେହିପରି ଲୋର୍କାନ ଟକର ଅର୍ଦ୍ଧଶତକ ଏବଂ ଜର୍ଜ ଡକରେଲ୍ ବ୍ୟକ୍ତିଗତ ଭାବେ ୧୯ ରନ୍ କରି ପାଭିଲିନ ଫେରି ଆସିଥିଲେ। ଆର୍ୟଲାଣ୍ଡ ପଞ୍ଚମ ଏବଂ ଷଷ୍ଠ ଓ୍ୱିକେଟ୍‌ରେ ଯଥାକ୍ରମେ ୬୪ ଏବଂ ୪୯ ରନ୍ ସଂଗ୍ରହ କରିଥିଲା। ଭାରତର ସପ୍ତମ ଶିକାର ହୋଇଥିଲେ ଗରେଥ ଡେଲାନି, ଯିଏକି ବ୍ୟକ୍ତିଗତ ଭାବେ ଦଳ ପାଇଁ ୪୯ ରନ୍ ଯୋଗଦାନ ଦେଇଥିଲେ। ସେ ୩୨ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଲିଆମ ମ୍ୟାକକାର୍ଥି ୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଭାରତୀୟ ଯୁବ ବୋଲର ହର୍ଷିତ ରାଣା ଭାରତ ପକ୍ଷରୁ ୩ଟି ଓ୍ୱିକେଟ୍ ନେଇଛନ୍ତି। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ସ୍ପିନର ଅକ୍ଷର ପଟେଲ ୨-୨ ଓ୍ୱିକେଟ୍ ଅକ୍ତିଆର କରିଥିଲେ। ଶିଭମ ଦୁବେଙ୍କୁ ଗୋଟିଏ ଓ୍ୱିକେଟ ମିଳିଥିଲା।

# ଟ୍ୟୁନିସିଆକୁ ପରାସ୍ତ କରି ନକ୍‌ଆଉଟ୍‌ରେ ନେଦରଲାଣ୍ଡସ୍

**କାନ୍‌ସାସ ସିଟି**

ବ୍ରିଆନ ବ୍ରୋବେଙ୍କ ଗୋଲ ବଳରେ ନେଦରଲାଣ୍ଡସ୍ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ୩-୧ ଗୋଲରେ ଟ୍ୟୁନିସିଆକୁ ପରାସ୍ତ କରିଛି। ଏହି ବିଜୟ ସହ ନେଦରଲାଣ୍ଡସ୍ ଗ୍ରୁପ୍-ଏଫ୍' ବିଜେତା ଭାବେ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିଛି। ନେଦରଲାଣ୍ଡସ୍ ସୋମବାର ତା'ର ନକ୍‌ଆଉଟ୍ ରାଉଣ୍ଡ ଅଫ୍-୩୨ ମ୍ୟାଚ୍‌ରେ ଗ୍ରୁପ୍-ସି' ରନରଅପ୍ ମରକ୍କୋକୁ ଭେଟିବ।

ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ନେଦରଲାଣ୍ଡସ୍‌ର ଡେଞ୍ଜେଲ ଡମଫ୍ରାଇସ ପ୍ରତିପକ୍ଷ ଗୋଲପୋଷ୍ଟ ସାମ୍ନାରେ ବଲକୁ ଦଳର ଫରଓ୍ୱାର୍ଡ ଖେଳାଳିଙ୍କୁ ପାସ୍ କରିଥିଲେ। ହେଲେ ଟ୍ୟୁନିସିଆ କ୍ୟାପ୍ଟେନ ଏଲିସ ଖ୍ରି ବଲକୁ କ୍ଲିଅର କରିବା ପାଇଁ କିକ୍ କରିଥିଲେ। ତାହା ଆତ୍ମଘାତୀ ଗୋଲରେ ପରିଣତ ହୋଇଥିଲା।

ସପ୍ତମ ମିନିଟ୍‌ରେ ୬.୫ ଭିର୍ଗିଲ ଭାନ ଡିଜକଙ୍କ ହେଡର ଜରିଆରେ ପାଇଥିବା ପାସକୁ ବ୍ରୋବେ ଗୋଲରେ ପରିଣତ କରିଥିଲେ। ଚଳିତ ବିଶ୍ୱକପ୍‌ରେ ବ୍ରୋବେଙ୍କର ଏହା ତୃତୀୟ ଗୋଲ ଥିଲା। ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟ୍‌ରେ ଟ୍ୟୁନିସିଆକୁ ମିଳିଥିବା କର୍ନର କିକ୍‌କୁ ହାଜେମ ମାସ୍ତୋରି ଗୋଲରେ ପରିଣତ କରିଥିଲେ। କିନ୍ତୁ ନେଦରଲାଣ୍ଡସ୍ ୬୨ତମ ମିନିଟ୍‌ରେ ଏକ କର୍ନର କିକ୍‌କୁ ଜନ ପଲ ଭାନ ହେକେ ଗୋଲରେ ପରିଣତ କରିଥିଲେ। ପୂର୍ବରୁ ୩ ଥର ଫାଇନାଲରେ ପରାସ୍ତ ହୋଇଥିବା ନେଦରଲାଣ୍ଡସ୍ ଚଳିତ ବିଶ୍ୱକପ୍‌ରେ କିଛି ନୂଆ କରିବ ବୋଲି ଆଶା କରାଯାଉଛି।



# ସାଙ୍ଗମାନଙ୍କ ସହ ଖେଳୁଥିଲେ କ୍ରିକେଟ୍ ବଜ୍ରପାତରେ ଚାଲିଗଲା ୨ ନାବାଳକଙ୍କ ଜୀବନ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବଲ୍ ପଡୁଥିଲା, ଛକା-ଚଉକା ମାଡ଼ ହେଉଥିଲା। ବଲ୍, ବାଉଣ୍ଡରି ଛୁଇଁବା ମାତ୍ରେ ସାଙ୍ଗମାନେ ତାଳି ମାରୁଥିଲେ। ବଲ୍, ବ୍ୟାଟ୍ ଖେଳ ଭିତରେ ହଠାତ୍ ମାଡ଼ି ଆସିଥିଲା ବର୍ଷା। ଜୋର୍‌ରେ ପବନ ସାଙ୍ଗକୁ ପ୍ରବର୍ଷ ବର୍ଷିଥିଲା, ଆକାଶରେ ଗର୍ଜିଥିଲା ବିଜୁଳି। ବର୍ଷା ସହ ବଜ୍ରପାତକୁ ଦେଖି ସାଙ୍ଗମାନେ ଯିଏ ଯେଉଁଆଡ଼େ ପାରିଲେ ଦୌଡ଼ି ପଳାଇଲେ। ହେଲେ ପଡ଼ିଆରେ ଅଟକି ଯାଇଥିଲେ ୨ ନାବାଳକ। ଶେଷରେ ବର୍ଷାରୁ ରକ୍ଷା ପାଇବା ପାଇଁ ଦୁହେଁ ପଡ଼ିଆରେ ଥିବା ତେନ୍ତୁଳି ଗଛ ତଳେ ଆଶ୍ରୟ ନେଇଥିଲେ। ହେଲେ ଦୁର୍ଭାଗ୍ୟକୁ ଦୁଇ ନାବାଳକ ଆଶ୍ରୟ ନେଉଥିବା ତେନ୍ତୁଳି ଗଛ ଉପରେ ହିଁ ବଜ୍ରପାତ ହୋଇଥିଲା। ଯେଉଁଥିରେ ଉଭୟଙ୍କ ମୃତ୍ୟୁ ହୋଇଛି। ଏଭଳି ଅଘଟଣ ଘଟିଛି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ସଗଡ଼ା ଝାଙ୍କରପଡ଼ା ଗାଁରେ। ମୃତକ ହେଉଛନ୍ତି, ଝାଙ୍କରପଡ଼ା ଗାଁର ବିଶ୍ୱଜିତ ମିର୍ଦ୍ଧା ଏବଂ ଅନ୍ୟ ଜଣେ ଚଉଁରିଆପଦର ଗାଁର କିରନ କୁମ୍ଭାର। କିରନ ତା'ର ମାମୁ ଘର ଗାଁ ଝାଙ୍କରପଡ଼ାକୁ ବୁଲିବାକୁ ଆସିଥିଲା। ମାମୁ ଘର ଗାଁରେ ସାଙ୍ଗମାନଙ୍କ କ୍ରିକେଟ୍ ଖେଳୁଥିବା ବେଳେ ବଜ୍ରାଘାତରେ ମୃତ୍ୟୁ ହୋଇଛି।

ସୂଚନା ଅନୁସାରେ, ବିଶ୍ୱଜିତ ଓ କିରନଙ୍କ ଏକାଧିକ ସାଙ୍ଗ ଗାଁ ପଡ଼ିଆରେ ଶୁକ୍ରବାର ଅପରାହ୍ଣରେ କ୍ରିକେଟ୍ ଖେଳୁଥିଲେ। ସେହି ସମୟରେ ହଠାତ୍ ବର୍ଷା ହେବାରୁ ସମସ୍ତେ ପଳାଇ ଯାଇଥିବା ବେଳେ ଦୁହେଁ ପାଖରେ ଥିବା ତେନ୍ତୁଳି ଗଛ ମୂଳରେ ଛିଡ଼ା ହୋଇ ରହିଥିଲେ। ସେହି ସମୟରେ ବଜ୍ରପାତ ହୋଇଥିଲା। ଉଭୟଙ୍କୁ ତୁରନ୍ତ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ନିଆ ଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ବଜ୍ରପାତରେ ୨ ନାବାଳକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଆଥଲେଟିକ୍ସ ମିଟ୍ ଦ୍ୱିତୀୟ ଦିନରେ ରେକର୍ଡ ବର୍ଷା : ଏସିଆନ ଗେମ୍ସ ଯୋଗ୍ୟତା ହାସଲ କଲେ ୧୭ ଖେଳାଳି

**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱରରେ ଚାଲିଥିବା ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ କର୍ଣ୍ଣାଟକର ସିନ୍ଧୁଶ୍ରୀ ଜି.ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସେ ଏବଂ ଅନ୍ୟ କେତେକ ଆଥଲେଟ୍ ଜାପାନର ଆଇଚି-ନାଗୋୟାରେ ହେବାକୁ ଥିବା ଏସୀୟ କ୍ରୀଡ଼ା (ଏସିଆନ୍ ଗେମ୍ସ) ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଏହି ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫଆଇ)ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡକୁ ଦ୍ୱିତୀୟ ଦିନରେ ୧୭ ଜଣ ଆଥଲେଟ୍ ପାର୍ କରିଛନ୍ତି।

୨୬ ବର୍ଷୀୟା ସିନ୍ଧୁଶ୍ରୀ ମହିଳା ପୋଲ୍ ଭଲ୍ଟରେ ସୁନା ପଦକ ଜିତିବା ସହ ୪.୨୫ ମିଟର ଉଚ୍ଚତା ଡେଇଁ ଏକ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ସୀମା ୪.୧୦ ମିଟର ରହିଥିଲା। ଏହା ପୂର୍ବରୁ ବାରନିକା ୪.୨୩ ମିଟରର ଜାତୀୟ ରେକର୍ଡ କରିଥିଲେ, ଯିଏକି ଏହି ପ୍ରତିଯୋଗିତାରେ ୪.୨୦ ମିଟର ଡେଇଁ ରୌପ୍ୟ ପଦକ ପାଇଛନ୍ତି।

ସିନ୍ଧୁଶ୍ରୀ ୨୦୨୩ ମସିହାରେ ପବିତ୍ରା ଭେଙ୍କଟେଶଙ୍କ ଦ୍ୱାରା କରାଯାଇଥିବା ୪.୧୦ ମିଟରର ମିଟ୍ ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି। ଏହି ସଫଳତାରେ ଖୁସି ପ୍ରକାଶ କରି ସିନ୍ଧୁଶ୍ରୀ କହିଛନ୍ତି ଯେ, ସେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ପାଇବାକୁ ମାନସିକ ସ୍ତରରେ ପ୍ରସ୍ତୁତ ଥିଲେ, କିନ୍ତୁ ଜାତୀୟ ରେକର୍ଡ ହେବା ତାଙ୍କ ପାଇଁ ଏକ ବଡ଼ ଉପହାର ଭଳି। ମଧ୍ୟପ୍ରଦେଶର ନିତିକା ଆକାରେ ୪.୧୦ ମିଟର ଡେଇଁ ବ୍ରୋଞ୍ଜ ପଦକ ଜିତିବା ସହ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିବାରେ ତୃତୀୟ ଖେଳାଳି ହୋଇଛନ୍ତି।

ଟ୍ରାକ୍ ଇଭେଣ୍ଟ : ମହିଳାମାନଙ୍କ ୨୦୦ ମିଟର ଏବଂ ୮୦୦ ମିଟର ଦୌଡ଼ରେ ପ୍ରଥମ ତିନି ସ୍ଥାନରେ ଥିବା ସମସ୍ତ ଖେଳାଳି ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ପାଇଛନ୍ତି। ସେହିପରି ମହିଳା ଶଟ୍‌ପୁଟ୍‌ରେ ମଧ୍ୟ ସମସ୍ତ ତିନି ପଦକ ବିଜେତା ଯୋଗ୍ୟତା ହାସଲ କରିଛନ୍ତି।

ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ଦୌଡ଼ରେ ଏସୀୟ କ୍ରୀଡ଼ା ଯୋଗ୍ୟତା ପାଇଥିବା ଏକମାତ୍ର ଆଥଲେଟ୍ ହୋଇଛନ୍ତି। ସେ ୨୦.୭୪ ସେକେଣ୍ଡରେ ଦୌଡ଼ ପୂରା କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି (ଯୋଗ୍ୟତା ସମୟ ୨୦.୮୮ ସେକେଣ୍ଡ ଥିଲା)। ପୁରୁଷ ୮୦୦ ମିଟରରେ କେରଳର ମହମ୍ମଦ ଆଫସଲ୍ (୧:୪୮.୫୭ ସେକେଣ୍ଡ) ପ୍ରଥମ ଏବଂ ହରିୟାଣାର କ୍ରିଷନ୍ କୁମାର (୧:୪୮.୮୨ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହି ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ପାଇଛନ୍ତି।




ଦ୍ୱିତୀୟ ଦିନର ମୁଖ୍ୟ ଫଳାଫଳ (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ) – ପୁରୁଷ ବିଭାଗ : ୨୦୦ ମିଟର ଦୌଡ଼ : ଅନିମେଶ କୁଜୁର (ଓଡ଼ିଶା) - ୨୦.୭୪ ସେକେଣ୍ଡ, ଡି. ମୃତ୍ୟୁଞ୍ଜୟ ଜୟରାମ (ଓଡ଼ିଶା) - ୨୦.୭୯ ସେକେଣ୍ଡ, ଜିଶ୍ଣୁ ପ୍ରସାଦ (କେରଳ) – ୨୧.୧୮ ସେକେଣ୍ଡ।

୮୦୦ ମିଟର ଦୌଡ଼ : ମହମ୍ମଦ ଆଫସଲ୍ (କେରଳ) - ୧:୪୮.୫୭ ସେକେଣ୍ଡ, କ୍ରିଷନ୍ କୁମାର (ହରିୟାଣା) - ୧:୪୮.୮୨ ସେକେଣ୍ଡ, ପ୍ରଥମେଶ ଦେଓରେ (ମହାରାଷ୍ଟ୍ର) – ୧:୪୮.୮୯ ସେକେଣ୍ଡ।

ଡିସ୍କସ୍ ଥ୍ରୋ (ଥାଳି ଫିଙ୍ଗା): କିରପାଲ୍ ସିଂହ (ଚଣ୍ଡୀଗଡ଼) - ୫୭.୩୭ ମିଟର, ନିର୍ଭୟ ସିଂହ (ହରିୟାଣା) - ୫୫.୨୬ ମିଟର, ଅର୍ଜୁନ (ଦିଲ୍ଲୀ) – ୫୪.୯୦ ମିଟର।

୨୧ କିଲୋମିଟର ଚାଲିବା ପ୍ରତିଯୋଗିତା : ସେଭିନ୍ ସେବାଷ୍ଟିଆନ୍ (ତାମିଲନାଡୁ) - ୧:୩୧:୪୯, ସଚିନ୍ ବୋହରା (ଉତ୍ତରାଖଣ୍ଡ) - ୧:୩୨:୧୦, ନିଙ୍ଗଥୌଖୋଙ୍ଗଜା (ମଣିପୁର) - ୧:୩୨:୨୪।

ଡିକାଥଲନ୍: ଥୌଫିକ୍ ଏନ୍ (କେରଳ) - ୭୨୭୮ ପଏଣ୍ଟ, କୁଶଲ ମୋହିତେ (ମହାରାଷ୍ଟ୍ର) – ୭୨୫୧ ପଏଣ୍ଟ, ଯଶବୀର ନାୟକ (ଓଡ଼ିଶା) – ୭୧୩୧ ପଏଣ୍ଟ।

ମହିଳା ବିଭାଗ: ୨୦୦ ମିଟର ଦୌଡ଼: ହରିତା ଭଦ୍ରା (ମହାରାଷ୍ଟ୍ର) - ୨୩.୧୪ ସେକେଣ୍ଡ, ଉନ୍ନତି ବୋଲାଣ୍ଡା (କର୍ଣ୍ଣାଟକ) - ୨୩.୪୦ ସେକେଣ୍ଡ, ପ୍ରକୃତି ରାଓ (କର୍ଣ୍ଣାଟକ) - ୨୩.୫୮ ସେକେଣ୍ଡ।

୮୦୦ ମିଟର ଦୌଡ଼: ଗୌତମୀ ଜୟରାମନ୍ (ତାମିଲନାଡୁ) – ୨:୦୪.୧୭, ପୂଜା (ହରିୟାଣା) - ୨:୦୪.୩୭ ସେକେଣ୍ଡ, ଲିଲି ଦାସ (ଉତ୍ତରାଖଣ୍ଡ) – ୨:୦୪.୫୯ ସେକେଣ୍ଡ।

ଶଟ୍‌ପୁଟ୍ (ଗୋଲକ ଫିଙ୍ଗା) : ମନପ୍ରୀତ କୌର (ହରିୟାଣା) - ୧୭.୭୫ ମିଟର, କ୍ରିଷ୍ଣା ଜୟଶଙ୍କର (ତାମିଲନାଡୁ) - ୧୬.୬୯ ମିଟର, ସୃଷ୍ଟି ଭିଗ୍ (ଦିଲ୍ଲୀ) - ୧୬.୯୬ ମିଟର।

ପୋଲ୍ ଭଲ୍ଟ (ବାଉଁଶ କୁଦା) : ସିନ୍ଧୁଶ୍ରୀ ଜି (କର୍ଣ୍ଣାଟକ) – ୪.୨୫ ମିଟର, ବାରଣିକା ଏଲାଙ୍ଗୋଭାନ୍ (ତାମିଲନାଡୁ) - ୪.୨୦ ମିଟର, ନିତିକା ଆକାରେ (ମଧ୍ୟପ୍ରଦେଶ) - ୪.୧୦ ମିଟର।

# କ୍ରିକେଟ ଦୁନିଆରେ ପ୍ରବେଶକଲେ ବଲିଉଡ୍ ଷ୍ଟାର ଜନ ଆବ୍ରାହମ

**ନୂଆଦିଲ୍ଲୀ**



ବଲିଉଡ୍‌ର ଅନେକ ତାରକା କ୍ରିକେଟ ଦୁନିଆରେ ମଧ୍ୟ ବେଶ୍ ନାଁ କମାଇଛନ୍ତି। କୋଲକାତା ନାଇଟ ରାଇଡର୍ସର ମାଲିକ ଶାହରୁଖ ଖାନ ହୁଅନ୍ତୁ କିମ୍ବା ପଞ୍ଜାବ କିଙ୍ଗସର ସହ-ମାଲିକାଣୀ ପ୍ରୀତି ଜିଣ୍ଟା। ଦବଙ୍ଗ ଖାନ ଅର୍ଥାତ୍ ସଲମାନ ମଧ୍ୟ ଏକ ଟେନିସ ବଲ ଲିଗ୍‌ରେ ଗୋଟିଏ ଦଳ କିଣିଛନ୍ତି। ଏବେ ଏହି ତାଲିକାରେ ଜଣାଶୁଣା ଅଭିନେତା ଜନ ଆବ୍ରାହମଙ୍କ ନାମ ମଧ୍ୟ ଯୋଡ଼ି ହୋଇଯାଇଛି। ଜନ ଆବ୍ରାହମ 'ରଟରଡ୍ୟାମ ୱରିୟର୍ସ'ର ସହ-ମାଲିକ ହୋଇଛନ୍ତି। ଏହି ଦଳ ୟୁରୋପିଆନ ଟି-୨୦ ପ୍ରିମିୟର ଲିଗ (ଇଟିପିଏଲ)ର ପ୍ରଥମ ସିଜିନରେ ଭାଗ ନେଉଥିବା ଛଅଟି ଫ୍ରାଞ୍ଚାଇଜ ଦଳ ମଧ୍ୟରୁ ଅନ୍ୟତମ। ଏହି ଲିଗ ଆସନ୍ତା ୨୬ ଅଗଷ୍ଟରୁ ୨୦ ସେପ୍ଟେମ୍ବର, ୨୦୨୬ରେ ଶେଷ ହେବ। ଜନ ଆବ୍ରାହମ ଏବେ ଏହି ଦଳର ତାରକା-ଖଚିତ ମାଲିକାନା ଏବଂ ନେତୃତ୍ୱ ସମୂହରେ ସାମିଲ ହୋଇଛନ୍ତି, ଯେଉଁଥିରେ କ୍ରିକେଟ ଦୁନିଆର ପ୍ରତିଷ୍ଠିତ ଖେଳାଳି ଜଣ୍ଟି ରୋଡ୍ସ, ଫାଫ୍ ଡୁ ପ୍ଲେସିସ୍ ଏବଂ ହେନରିକ କ୍ଲାସେନଙ୍କ ସହ ମ୍ୟାନେଜିଂ ପାର୍ଟନର ମଧୁକର ଶ୍ରୀ ମଧ୍ୟ ଉପସ୍ଥିତ ଅଛନ୍ତି। ରଟରଡ୍ୟାମ ୱରିୟର୍ସ ଦଳ ୟୁରୋପୀୟ କ୍ରିକେଟର ଏହି ଐତିହାସିକ ମୁହୂର୍ତ୍ତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

# ବିଶ୍ୱ ୟୁଥ୍ ଗେମ୍ସ ଡବଲ୍ସ ଚାମ୍ପିଅନ ବିଭାସିନ୍ଧୁଙ୍କୁ ଢେଙ୍କାନାଳରେ ଭବ୍ୟ ସମ୍ବର୍ଦ୍ଧନା

**ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ**



ତୁର୍କିର ମେର୍ସିନଠାରେ ଆୟୋଜିତ 'ଓ୍ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ୟୁଥ ଗେମ୍ସ ୨୦୨୬'ରେ ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକ ମୋଟ ୩ଟି ପଦକ ଜିତି ଢେଙ୍କାନାଳ ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଓ୍ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ୟୁଥ୍ ଗେମ୍ସ ୨୦୨୬ରେ ଢେଙ୍କାନାଳର ସନ୍ତାନ ବିଭାସିନ୍ଧୁ ପୁରୁଷ ଯୁଗଳ (ଏସ୍‌ଏଲ୍‌୩-ଏସ୍‌ୟୁ୫) ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ଏହାବ୍ୟତୀତ ସେ ପୁରୁଷ ଏକକ (ଏସ୍‌ଏଲ୍‌୩)ରେ ରୌପ୍ୟ ଏବଂ ମିଶ୍ରିତ ଯୁଗଳ (ଏସ୍‌ଏଲ୍‌୩-ଏସ୍‌ୟୁ୫)ରେ କାଂସ୍ୟ ପଦକ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଚାରିଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ବିଭାସିନ୍ଧୁ ଗୁରୁବାର ଦିନ ନିଜ ଜନ୍ମମାଟି ଢେଙ୍କାନାଳ ଫେରିବା ପରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ତାଙ୍କୁ ସ୍ୱାଗତ କରିଥିଲେ। ଏହା ସମେତ ତାଙ୍କର ଏହି ସଫଳତା ଆଗାମୀ ଦିନରେ ପାରା ଅଲମ୍ପିକ୍ସରେ ମଧ୍ୟ ଜାରି ରହୁ ବୋଲି ଜିଲ୍ଲାପାଳ କାମନା କରିଛନ୍ତି। ଏହି ଅବସରରେ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଏକାଡେମୀର ମୁଖ୍ୟ କୋଚ୍ ମଳୟ ପଟ୍ଟନାୟକ ଓ ବିଭାସିନ୍ଧୁଙ୍କ ବାପା ବେଣୁଧର ବାରିକ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏହି ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକ୍ ଉଗାଣ୍ଡା, ଇଣ୍ଡୋନେସିଆ, ପେରୁ, ଚାଇନା ଓ ଇଜିପ୍ଟ ଆଦି ଦେଶରେ ଭାରତର ପ୍ରତିନିଧିତ୍ୱ କରି ବେଶ୍ ସଫଳତା ହାସଲ କରିଛନ୍ତି। ଢେଙ୍କାନାଳ ସହରର ରାମେଶ୍ୱର ପୁର ଅଞ୍ଚଳର ବେଣୁଧର ବାରିକଙ୍କ ୧୮ ବର୍ଷୀୟ ପୁଅ ବିଭାସିନ୍ଧୁ ଜଣେ ଦିବ୍ୟାଙ୍ଗ ହେଲେ ମଧ୍ୟ ନିଜର ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ବଳରେ ଜଣେ ସଫଳ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ହୋଇ ପାରିଛନ୍ତି। ୨୦୧୯ ମସିହାରୁ ସେ ଢେଙ୍କାନାଳ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ମୁଖ୍ୟ କୋଚ୍ ମଳୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଲକ୍ଷ୍ମୌର ଗୌରବ ଖାନ୍ନା ଏକ୍ସଲେନ୍ସ ହାଇ ପର୍ଫୋରାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।

e-mail ID – eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, CUTTACK**

13001/996/2627

e-procurement Notice for Bid Identification No. SEPH-DIVISION, CTC- 16 of 2026-27

1. Name of the work :- 03 Nos of P.H. work
2. Estimated cost :- Rs. 24.87 Lakh to 65.88 Lakhs
3. Period of completion :- 45 days to 3 Months
4. Date & time of availability of bid document in the portal :- 30.06.2026 from 11.00 A.M to 15.07.2026 upto 5.00 P.M
5. Last date & time of seeking clarification :- 04.07.2026 upto 5.00 P.M
6. Last date / time of receipt of bids in the portal :- 15.07.2026 upto 5.00 P.M
7. Date & time of opening of bids :- 17.07.2026 at 11.00 A.M
8. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Sd/- Superintending Engineer
P.H. Division, Cuttack

OIPR-13001/13225/1/26-27/0006

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ଚୌଦ୍ୱାରର ୫୫ନଂ ଜାତୀୟ ରାଜପଥର ନୁନଷ୍ଟିକିର ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ଚୌଦ୍ୱାର ମଙ୍ଗଳା ସାହିର ଗଗନ ସାହୁ। ସେ ମଙ୍ଗୁଳିଛକରେ କାମ କରୁଥିଲେ। ସବୁଦିନ ପରି ଆଜି ସକାଳେ ସେ ସାଇକେଲରେ ଯାଉଥିବା ବେଳେ ଏକ ଗାଡ଼ି ତାଙ୍କୁ ପଛ ପଟୁ ଧକ୍କା ଦେଇ ଚାଲିଯାଇଥିଲା। ଯାହାଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ପଠାଇଥିଲା। ଏହା ସହିତ ପୋଲିସ ଘଟଣାର ତଦନ୍ତ କରିବା ସହ କେଉଁ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଗଲା, ତାହା ଜାଣିବାକୁ ପୋଲିସ ପ୍ରୟାସ କରୁଛି।

# ୧୦ କ୍ୱିଣ୍ଟାଲ ଖଇର କାଠ ଜବତ : ୬ ଗିରଫ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବନାଞ୍ଚଳ ଅଧୀନରେ ଥିବା ହରିଶଙ୍କର ବନଖଣ୍ଡର କର୍ଲାମାଳ ଗ୍ରାମ ନିକଟରେ ବନ ବିଭାଗକୁ ଏକ ବଡ ସଫଳତା ମିଳିଥିବା ସୂଚନା ମିଳିଛି। କୌଣସି ସୂତ୍ରରୁ ଖବର ପାଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କ ନେତୃତ୍ୱରେ କର୍ଲାମାଳ ଗ୍ରାମ ନିକଟରେ ପ୍ରାୟ ଦଶ କୁଇଣ୍ଟାଲ ଖଇର କାଠ ଜବତ କରିବା ସହିତ ଛଅ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ସମସ୍ତ ଛଅ ଜଣ ଯାକ ବେଲପଡା ଥାନା ଅନ୍ତର୍ଗତ ପର୍ଲିମାଲ ଗ୍ରାମର କର୍ଣ୍ଣ ପୋଡ଼, ପୁଡୁ ବରିହା, ଲଳିତ ଥାପା, ଦୁର୍ଜେ ନିଆଲ, ସୋମନାଥ ବରିହା ଓ ଅଙ୍ଗଦ ବରିହା ହୋଇଥିବା ବେଳେ ସେମାନଙ୍କ ପାଖରୁ ଏକ ହୋଣ୍ଡା ବାଇକ୍ ଜବତ ହୋଇଛି। ଏହି ଚଢ଼ଉ ସମୟରେ ଖପ୍ରାଖୋଲ ବନବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଖପ୍ରାଖୋଲ ଏସିଏଫ ତଥା ରେଞ୍ଜର ଅରବିନ୍ଦ ନାଏକ ସୂଚନା ଦେଇଛନ୍ତି।



# ଅଧିନାୟକ ଧ୍ରୁବ ଜୁରେଲଙ୍କ ଚମତ୍କାର ଶତକ ମଜଭୁତ ସ୍ଥିତିରେ ଟିମ୍ ଇଣ୍ଡିଆ



**ନୂଆଦିଲ୍ଲୀ**

ଶ୍ରୀଲଙ୍କାର ଗଲ୍ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଇଣ୍ଡିଆ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଅନ୍ ଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଇଣ୍ଡିଆ ଏ ଦଳର ଅଧିନାୟକ ଧ୍ରୁବ ଜୁରେଲ ଏକ ଚମତ୍କାର ଶତକ ମାରିଛନ୍ତି। ଏହା ତାଙ୍କ ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟରର ଷଷ୍ଠ ଶତକ। ମ୍ୟାଚ୍‌ର ଦ୍ୱିତୀୟ ଦିନର ଦ୍ୱିତୀୟ ସେସନରେ ଜୁରେଲ ଚମତ୍କାର ବ୍ୟାଟିଂ କରି ନିଜର ନିଜ ପାଳିକୁ ଶତକରେ ପରିଣତ କରିଥିଲେ। ତାଙ୍କ ପୂର୍ବରୁ ଓପନିଂ ବ୍ୟାଟ୍ସମ୍ୟାନ ସାଇ ସୁଦର୍ଶନ ମଧ୍ୟ ୧୩୨ ରନର ଏକ ଶତକୀୟ ପାଳି ଖେଳିଥିଲେ। ଏହି ଦୁଇଟି ଦମ୍‌ଦାର ଶତକ ବଳରେ ଭାରତୀୟ ଏ ଦଳ ନିଜର ପ୍ରଥମ ଇନିଂସରେ ୪୦୦ରୁ ଅଧିକ ରନର ଏକ ମଜଭୁତ ସ୍କୋର ଛିଡ଼ା କରିପାରିଛି।

ଭାରତୀୟ ଦଳ ଯେତେବେଳେ ୧୮୧ ରନ ସ୍କୋରରେ ନିଜର ତୃତୀୟ ଓ୍ୱିକେଟ୍ ହରାଇଥିଲା, ସେତେବେଳେ ଅଧିନାୟକ ଧ୍ରୁବ ଜୁରେଲ କ୍ରିଜ୍‌କୁ ଆସିଥିଲେ। ସେ ମିଡିଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ଶେଖ ରଶୀଦଙ୍କ ସହ ମିଶି ଦଳର ସ୍ଥିତି ସମ୍ଭାଳିଥିଲେ ଏବଂ ଚତୁର୍ଥ ଓ୍ୱିକେଟ୍ ପାଇଁ ୧୩୬ ରନର ଏକ ପାର୍ଟନରସିପ୍ କରିଥିଲେ। ରଶୀଦ ୧୧୩ଟି ବଲର ସାମ୍ନା କରି ୬୩ ରନର ଏକ ଗୁରୁତ୍ୱପୂର୍ଣ୍ଣ ପାଳି ଖେଳି ଆଉଟ୍ ହୋଇଥିଲେ, କିନ୍ତୁ ଜୁରେଲ ଗୋଟିଏ ପଟେ ବ୍ୟାଟିଂ ଜାରି ରଖି ନିଜର କ୍ଲାସ ଦେଖାଇବା ସହ ଶ୍ରୀଲଙ୍କା ବୋଲରମାନଙ୍କ ପ୍ରତ୍ୟେକ ରଣନୀତିକୁ ବିଫଳ କରିଦେଇଥିଲେ।

ଉତ୍ତର ପ୍ରଦେଶ ପକ୍ଷରୁ ଘରୋଇ କ୍ରିକେଟ୍ ଖେଳୁଥିବା ଧ୍ରୁବ ଜୁରେଲଙ୍କ ପ୍ରଥମ ଶ୍ରେଣୀ ରେକର୍ଡ ଅତ୍ୟନ୍ତ ପ୍ରଭାବଶାଳୀ ରହିଛି। ବର୍ଷ ୨୦୨୨ରେ ରଣଜୀ ଟ୍ରଫିରୁ ନିଜର ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିବା ଜୁରେଲ ଏପର୍ଯ୍ୟନ୍ତ ଖେଳିଥିବା ୩୫ଟି ମ୍ୟାଚର ୫୨ଟି ଇନିଂସରେ ପ୍ରାୟ ୫୦ରୁ ଅଧିକର ଚମତ୍କାର ହାରାହାରି ସହ ୨୪୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ଏହି ଫର୍ମାଟରେ ଏବେ ତାଙ୍କ ନାମରେ ୬ଟି ଶତକ ଏବଂ ୧୪ଟି ଅର୍ଦ୍ଧଶତକ ଲିପିବଦ୍ଧ ହୋଇସାରିଛି।

ଘରୋଇ ସ୍ତରରେ କ୍ରମାଗତ ଭଲ ପ୍ରଦର୍ଶନ ବଳରେ ଜୁରେଲ ଫେବ୍ରୁଆରୀ ୨୦୨୪ରେ ଇଂଲଣ୍ଡ ବିପକ୍ଷରେ ଭାରତୀୟ ସିନିୟର ଟେଷ୍ଟ ଦଳରେ ନିଜର ଡେବ୍ୟୁ କରିଥିଲେ। ଜୁରେଲ ଏପର୍ଯ୍ୟନ୍ତ ଭାରତ ପାଇଁ ୧୦ଟି ଟେଷ୍ଟ ମ୍ୟାଚର ୧୬ଟି ଇନିଂସରେ ୩୪.୧୪ ହାରାହାରିରେ ୪୭୮ ରନ କରିସାରିଛନ୍ତି। ଯେଉଁଥିରେ ତାଙ୍କର ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ସାମିଲ ଅଛି। ବ୍ୟାଟିଂ ସହିତ ଓ୍ୱିକେଟ୍ ପଛରେ ମଧ୍ୟ ତାଙ୍କ କାର୍ଯ୍ୟ ଚମତ୍କାର ରହିଛି। ଯେଉଁଠାରେ ସେ ଟେଷ୍ଟ କ୍ରିକେଟରେ ଏପର୍ଯ୍ୟନ୍ତ ମୋଟ ୧୯ ଜଣଙ୍କୁ ଆଉଟ୍ କରିଛନ୍ତି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଜୁନ ୨୦୨୬ ଶନିବାର





# ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣା : ଜେଲ୍ ଡିଜି ଓ ଅଧୀକ୍ଷକଙ୍କ ନାଁରେ ଏତଲା ଦେଲେ ସାଂସଦ

**କଟକ,ନ୍ୟୁଜ୍‌ବ୍ୟୁରୋ**

କଟକ ଚୌଦ୍ୱାର ସର୍କଲ ଜେଲରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଫେରାର ଘଟଣାରେ ନୂଆ ମୋଡ଼। ବଢିଲା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଓ ଚୌଦ୍ୱାର ସର୍କଲ ଜେଲ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ଅଡୁଆ। ଉଭୟଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଲେ ରାଜ୍ୟସଭା ସାଂସଦ ସୁଜିତ କୁମାର। ଜେଲ୍‌ରୁ ଫେରାର ହେବାରେ ଦୁଇ ଅପରାଧୀଙ୍କୁ ସେମାନେ ସହଯୋଗ କରିଥିବା ଓ ସତ ଚାପିବାକୁ ଜାଲ୍ ଦସ୍ତଖତ କରିବା ସହିତ ସରକାରୀ ଦସ୍ତାବିଜ୍ ହେରଫେର କରିଥିବା ଅଭିଯୋଗ ଆଣିଛନ୍ତି ସୁଜିତ। ଉଭୟ ସରକାରୀ ପଦର ଅପବ୍ୟବହାର କରିଥିବା ନେଇ ସୁଜିତ କୁମାର ଚୌଦ୍ୱାର ଥାନାରେ ଅନଲାଇନରେ ଲିଖିତ ଅଭିଯୋଗ ଦେଇଛନ୍ତି। ୨୦୨୫ ଅକ୍ଟୋବର ୩ରେ ଦଶହରା ସମୟରେ ୨ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ ଚୌଦ୍ୱାର ସର୍କଲ୍ ଜେଲ୍‌ରୁ ଫେରାର ହୋଇଯାଇଥିଲେ। ବରିଷ୍ଠ ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସରକାରୀ ଦସ୍ତାବିଜ ଜାଲିଆତି କରିବା ନେଇ ତତ୍କାଳୀନ ଜେଲର୍ ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ହଟଚମଟ ସୃଷ୍ଟି ହୋଇଥିଲା।

# ନାବାଳକଙ୍କୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

**କଟକ,ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲାର କ୍ୟାଣ୍ଟେନମେଣ୍ଟ ଥାନା ଅଞ୍ଚଳରେ ହୋଇଥିବା ଏକ ଦୁଷ୍କର୍ମ ମାମଲାରେ ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ବକ୍ସିବଜାରସ୍ଥିତ ଏକ ବିଦ୍ୟାଳୟରେ ଉର୍ଦ୍ଦୁ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଜଣେ ୧୨ ବର୍ଷୀୟ ନାବାଳକଙ୍କୁ ଉର୍ଦ୍ଦୁ ଶିକ୍ଷା ଦେବା ଆଳରେ ୨୦୨୪ ମସିହା ଅଗଷ୍ଟରୁ ଡିସେମ୍ବର ମାସ ମଧ୍ୟରେ ବାରମ୍ବାର ଯୌନ ନିର୍ଯାତନା ଦେଇଥିଲେ। ଏନେଇ କ୍ୟାଣ୍ଟନମେଣ୍ଟ ଥାନାରେ ୨୩.୦୮.୨୦୨୫ ତାରିଖରେ ପୋକ୍ସୋ ଆଇନର ଧାରା-୬ ଅନୁଯାୟୀ ମାମଲା ରୁଜୁ ହୋଇଥିଲା।ତଦନ୍ତ ପରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା। କଟକ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ-୧ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କଠୋର କାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ। ଏହା ସହ ପୀଡ଼ିତଙ୍କ ପାଇଁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ମଧ୍ୟ ମଞ୍ଜୁର କରାଯାଇଛି।

## କର୍ପୋରେଟ୍ ନେତୃତ୍ୱ ଉପରେ ଦୁଇ ଦିନିଆ ସେମିନାର ଉଦ୍‌ଘାଟନ କରି ଡଃ ତପନ ଚାନ୍ଦଙ୍କ ଆହ୍ୱାନ

# 'ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଯୁବପିଢ଼ିଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳନ୍ତୁ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ, ଅନୁଗୁଳ ଚାପ୍ଟର ପକ୍ଷରୁ 'ଆର୍ଥିକ ନେତୃତ୍ୱରୁ କର୍ପୋରେଟ୍ ନେତୃତ୍ୱ' ବିଷୟବସ୍ତୁ ଉପରେ ଦୁଇ ଦିନିଆ ସେମିନାର ଆୟୋଜିତ ହୋଇଛି। ବର୍ତ୍ତମାନର ବ୍ୟବସାୟିକ ପରିବେଶରେ ଆର୍ଥିକ କାର୍ଯ୍ୟନିର୍ବାହୀମାନଙ୍କର ପରିବର୍ତ୍ତିତ ଭୂମିକାକୁ ଦୃଷ୍ଟିରେ ରଖି ଏହି ସେମିନାରର ଆୟୋଜନ କରାଯାଇଛି।

ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡଃ ତପନ ଚାନ୍ଦ ଯୋଗଦେଇ ଇନଷ୍ଟିଚ୍ୟୁଟ୍‌ର ଏହି ସମୟୋପଯୋଗୀ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଦେଶ 'ବିକଶିତ ଭାରତ-୨୦୪୭' ଏବଂ ରାଜ୍ୟ 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ସମୟରେ ମନୋଭାବରେ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଆବଶ୍ୟକ। ସେ କହିଥିଲେ ଯେ, ଓଡ଼ିଶା ୫୦୦ ବିଲିୟନ୍ ଆମେରିକୀୟ ଡଲାରର ରାଜ୍ୟ ଜିଡିପି ହାସଲ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ୨୦୪୭ ସୁଦ୍ଧା ଏହାକୁ ୧୫୦୦ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛି। ଏହା ଓଡ଼ିଶାବାସୀଙ୍କର ଏକ ବୃହତ୍ ସ୍ୱପ୍ନ। ଉପଯୁକ୍ତ ମନୋଭାବ ଓ ସଠିକ୍ ପ୍ରୟାସ ଦ୍ୱାରା ଏହି ଲକ୍ଷ୍ୟ ନିଶ୍ଚିତ ଭାବେ ହାସଲ କରାଯାଇପାରିବ। ଡଃ ଚାନ୍ଦ କହିଥିଲେ ଯେ, ଆର୍ଥିକ ପରିଚାଳନା କ୍ଷେତ୍ରରେ 'ଭେରିଏନ୍ସରୁ ଭିଜନ୍, ଏଣ୍ଟିଟିରୁ ଏଣ୍ଟରପ୍ରାଇଜ୍ ଏବଂ କଣ୍ଟ୍ରୋଲ୍‌ରୁ କଲାବୋରେସନ୍' ଦିଗକୁ ଏକ ମୌଳିକ ପରିବର୍ତ୍ତନ ଆବଶ୍ୟକ। ସେ କହିଥିଲେ ଯେ, ଆର୍ଥିକ କ୍ଷେତ୍ରର ବୃତ୍ତିଜୀବୀମାନଙ୍କ ପ୍ରତି ତାଙ୍କର ବିଶେଷ ଆକର୍ଷଣ ରହିଛି, କାରଣ ସେମାନେ ତଥ୍ୟ ଆଧାରରେ ଯୁକ୍ତି ଉପସ୍ଥାପନ କରନ୍ତି।

ବିକଶିତ ଭାରତ ଗଠନରେ ଆର୍ଥିକ କାର୍ଯ୍ୟନିର୍ବାହୀମାନଙ୍କ ଭୂମିକା ଅଧିକ ବ୍ୟାପକ ହେବା ଆବଶ୍ୟକ। ସେମାନେ କେବଳ ହିସାବରକ୍ଷଣରେ ସୀମିତ ନରହି ତଥ୍ୟକୁ ବ୍ୟବହାର କରି ବିକାଶ ଓ ଅଭିବୃଦ୍ଧିର ପଥ ପ୍ରସ୍ତୁତ କରିବା ଉଚିତ। ସଂଗଠନ ମଧ୍ୟରେ ସେମାନେ ନିୟନ୍ତ୍ରକର ଭୂମିକାରୁ ବାହାରି ସୁବିଧା ପ୍ରଦାନକାରୀ ଭୂମିକା ଗ୍ରହଣ କରିବା ଦରକାର। ବ୍ୟବସାୟ କରିବାର ସହଜତା, କାର୍ଯ୍ୟ ସମ୍ପାଦନର ଗତି ଏବଂ ବ୍ୟବସାୟର ବ୍ୟୟ ହ୍ରାସ ଉପରେ ଗୁରୁତ୍ୱ ଦେବା ଉଚିତ। ଇସ୍ପାତ, କୋଇଲା ଓ





ଆଲୁମିନିୟମ୍ କ୍ଷେତ୍ରର ବରିଷ୍ଠ ଆର୍ଥିକ ଅଧିକାରୀମାନଙ୍କ ସହ କାର୍ଯ୍ୟ କରିବାର ଅଭିଜ୍ଞତା ବାଣ୍ଟି ସେ କହିଥିଲେ ଯେ, ସଂସ୍ଥାର ସାମଗ୍ରିକ ସଫଳତାକୁ ଲକ୍ଷ୍ୟ କରି କାର୍ଯ୍ୟ କଲେ ଉଲ୍ଲେଖନୀୟ ଫଳାଫଳ ମିଳିଥାଏ। ସେ ଯୁବ ଆର୍ଥିକ ବୃତ୍ତିଜୀବୀମାନଙ୍କୁ ନିଜ କାର୍ଯ୍ୟକ୍ଷେତ୍ର, ଶିଳ୍ପ ଓ ସଂସ୍ଥା ସମ୍ପର୍କରେ ସମଗ୍ର ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇ କହିଥିଲେ ଯେ, ଏହା ସେମାନଙ୍କୁ ଭବିଷ୍ୟତରେ ସଫଳ ସିଏଫ୍‌ଓ ଓ ସିଇଓ ଭାବେ ଗଢ଼ି ତୋଳିବ।

ଡଃ ଚାନ୍ଦ କହିଥିଲେ ଯେ, ଆର୍ଥିକ କ୍ଷେତ୍ରର କର୍ପୋରେଟ୍ ନେତୃତ୍ୱ କେବଳ ବୋର୍ଡରୁମ୍‌ରେ ସୀମିତ ନରହି ସମାଜରେ ମୂଲ୍ୟ ସଂଯୋଜନ ଓ ସାଧାରଣ ଲୋକଙ୍କ କଲ୍ୟାଣ ଦିଗରେ ମଧ୍ୟ କାର୍ଯ୍ୟ କରିବା ଉଚିତ। ଯୁବପିଢ଼ିଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳି 'ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା' ଗଠନରେ ଆର୍ଥିକ କାର୍ଯ୍ୟନିର୍ବାହୀମାନେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ବ୍ୟବସାୟ କରିବାର ସହଜତା ଏବଂ ଜୀବନଯାପନର ସହଜତା ପାଇଁ ସଂସ୍କାରମୂଳକ ପରାମର୍ଶ ଦେବାରେ ମଧ୍ୟ ଆର୍ଥିକ ବୃତ୍ତିଜୀବୀମାନେ ବଡ଼ ଭୂମିକା ନେଇପାରିବେ।

ସେ ବିକାଶର ନଅଟି ମୁଖ୍ୟ ଶକ୍ତିକେନ୍ଦ୍ର 'ପ୍ରଗତି' ବିଷୟରେ ଆଲୋକପାତ କରି କହିଥିଲେ- ଉତ୍ପାଦକତା, ସଂସ୍କାର, ମୂଲ୍ୟ ସଂଯୋଜନ, ବିବିଧୀକରଣ ମାଧ୍ୟମରେ ଅଭିବୃଦ୍ଧି, ସ୍ୱୟଂଚାଳନ, ପ୍ରଯୁକ୍ତି, ନବସୃଜନ, ପୁଞ୍ଜି ବିନିଯୋଗ ଏବଂ ଭିତ୍ତିଭୂମି। ଏହି ସମସ୍ତ କ୍ଷେତ୍ର ଉପରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥାମାନେ ଗୁରୁତ୍ୱ ଦେଲେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଶୁତୋଷ ରଥ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ), ନାଲ୍‌କୋ ସଂଗଠନଗୁଡ଼ିକର ସାମଗ୍ରିକ ଅଭିବୃଦ୍ଧିରେ ଆର୍ଥିକ ବୃତ୍ତିଧାରୀଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ କହିଥିଲେ ଯେ ଅର୍ଥ ବିଭାଗ ରଣନୈତିକ ତଥା ସାଙ୍ଗଠନିକ ଅଭିବୃଦ୍ଧିର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ କାର୍ଯ୍ୟ କରିବା ଉଚିତ। ଦୁଇ ଦିନିଆ ଏହି ସେମିନାରରେ ଚାରିଟି ବୈଷୟିକ ଅଧିବେଶନ ଆୟୋଜିତ ହେବ । ବିଶିଷ୍ଟ ବୃତ୍ତିଜୀବୀମାନେ ଏଥରେ ମତାମତ ରଖିବା ସହ ଖୋଲା ଆଲୋଚନା ଓ ନେଟ୍‌ୱାର୍କିଂ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ। ଅନୁଗୁଳ ଚାପ୍ଟରର ଅଧ୍ୟକ୍ଷ ସିଏମ୍‌ଏ ଆଲୋକ ତ୍ରିପାଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ନାଲ୍‌କୋର ପୂର୍ବତନ ସିଜିଏମ୍ (ଫାଇନାନ୍ସ) ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ସଦସ୍ୟମାନେ ସଫଳତାର ସହ ସମନ୍ୱୟ କରିଥିଲେ। ଏହି ସେମିନାରରେ ବହୁ ସଂଖ୍ୟାରେ ଆର୍ଥିକ କ୍ଷେତ୍ରର ବୃତ୍ତିଜୀବୀ, କର ପରାମର୍ଶଦାତା, ଉଦ୍ୟୋଗୀ, ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କର ସକ୍ରିୟ ଉପସ୍ଥିତି ଓ ଅଂଶଗ୍ରହଣ ଏହି କାର୍ଯ୍ୟକ୍ରମକୁ ସଫଳ ଏବଂ ଭବ୍ୟ କରିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦେବସ୍ନାନ ପୂର୍ଣ୍ଣିମା...

ଶ୍ରୀଜଗନ୍ନାଥ ମନ୍ଦିର ଭିତର ଓ ବାହାରେ ଜନସମାଗମ ନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଏବଂ ଭିଆଇପି ସୁରକ୍ଷା, ଶ୍ରଦ୍ଧାଳୁ ସହାୟତା ଓ ଜନସେବା, ଜରୁରୀକାଳୀନ ପ୍ରତିକ୍ରିୟା ଓ ବିପର୍ଯ୍ୟୟ ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ଫଳପ୍ରଦ ସମନ୍ୱୟ ଓ ତଦାରଖ କରାଯାଉଛି।

## ବାଇକ୍ ଦୁର୍ଘଟଣାରେ...

ଜଣ ବାଇକ୍ ସହିତ ପାହାଡ ତଳ ଥିବା ପ୍ରାୟ ୧୫୦ ଫୁଟ ତଳେ ଥିବା ଖାଇରେ ଖସି ପଡ଼ିଥିଲେ। ଶୁକ୍ରବାର ଅପରାହ୍ନରେ ଗୋରୁ ଚରାଉଥିବା କିଛି ବ୍ୟକ୍ତି ସେମାନଙ୍କ ମୃତ ଦେହ ଦେଖି ଅନ୍ୟ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ପୁଲିସକୁ ସୂଚନାଦେଇଥିଲେ। ମୃତକ ତିନିଜଣ ହେଲେ ସୁଦର୍ଶନପୁର ଗ୍ରାପର ସାନଝାରୀ ଗ୍ରାମର ମନୋଜ ମୁଣ୍ଡା (୩୦), ମନୋଜ ମୁଣ୍ଡାରୀ(୩୦) ଓ ଦୁଧିଚୁଆ ଗ୍ରାମର ବିରସିଂ ମୁଣ୍ଡା (୩୦) ବୋଲି ଜଣା ପଡ଼ିଛି । ପୁଲିସ ସନ୍ଧ୍ୟାବେଳେ ଘଟଣାସ୍ଥଳରେ ପହଞ୍ଚି ରାତିରେ ଶବଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି । ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି ।

## ସହିଦ ହୋଇଥିବା ...

ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ତାଙ୍କର ଅସାଧାରଣ ସାହସିକତା ପାଇଁ ''ବୀର ଚକ୍ର'' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ''ବାୟୁ ସେନା ପଦକ''ରେ ସମ୍ମାନିତ କରାଯାଇଛି, ଯାହା ଏହି ଆତଙ୍କବାଦ ବିରୋଧୀ ଅପରେସନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରମାଣିତ କରୁଛି। ଇଣ୍ଡିଆ ଗେଟ୍ ନିକଟରେ ୨୦୧୯ ମସିହାରେ ଉଦ୍‌ଘାଟିତ ହୋଇଥିବା ଜାତୀୟ ଯୁଦ୍ଧ ସ୍ମାରକୀରେ ସ୍ୱାଧୀନତା ପରଠାରୁ ଦେଶର ବିଭିନ୍ନ ସାମରିକ ଅପରେସନ ଏବଂ ଯୁଦ୍ଧରେ ସହିଦ ହୋଇଥିବା ଯବାନମାନଙ୍କୁ ସ୍ମରଣ କରାଯାଇଥାଏ। ଏହି ୬ ଜଣ ବୀର ଯବାନଙ୍କ ନାମ ସ୍ଥାନ ପାଇବା ପରେ 'ଅପରେସନ୍ ସିନ୍ଦୂର'କୁ ଏବେ ସରକାରୀ ଭାବେ ଏକ ପ୍ରମୁଖ ସାମରିକ ବିଜୟ ଗାଥା ରୂପେ ସ୍ମାରକୀରେ ସାମିଲ କରାଯାଇଛି।

## ବଲାଙ୍ଗୀର, କଳାହାଣ୍ଡି ସହ ...

ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ, ଯାହା ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳାଇବ।

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ (ଆଇପିଆର -୨୦୨୨) ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ବା ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ, ଯାହା ଦ୍ୱାରା ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ଭବ ହୋଇପାରିବ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀ ମାନଙ୍କୁ କହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର ଉପରେ ନିର୍ଭର କରୁଥିଲା। ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି। ପ୍ରଚୁର ଖଣିଜ ସଂସାଧନ, ବ୍ୟାପକ କୃଷି ସମ୍ଭାବନା, ଦୀର୍ଘ ତଟରେଖା ଏବଂ ଏକ ଯୁବ ତଥା ଆଶାବାଦୀ କାର୍ଯ୍ୟବଳ ଯୋଗୁଁ ଏହି ଅଞ୍ଚଳ ଦ୍ରୁତ ଗତିରେ ଆଗକୁ ବଢୁଛି। ଆମର ଲକ୍ଷ୍ୟ ହେଉଛି 'ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ 'ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ିତୋଳିବା। ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ।

ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ 'ଡିରେଗୁଲେସନ୍ ୧.୦' ଏବଂ '୨.୦' ମାଧ୍ୟମରେ ବଡ଼ ଧରଣର ସୁଧାର ଅଣାଯାଇଛି। ଏହାଦ୍ୱାରା ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ କମି ୧୬୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଜୁନ୍ ୨୦୨୪ ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ।

ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୨ଟି ପ୍ରୋଜେକ୍ଟର ଗ୍ରାଉଣ୍ଡିଂ ସରି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପର୍ଯ୍ୟାୟରେ ପହଞ୍ଚିଛି, ଯାହା ପ୍ରମାଣିତ କରୁଛି ଯେ ଓଡ଼ିଶା କେବଳ ନିବେଶ ଆକର୍ଷିତ କରୁନାହିଁ ବରଂ ସଫଳତାର ସହ ଏହାର ରୂପାୟନ ମଧ୍ୟ କରୁଛି।

ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ (ପାରାଦୀପ ହବ୍) ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଫୋକସ୍ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ ଅଭିଭାଷଣରେ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ।

ଏହି ସମ୍ମିଳନୀରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଇପିକଲର ପରିଚାଳନା ନିର୍ଦ୍ଦେଶିକ ଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ୍ ଅଧ୍ୟକ୍ଷ ଅନୀଲ କୁମାର ସିଂହଙ୍କ ସମେତ ବହୁ ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ।

## ଲାଲ୍‌ଜୀ ଦେଶାଇ ...

ବେଳେ ଉତ୍ତର ପ୍ରଦେଶରେ ରାଜେନ୍ଦ୍ର ପାଲ ଗୌତମଙ୍କୁ ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ।

## ପଛକୁ ପଛ ...

ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡା ଏବଂ ଗଜପତି ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।

## ବିଶ୍ୱରେ ୬୫.୫...

ତୁରନ୍ତ ଏବଂ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ବିଶ୍ୱ ଏସଡିଜି ୭ ହାସଲ କରିବାରେ ବିଫଳ ହେବ-ଯାହା ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ସୁଲଭ, ବିଶ୍ୱସନୀୟ, ସ୍ଥାୟୀ ଏବଂ ଆଧୁନିକ ଶକ୍ତିର ଉପଲବ୍ଧତା ସୁନିଶ୍ଚିତ କରିବ। ବର୍ତ୍ତମାନର ବୈଶ୍ୱିକ ଶକ୍ତି ସଙ୍କଟ ଏବେ ମଧ୍ୟ ଜାରି ରହିଛି। ଦରିଦ୍ରତମ ଦେଶଗୁଡ଼ିକରେ, ଏସ. ଡି. ଜି. ୭ ଲକ୍ଷ୍ୟ ହାସଲ କରିବା ପାଇଁ ପାଣ୍ଠିର ସ୍ତର ପର୍ଯ୍ୟାପ୍ତ ନୁହେଁ କିମ୍ବା କ୍ରମାଗତ ଭାବେ ହ୍ରାସ ପାଉଛି। ସ୍ୱଚ୍ଛ ଶକ୍ତି ପାଇଁ ଅନ୍ତର୍ଜାତୀୟ ଆର୍ଥିକ ସହାୟତା ସ୍ୱଳ୍ପ ବିକଶିତ ଦେଶଗୁଡ଼ିକରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ୨୦୨୪ରେ ଏହା ୩ ବିଲିୟନ ଡଲାର ଥିଲା, ଯାହା ୨୦୨୩ ତୁଳନାରେ ୧୧ ପ୍ରତିଶତ କମ୍ ଥିଲା।



ଭୁବନେଶ୍ୱର : ପବିତ୍ର ମହରମ୍ ପର୍ବ ଅବସରରେ ଶିରିପୁରରେ ମୁସଲମାନ ଭାଇମାନଙ୍କ ପକ୍ଷରୁ ବାହାରିଥିବା ତାଜିଆ ଶୋଭାଯାତ୍ରା। (ଫଟୋ : ସମ୍ବାଦକଳିକା)

# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ

# ଖୁବଶୀଘ୍ର ପ୍ରଣୟନ ହେବ ନୂତନ 'ଚଳଚ୍ଚିତ୍ର ନୀତି' : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ। ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରିବାକୁ ଯାଉଛନ୍ତି, ବୋଲି ଶୁକ୍ରବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍‌ଶୀଘ୍ର ଏକ ଶୁଭ ଖବର ମିଳିବ।

ମୁଖ୍ୟମନ୍ତ୍ରୀ ଉଭୟ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡ଼ିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି। ପ୍ରଯୋଜକମାନେ ଆଧୁନିକତା ସହ ଓଡ଼ିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ। ସେହିପରି ଦର୍ଶକମାନଙ୍କୁ ସିନେମା ହଲ୍‌କୁ ଯାଇ ଓଡ଼ିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚୟହୀନ ଟେକନିସିଆନ, ଲେଖକ ଓ ଗରିବ ଶ୍ରମିକଙ୍କ ଜୀବିକା ଜଡ଼ିତ ଥାଏ।

ସୂଚନାଯୋଗ୍ୟଯେ ଚଳିତ ବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ, ୨୦୨୩ ବର୍ଷ ପାଇଁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ' ବରିଷ୍ଠ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ଏବଂ ୨୦୨୪ ବର୍ଷ ପାଇଁ ଏହି ସମ୍ମାନ ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସଙ୍କୁ ପ୍ରଦାନ କରାଯିବା ସହ ଉଭୟଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ୨୦୨୩ ଓ ୨୦୨୪ ବର୍ଷ ପାଇଁ ମୋଟ୍ ୬୨ଟି ବିଭାଗରେ ବିଭିନ୍ନ ଚଳଚ୍ଚିତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ବାବୁ ସିଂ, ଆକାଶ ଦାସନାୟକ, ସିଦ୍ଧାନ୍ତ ମହାପାତ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବହୁ ବରିଷ୍ଠ କଳାକାର, ସିନେ ଟେକ୍ନିସିଆନ, କଳାପ୍ରେମୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ୩୩ କେଜି ଗଞ୍ଜାଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କଲା ଅବକାରୀ ବିଭାଗ



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ଦ୍ୱାରା ୩୩ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହୋଉଛନ୍ତି ପଶ୍ଚିମବଙ୍ଗ ଆଜିମଗଞ୍ଜର ପ୍ରଦୀପ ମଣ୍ଡଳ (୪୫), ପଶ୍ଚିମବଙ୍ଗ ସୋନାଖାଲିର ତନ୍ମୟ ଗାୟଣ (୨୦)। ସୂଚନାଥାଉକି, ଆଜି ସକାଳୁ ବାଲିକୁଦା ଛକ ଓ ଜଗତପୁର ରାସ୍ତାରେ ଏହି ପଶ୍ଚିମବଙ୍ଗ ଅଭିଯୁକ୍ତ ଦୁଇ ଜଣ ଗଞ୍ଜେଇ ନେଇ ଯାଉଥିବା ସମୟରେ ଖବର ପାଇ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ତରଫରୁ ଚଢ଼ାଉ କରାଯାଇଥିଲା । ପରେ ଏମାନଙ୍କ ନିକଟରୁ ୩୩ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ଚଢ଼ାଉରେ ଅବକାରୀ ବିଭାଗର ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ର, ଏସଆଇ ସୌମ୍ୟ ରଞ୍ଜନ ମାଝୀ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ ମାନସ ରଞ୍ଜନ ବେହେରା ଓ ସତ୍ୟବ୍ରତ ସାହୁ ସାମିଲ ଥିଲେ।

# ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତିରେ ଆଉ ଜଣଙ୍କୁ ଗିରଫ କଲା ଭିଜିଲାନ୍ସ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ମାମଲାରେ ଆଉ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରୁ ଜଣେ ଠିକାଦାରଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି। ସୂଚନା ଅନୁସାରେ, ଗିରଫ ହୋଇଥିବା ବ୍ୟକ୍ତି ହେଲେ ମାୟା ଟ୍ରେଡର୍ସର ପ୍ରୋପ୍ରାଇଟର ବିଭୂତି ଭୂଷଣ ବିଶ୍ୱାଳ। ତାଙ୍କୁ ଏହି ଦୁର୍ନୀତି ମାମଲାରେ ଗୁରୁତର ଭାବେ ସଂପୃକ୍ତ ଥିବା ଅଭିଯୋଗରେ ଗିରଫ କରାଯାଇଛି। ଭିଜିଲାନ୍ସ ଅଧିକାରୀ ମାନେ ତଦନ୍ତ ପରେ ତାଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛନ୍ତି। ଏହି ଘଟଣା ପରେ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଆହୁରି ତଦନ୍ତ ଜୋରଦାର କରାଯାଉଛି ଏବଂ ଅନ୍ୟାନ୍ୟ ସଂପୃକ୍ତଙ୍କୁ ମଧ୍ୟ ଖୋଜାଯାଉଛି।


**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ**

**ଇ-ଟେଣ୍ଡର ନୋଟିସ୍ ନଂ. ତାରିଖ : ଏନ୍‌ଆଇଟି/୧୧/୨୬/୧୮, ତାରିଖ: ୨୩/୦୬/୨୦୨୬**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ, ବରିଷ୍ଠ ବିଭାଗୀୟ ସାମଗ୍ରୀ ପରିଚାଳକ/ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ, ବିଳାସପୁର ଡିଭିଜନ, ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:

| କ୍ର. ନଂ | ବିଡ୍ ନମ୍ବର | ଧାର୍ଯ୍ୟ ତାରିଖ | ଧାର୍ଯ୍ୟ ସମୟ | ଟେଣ୍ଡର ମୂଲ୍ୟ (ଟଙ୍କା) | EMD (ଟଙ୍କା) |
|---|---|---|---|---|---|
| 1 | GEM/2026/B/7698668 | 08/07/2026 | 12 : 30 | 00 | 150700.00 |

**ବର୍ଣ୍ଣନା:** ପୋର୍ଟେବଲ୍ ଜେନେରେଟରର ଯୋଗାଣ **ରେଟେଡ୍ ଆଉଟପୁଟ୍ :** 2.8KVA/3KVA/3.5KVA ରେଟିଂ, ଡିଜେଲ ଚାଳିତ, ଇଲେକ୍ଟ୍ରିକ୍ ସେଲ୍ଫ ଷ୍ଟାର୍ଟ; ଡିଜେଲ ଷ୍ଟାର୍ଟ, ଡିଜେଲ ରନ୍ ଆଉଟପୁଟ୍: 230V/220V AC (ଏକକ ପର୍ଯ୍ୟାୟ), ସର୍ବନିମ୍ନ। ୱାରେଣ୍ଟି: IRS ସର୍ତ୍ତ ଅନୁଯାୟୀ, ତିଆରି କରନ୍ତୁ: ସମସ୍ତ OEMର BIS-ଅନୁମୋଦିତ ମାନଦଣ୍ଡ ପାଳନ କରୁଛି। ଅନୁବନ୍ଧ A ଅନୁଯାୟୀ ବିସ୍ତୃତ ନିର୍ଦ୍ଦିଷ୍ଟକରଣ। ଟେଣ୍ଡର, ଦୟାକରି https://www.ireps.gov.inରେ IREPS ୱେବସାଇଟ୍ ପରିଦର୍ଶନ କରନ୍ତୁ। **ଟିପ୍ପଣୀ :** ବର୍ଣ୍ଣନା ସମ୍ବନ୍ଧୀୟ ବିବାଦୀୟ ସ୍ଥିତିରେ, ଇଂରାଜୀ ପାଠ୍ୟ ସଂସ୍କରଣକୁ ପ୍ରମାଣିତ ବୋଲି ବିବେଚନା କରାଯିବ।

**CPR/10/240**

*ସିନିୟର ଡିଭିଜନାଲ ସାମଗ୍ରୀ ପରିଚାଳକ*
*ଏସ୍.ଇ.ସି ରେଳବାଇ/ବିଳାସପୁର*



**OFFICE OF THE MUNICIPAL COUNCIL, JATNI** 13001/1002/2627
PHONE-0674-2490826, MAIL-MUNICIPALITYJATNI@GMAIL.COM
NO.3612. /DATE. 24.06.2026
**"E" PROCUREMENT NOTICE**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Tender Reference No : EO/JMC/091/2026-27
2. Tender I.D No. : 2026 ORULB 131888_pack1
3. Name of the Work : Civil Construction works as mentioned in website
4. No. of works : 1 no
5. Estimated Cost : Rs. 61,44,555,00
6. Period of Completion : 120 days
7. Date and Time of Bidding : From 25.06.2026, 11:00 AM to 10.07.2026, 05:30 P.M
8. Last date and time for receipt of bids in the portal : Dt.10.07.2026 up to 05:30 P.M
9. Bids received online shall be opened on : Dt.13.07.2026 at 11.00 A.M
10. Name and address of the Officer inviting Bid : Executive Officer, Jatni Municipality

Further details can be seen from the procurement portal i.e. www.tendersorissa.gov.in

OIPR-13001/13041/1/26-27/0011

Sd/- Executive Officer
Jatni Municipality

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୭ ଜୁନ୍, ଶନିବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ପହଞ୍ଚିଲା ୩୮୦ କିଲୋଗ୍ରାମର ବାସୁଙ୍ଗା ପାଟ



ପୁରୀ, ୨୬।୬
ନ୍ୟୁଜ୍‌ବ୍ୟୁରୋ

ପୁରୀରେ ପହଞ୍ଚିଲା ବାସୁଙ୍ଗା ପାଟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁପ୍ତନୀତିରେ ଲାଗେ ଏହି ପାଟ। ଭୁବନେଶ୍ୱର ଶହୀଦ ନଗରସ୍ଥିତ ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ କାର୍ଯ୍ୟାଳୟ ପରିସରରୁ ୩୮୦ କିଲୋଗ୍ରାମର ବାସୁଙ୍ଗା ପାଟ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ପଠାଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପୂଜାର୍ଚ୍ଚନା କରି ବାସୁଙ୍ଗା ପାଟ ଶ୍ରୀମନ୍ଦିର ପ୍ରଶାସନକୁ ପଠାଯାଇଛି।

ସୂଚନାଯୋଗ୍ୟ, ବାସୁଙ୍ଗା ପାଟ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ପବିତ୍ର ରେଶମ ଡୋର ଯାହା ଚତୁର୍ଦ୍ଧାମୁରତୀଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ। ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ଏହାର ବ୍ୟବହାର ହୋଇଥାଏ। ୧୯୮୧ ମସିହାରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ସେରିଫେଡ୍ ବାସୁଙ୍ଗା ପାଟ ଯୋଗାଇ ଆସୁଛି। ଚଳିତବର୍ଷ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଉଛି।

# ଶ୍ରୀବିଗ୍ରହଙ୍କ ସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତ ହେଉଛି ବିଜେ ତୂଳୀ, ଶ୍ରୀପୟର ତୂଳୀ

ପୁରୀ, ୨୬।୬ : ନ୍ୟୁଜ୍‌ବ୍ୟୁରୋ

ଦେବସ୍ନାନ ପୂର୍ଣ୍ଣିମାକୁ ମଝିରେ ରହିଲା ମାତ୍ର ୨ ଦିନ। ସୋମବାର ଶ୍ରୀବିଗ୍ରହ ପହଣ୍ଡି ହୋଇ ସ୍ନାନବେଦିରେ ବିଜେ ହେବେ। ସ୍ୱତନ୍ତ୍ର ବସ୍ତ୍ର ଲାଗି ହୋଇ ଠାକୁରଙ୍କ ପହଣ୍ଡି ହେବ। ଏଣୁ ପାରମ୍ପରିକ ଦର୍ଜୀ ସେବକ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଠାକୁରଙ୍କ ପାଇଁ ଶ୍ରୀପୟର ତୂଳୀ, ବିଜେ ତୂଳୀ, ନଳୀଭୂଜ ଓ ନାରା ଆଦି ବିଶେଷ ପୋଷାକ ପ୍ରସ୍ତୁତ ହେଉଛି। ଦର୍ଜୀ ସେବକ ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚାଲିଛି ଏହି କାମ। ଦେଉଳକରଣଙ୍କ ପରାମର୍ଶ ଅନୁସାରେ ଦର୍ଜୀ ସେବକମାନେ ଠାକୁରଙ୍କ ଆବଶ୍ୟକ ପୋଷାକ ତିଆରୁଛନ୍ତି।



ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କ ପାଇଁ ବିଜେତୂଳୀ ପ୍ରସ୍ତୁତ ହେଉଛି। ଚକା ଛାଡ଼ି ପହଣ୍ଡି ହୋଇ ଯିବା ସମୟରେ ଠାକୁରେ ବିଜେତୂଳୀ ଉପରେ ବିରାଜମାନ ହେବେ। ଶ୍ରୀପୟର ତୂଳୀ ଠାକୁରଙ୍କ ଶ୍ରୀଅଙ୍ଗକୁ ଆଘାତ ନହେବା ପାଇଁ ଲାଗି କରାଯାଏ। ବଡ଼ଠାକୁର ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇ ଦୁଇଟି ଶ୍ରୀପୟର ତୂଳୀ ପ୍ରସ୍ତୁତ ହେଉଛି। ଗୋଲାକୃତି ଏହି ବସ୍ତ୍ର। ଶ୍ରୀହସ୍ତମାନଙ୍କ ପାଇଁ ନଳୀଭୁଜ ତିଆରି ହେଉଛି। ଦାରୁ ଦେବତାଙ୍କ ପାଇଁ ଗଡ଼ାକନାର ବସ୍ତ୍ର କରାଯାଇ କମରପଟି ଦେଇ ନାରା ସାହାଯ୍ୟରେ ରୁନ୍ଧାଯିବ।

ଏଥିସହ ୧୬ ହାତିଆ, ୧୨ ହାତିଆ ଧଳା ଗଡ଼ାକନା ଓ ପତନୀକନାରେ ପ୍ରସ୍ତୁତ ହେଉଛ ଏସବୁ ସ୍ୱତନ୍ତ୍ର ପୋଷାକ। ଧଳା କନାରେ ନାଲି ଧଡ଼ି ଥାଇ ସୂତାକୁଚା ବ୍ୟବହାର କରାଯାଉଛି। ଧଳା କନାରେ ଅଳତା ବୁଡ଼ାଇ ଶୁଖା ଗଲାପରେ କୁସୁମୀ ବସ୍ତ୍ର ପ୍ରସ୍ତୁତ ହୁଏ। ପାରମ୍ପରିକ ଶୈଳୀରେ ୩ ଠାକୁରଙ୍କ ପାଇଁ ବସ୍ତ୍ର ତିଆରି ହେଉଛି। ଏହାକୁ ଅତି ଶୁଦ୍ଧପୂତ ଭାବେ ତିଆରି କରାଯାଉଛି। ଶୁକ୍ରବାର ସ୍ନାନ ମଣ୍ଡପ ପାଇଁ ଚାନ୍ଦୁଆ ମରାମତି କରାଯାଇଛି। ସ୍ନାନମଣ୍ଡପରେ ୧୪ଟି ଚାନ୍ଦୁଆ ଲାଗୁଥିବା ଶ୍ରୀ ମହାପାତ୍ର କହିଛନ୍ତି।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା : ଜଷ୍ଟିସ ନାଇଡୁ କମିଶନ ରିପୋର୍ଟ ନିଖୋଜ ନେଇ ହାଇକୋର୍ଟରେ ଆବେଦନ ଦାଖଲ

କଟକ, ୨୬।୬
ନ୍ୟୁଜ୍‌ବ୍ୟୁରୋ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା ସମ୍ପର୍କରେ ଏକ ନୂତନ ଆଇନଗତ ବିକାଶ ଘଟିଛି, ଯେଉଁଥିରେ ଓଡ଼ିଶା ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ଆବେଦନ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଏକ ମଧ୍ୟବର୍ତ୍ତୀକାଳୀନ ଆବେଦନ ଦାଖଲ କରାଯାଇଛି, ଯାହା ଜଷ୍ଟିସ ନାଇଡୁ



କମିଶନଙ୍କ ତଦନ୍ତ ରିପୋର୍ଟ ନିଖୋଜ ହେବା ଉପରେ ଚିନ୍ତା ପ୍ରକାଶ କରିଛି। ଏହି ପ୍ରସଙ୍ଗକୁ ହିନ୍ଦୁ ଦ୍ରଷ୍ଟବ୍ୟ ହତ୍ୟାର ସିବିଆଇ ତଦନ୍ତ ପାଇଁ ଚାଲିଥିବା ଦାବି ସହିତ ଯୋଡ଼ାଯାଇଛି। ଆଇନଜୀବୀ ଦେବାଶିଷ ହୋତା ହାଇକୋର୍ଟରେ ମାମଲା ଦାୟର କରିଛନ୍ତି, ନିଖୋଜ କମିଶନ ରିପୋର୍ଟ ସମ୍ପର୍କରେ ନ୍ୟାୟିକ ହସ୍ତକ୍ଷେପ ଏବଂ ସିବିଆଇ ଦ୍ୱାରା ନୂତନ ତଦନ୍ତ ଦାବି କରିଛନ୍ତି। ଆବେଦନରେ ଯୁକ୍ତି ଦର୍ଶାଯାଇଛି ଯେ ଜଷ୍ଟିସ୍ ନାଇଡୁ କମିଶନ ରିପୋର୍ଟର ଅନୁପସ୍ଥିତି ଏକ ଗୁରୁତର ଚିନ୍ତାର ବିଷୟ ଏବଂ କୋର୍ଟ ଦ୍ୱାରା ଏହାର ଯାଞ୍ଚ କରାଯିବା ଉଚିତ। ଶୁଣାଣି ସମୟରେ ହାଇକୋର୍ଟ ମଧ୍ୟବର୍ତ୍ତୀକାଳୀନ ଆବେଦନରେ ଦିଆଯାଇଥିବା ଉପସ୍ଥାପନା ଉପରେ ବିଚାର କରିବେ ବୋଲି ଆଶା କରାଯାଉଛି। ଏହି ଘଟଣା ପୁଣିଥରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ତଦନ୍ତ ଏବଂ ସିବିଆଇ ନେତୃତ୍ୱରେ ତଦନ୍ତ ଦାବିକୁ ନେଇ ଦୀର୍ଘ ଦିନ ଧରି ଚାଲିଥିବା ବିତର୍କ ପ୍ରତି ଦୃଷ୍ଟି ଆକର୍ଷଣ କରିଛି।

# ପାରାଦ୍ୱୀପ ପୌରାଞ୍ଚଳର ପ୍ରଗତିମୂଳକ ପ୍ରକଳ୍ପର ସମୀକ୍ଷା କଲେ ଉଷା ପାଢ଼ୀ

ପାରାଦ୍ୱୀପ/ଭୁବନେଶ୍ୱର, ୨୬।୬
ନ୍ୟୁଜ୍‌ବ୍ୟୁରୋ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଶୁକ୍ରବାର ପାରାଦ୍ୱୀପ ପୌରପାଳିକା ଗସ୍ତ କରି ସହରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଭିତ୍ତିଭୂମି ବିକାଶ ଓ ଜନକଲ୍ୟାଣମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ। ସହରର ବିକାଶ ଗତିକୁ ଆହୁରି ତ୍ୱରାନ୍ୱିତ କରିବା ସହ ନାଗରିକ ସେବାର ମାନ ବୃଦ୍ଧି କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା।

ଗସ୍ତ ଅବସରରେ ଶ୍ରୀମତୀ ପାଢ଼ୀ ସହରର ବର୍ଜ୍ୟବସ୍ତୁ ବ୍ୟବସ୍ଥାପନ କେନ୍ଦ୍ର ପରିଦର୍ଶନ କରି କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା, ଆବର୍ଜନା ପ୍ରକ୍ରିୟାକରଣ ଏବଂ ପରିବେଶ ଅନୁକୂଳ ପରିଚାଳନା ପଦ୍ଧତିର ସମୀକ୍ଷା କରିଥିଲେ। ସହରକୁ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପରିବେଶ ସମ୍ପନ୍ନ କରିବା ଲକ୍ଷ୍ୟରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ସର୍ବାଧିକ ଉପଯୋଗ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେ ପାରାଦ୍ୱୀପରେ ପ୍ରସ୍ତାବିତ କନଭେନସନ ସେଣ୍ଟରର ସ୍ଥଳ ପରିଦର୍ଶନ କରି ପ୍ରକଳ୍ପର ରୂପରେଖ, ଭିତ୍ତିଭୂମି ସୁବିଧା ଏବଂ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ। ପ୍ରକଳ୍ପଟିକୁ ଗୁଣାତ୍ମକ ମାନ ବଜାୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଗସ୍ତର ଏକ ବିଶେଷ ଦିଗ ଥିଲା ଶ୍ରୀମତୀ ପାଢ଼ୀଙ୍କ ଆହାର କେନ୍ଦ୍ର ପରିଦର୍ଶନ। ସେ କେନ୍ଦ୍ରରେ ସାଧାରଣ ଲୋକଙ୍କ ସହ ମଧ୍ୟାହ୍ନ ଭୋଜନ କରି ଖାଦ୍ୟର ଗୁଣବତା, ପରିବେଷଣ ବ୍ୟବସ୍ଥା, ପରିମଳ ଓ ସ୍ୱଚ୍ଛତାକୁ ନିଜେ ଅନୁଧ୍ୟାନ କରିଥିଲେ। ଆହାର ଯୋଜନା ମାଧ୍ୟମରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଖାଦ୍ୟ ଯୋଗାଇ ଦିଆଯାଉଥିବାରୁ ସେ ସନ୍ତୋଷ ପ୍ରକାଶ କରିବା ସହ ଏହାର ମାନ ସର୍ବଦା ବଜାୟ ରଖିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାରାଦ୍ୱୀପ ପୌରାଞ୍ଚଳରେ ଚାଲିଥିବା ସମସ୍ତ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିବା ସହ ନାଗରିକଙ୍କୁ ଦକ୍ଷ, ସ୍ୱଚ୍ଛ ଓ ସମୟୋପଯୋଗୀ ସେବା ପ୍ରଦାନକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପ୍ରକଳ୍ପକୁ ଗୁଣାତ୍ମକ ମାନ ବଜାୟ ରଖି ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ପାରାଦ୍ୱୀପ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସମେତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଏବଂ ପୌରପାଳିକାର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ପରଲୋକ

ଭୁବନେଶ୍ୱର, ୨୬।୬
ନ୍ୟୁଜ୍‌ବ୍ୟୁରୋ

ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କର ୮୩ ବର୍ଷ ବୟସରେ ଶୁକ୍ରବାର ଅପରାହ୍ଣରେ ପରଲୋକ ଘଟିଛି। ଶାରୀରିକ ଅସୁସ୍ଥତା ଲାଗି ଗୁରୁବାରଠାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି।

ଶ୍ରୀ ଦାଶ ଦୀର୍ଘ ୩୭ ବର୍ଷ କାଳ ସାମ୍ବାଦିକତାରେ ରହିଥିଲେ। ସେ ପ୍ରେସ୍ ଟ୍ରଷ୍ଟ ଅଫ ଇଣ୍ଡିଆ (ପିଟିଆଇ)ର ସମ୍ବାଦଦାତା ଭାବରେ ଦିଲ୍ଲୀ, ମୁମ୍ବାଇ ଓ କୋଲକାତାରେ ଦୀର୍ଘବର୍ଷ କାର୍ଯ୍ୟ କରି ପରେ କଟକ ଓ ଭୁବନେଶ୍ୱରରେ ପିଟିଆଇର ପ୍ରମୁଖ ସମ୍ବାଦଦାତା ତଥା ମ୍ୟାନେଜର ଭାବରେ କାର୍ଯ୍ୟ କରି ଅବସର ନେଇଥିଲେ।

ସାମାଜିକ ଓ ରାଜନୈତିକ ସାମ୍ବାଦିକତାରେ ସେ ବେଶ୍ ସକ୍ରିୟ ଥିଲେ। ଜଣେ ସୁନାମଧନ୍ୟ ଓ ଦକ୍ଷ ସାମ୍ବାଦିକ ଭାବରେ ସେ ପରିଚିତ ଥିଲେ। ଓଡ଼ିଶାର ରାଜନୈତିକ ଜଗତ ସହ ଅତି ନିବିଡ଼ ଭାବରେ ସଂଶ୍ଳିଷ୍ଟ ରହି ଖବର ସଂଗ୍ରହରେ ସେ ସବୁବେଳେ ଆଗୁଆ ରହୁଥିଲେ ଏବଂ ଜାତୀୟ ସ୍ତରରେ ମଧ୍ୟ ପିଟିଆଇର ଜଣେ ଶ୍ରେଷ୍ଠ ସାମ୍ବାଦିକ ଭାବରେ ସୁନାମ ଅର୍ଜନ କରିଥିଲେ।

ସ୍ୱର୍ଗତଃ ଶରତ ଦାଶ କଟକ ଜିଲ୍ଲା ଟାଙ୍ଗୀ ଅନ୍ତର୍ଗତ ନିମେଇସାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। କନିଷ୍ଠ ପୁତ୍ର ଅଜିତ କୁମାର ଦାଶ ଜଣେ ବରିଷ୍ଠ ସାମ୍ବାଦିକ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଦୈନିକ 'ସଂଚାର'ର ମୁଖ୍ୟ ସମ୍ପାଦକ ଅଛନ୍ତି।

ଶୁକ୍ରବାର ତାଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ ଉଭୟ ରାଜନୈତିକ ଓ ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବହୁ ରାଜନେତା, ସାମ୍ବାଦିକ ଏବଂ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ତାଙ୍କ ବାସଭବନରେ ତାଙ୍କୁ ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ଅଶୋକ କୁମାର ଦାଶ, ଅଜିତ କୁମାର ଦାଶ, କନ୍ୟା ଡାକ୍ତର ରୀତା ଦାଶ ଓ ରେଖା ଦାଶ, ଜ୍ୱାଇଁ ଡାକ୍ତର ନୟନ ରଞ୍ଜନ ନନ୍ଦ ଓ ଜିବିତେଶ ମିଶ୍ର ଏବଂ



ପରିବାର ସ୍ୱଜନ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ବିଶିଷ୍ଟ ସାମ୍ବାଦିକ ଶରତ ଚନ୍ଦ୍ର ଦାଶଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ବିଶିଷ୍ଟ ସାମ୍ବାଦିକ ତଥା ପିଟିଆଇର ଓଡ଼ିଶା ବ୍ୟୁରୋର ପୂର୍ବତନ ମୁଖ୍ୟ ଶରତ ଚନ୍ଦ୍ର ଦାଶଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ସ୍ୱର୍ଗତ ଶରତ ଚନ୍ଦ୍ର ଦାଶ ନିଜର ଦୀର୍ଘ ସାମ୍ବାଦିକତା ଜୀବନରେ ଉଚ୍ଚ ମୂଲ୍ୟବୋଧ, ନିରପେକ୍ଷ ଉପସ୍ଥାପନା ଏବଂ ବୃତିଗତ ସାଧୁତା ପାଇଁ ସର୍ବଦା ଆଦୃତ ଥିଲେ। ରାଜ୍ୟର ରାଜନୀତି, ପ୍ରଶାସନ ଓ ଜନକଲ୍ୟାଣକାରୀ ବିଷୟ ଉପରେ ତାଙ୍କର ଗଭୀର ଜ୍ଞାନ ଓ ସୂକ୍ଷ୍ମ ବିଶ୍ଳେଷଣ ସାମ୍ବାଦିକତା ଜଗତରେ ଏକ ମାନଦଣ୍ଡ ସୃଷ୍ଟି କରିଥିଲା। ତାଙ୍କର ବିୟୋଗ ଓଡ଼ିଶାର ଗଣମାଧ୍ୟମ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

## ବିରୋଧୀଦଳ ନେତାଙ୍କ ଶୋକ

ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ନବୀନ କହିଛନ୍ତି ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘ ବର୍ଷର ସାମ୍ବାଦିକତା ଜୀବନରେ ସେ ଅନେକ ସୁନାମ ଅର୍ଜନ କରିଛନ୍ତି। ଓଡ଼ିଶାର ଗଣମାଧ୍ୟମ ଜଗତରେ ସେ ଜଣେ ଜଣାଶୁଣା ଓ ସମ୍ମାନୀୟ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

## 'ସମ୍ବାଦକଳିକା' ସମ୍ପାଦକଙ୍କ ଶୋକ

ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ବିୟୋଗରେ 'ସମ୍ବାଦକଳିକା' ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଶ୍ରୀ ରାୟ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ସ୍ୱର୍ଗତ ଦାଶଙ୍କ ସହ ତାଙ୍କର ଦୀର୍ଘଦିନର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିଲା। ଓଡ଼ିଶାରେ ପିଟିଆଇ ସମ୍ବାଦ ସର୍ବରାହ ସଂସ୍ଥାର ମୁଖ୍ୟ ଭାବେ ଦୀର୍ଘ ଦିନ ଧରି ନିଷ୍ଠାର ସହ କାର୍ଯ୍ୟ କରି ସେ ସୁନାମ ହାସଲ କରିଥିଲେ। ସମସାମୟିକ ଏବଂ ଯୁବ ସାମ୍ବାଦିକ ମାନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା। ଉଚ୍ଚକୋଟୀର ସାମ୍ବାଦିକତା ପାଇଁ ସ୍ୱର୍ଗତ ଦାଶ ବିଭିନ୍ନ ମହଲରେ ପ୍ରଶଂସାର ପାତ୍ର ହୋଇଥିଲେ। ତାଙ୍କର ବିୟୋଗରେ ଶ୍ରୀ ରାୟ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଲାଞ୍ଚ ନେଉଥିବା ବେଳେ ପଶୁଧନ ନିରୀକ୍ଷକ ଗିରଫ

ରାଇଘର, ୨୬।୬
ନ୍ୟୁଜ୍‌ବ୍ୟୁରୋ

୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ରାଇଘର ପଶୁଧନ ନିରୀକ୍ଷକ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ସବ୍‌ସିଡି ଟଙ୍କା ମୁକ୍ତ କରିବା ପାଇଁ ୮୦,୦୦୦ ଟଙ୍କା ଲାଞ୍ଚ ଦାବି କରି ଗ୍ରହଣ କରୁଥିବା ବେଳେ ନବରଙ୍ଗପୁର ଜିଲ୍ଲାର ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ରାଇଘରର ପଶୁଧନ ନିରୀକ୍ଷକ ପ୍ରଫୁଲ୍ଲ ହାଲଦାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏହି ଯୋଜନାରେ ଦୁଗ୍ଧ ଚାଷୀମାନଙ୍କୁ ୧ରୁ ୫ଟି ଗାଇ ସହ ଦୁଗ୍ଧ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ସହାୟତା



ଦିଆଯାଏ। ଯୋଜନାର ନିୟମାବଳୀ ଅନୁଯାୟୀ ଅଭିଯୋଗକାରୀ ଚାଷୀ ଜଣେ ହିତାଧିକାରୀ ଭାବେ ଚୟନ ହୋଇଥିଲେ। ଅଭିଯୁକ୍ତ ପଶୁଧନ ନିରୀକ୍ଷକ ପ୍ରଫୁଲ୍ଲ ହାଲଦାର ସବ୍‌ସିଡି ଟଙ୍କା ମୁକ୍ତ କରିବା ପାଇଁ ହିତାଧିକାରୀଙ୍କୁ ୮୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏପରିକି ଲାଞ୍ଚ ନ ଦେଲେ ତାଙ୍କ ସମେତ ଗାଁର ଅନ୍ୟ ହିତାଧିକାରୀଙ୍କ ସବ୍‌ସିଡି ମଧ୍ୟ ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ହିତାଧିକାରୀ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଟିମ୍ ପ୍ରଫୁଲ୍ଲ ହାଲଦାରଙ୍କୁ ୮୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଥିଲା। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ୮୦,୦୦୦ ଟଙ୍କା ଜବତ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପ୍ରଫୁଲ୍ଲ ହାଲଦାରଙ୍କ ରାଇଘର ଡିଏନକେ ସ୍ଥିତ ନିଜ ବାସଭବନ, ପାରଓ୍ୱେଲ ସ୍ଥିତ ପୈତୃକ ବାସଭବନ ଓ ସରକାରୀ କାର୍ଯ୍ୟାଳୟ ଏକକାଳୀନ ଚଢ଼ଉ ଜାରି ରହିଛି।

# ରାଜଧାନୀରେ ଅପରାଧୀଙ୍କ ବେଆଇନ ସାମ୍ରାଜ୍ୟ ଆଡ୍ଡାରେ ବୁଲିଲା ବୁଲ୍‌ଡୋଜର

ଭୁବନେଶ୍ୱର, ୨୬।୬
ନ୍ୟୁଜ୍‌ବ୍ୟୁରୋ

ରାଜଧାନୀରେ ଆଉ ଚଳିବନି ଅପରାଧୀଙ୍କ ଗୁଣ୍ଡାଗର୍ଦ୍ଦି କି ବେଆଇନ ସାମ୍ରାଜ୍ୟ। ସରକାରୀ ସମ୍ପତ୍ତି ଲୁଟ୍ କରି ବେଆଇନ କାରବାର ଚଳାଇବା ଅପରାଧୀଙ୍କୁ ମହଙ୍ଗା ପଡ଼ିଛି। ଖାରବେଳନଗର ଥାନା ଅଧୀନ ଶାନ୍ତିନଗର ଅଞ୍ଚଳରେ ଅପରାଧୀଙ୍କ କବାଡ଼ି ଗୋଦାମରେ ପ୍ରଶାସନର ବୁଲଡୋଜର ଚଢ଼ିଛି। ସ୍ମାର୍ଟ ସିଟିର ସରକାରୀ ସମ୍ପତ୍ତି ଲୁଟ୍ କରି ବେଆଇନ କବାଡ଼ି ଦୋକାନ ଚଳାଉଥିବା ଦୁର୍ବୃତ୍ତଙ୍କ ଆଡ୍ଡାସ୍ଥଳୀକୁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦିଆଯାଇଛି। ପୁଲିସ ଓ ବିଏମ୍‌ସି ପକ୍ଷରୁ ସରକାରୀ ଜମିରେ ଥିବା ଉକ୍ତ କବାଡ଼ି ଗୋଦାମକୁ ବୁଲ୍‌ଡୋଜର ଚଢ଼ାଇ ମାଟିରେ ମିଶାଇ ଦିଆଯାଇଛି।


ସମ୍ପାଦକୀୟ
ପୃଷ୍ଠା–୪
ଧନୀ ପଢ଼ିବାର ସଂଖ୍ୟା ୨୭୦୦୦କୁ ବୃଦ୍ଧି
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol -10 • Issue-51 • 24-30th June 2026 • Bhubaneswar

## କାନ୍ଦେରୀ ଗାଁର ଦୁଃଖ: ଗାଁକୁ ନାହିଁ ପକ୍କା ରାସ୍ତା

୪ କିଲୋମିଟର ଖଟିଆରେ ବୁହା ହୋଇ ଘରକୁ ଆସିଲା ମୃତଦେହ

## ଅଗ୍ରସର ହେଲା ମୌସୁମୀ : ତଥାପି ଜୁନରେ ନିଅଣ୍ଟିଆ ବର୍ଷା

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣା : ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି

ଭୁବନେଶ୍ୱର, ୨୬।୬:ନ୍ୟୁଜ୍‌ବ୍ୟୁରୋ

ତାମିଲନାଡୁ ଆମୋନିଆ ଗ୍ୟାସ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଛି। ୨୪ ତାରିଖ ଦିନ ସୁବାସି ଜୁଆଙ୍ଗ (୨୪)ଙ୍କର ମୃତ୍ୟୁ ଘଟିଥିବାବେଳେ ୨୫ ତାରିଖରେ ଆଉ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ତେଲକୋଇ ଥାନା ପାଟଖୁଳି ଗ୍ରାମର ରୀତା ଜୁଆଙ୍ଗ (୧୬) ଏବଂ ତେଲକୋଇ ଥାନ ପିଟାନାଳୀ ଗ୍ରାମର ସୁମିତ୍ରା ଜୁଆଙ୍ଗ (୨୦) ବୋଲି ଜଣାପଡ଼ିଛି। ୨୬ ତାରିଖରେ ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଗୋଳିଆବନ୍ଧ ରାଇଡିହା ଗ୍ରାମର ଦିପାଞ୍ଜଳୀ ଜୁଆଙ୍ଗ(୨୦)ଙ୍କ ମୃତ୍ୟୁ ହୋଇଛି। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି। ସେମାନଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ଓଡ଼ିଶା ପଠାଇବାର ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ଏବଂ ପରିବାର ଲୋକ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ତେବେ ଅନେକ ଅଦ୍ୟାବଧି ସେଠାରେ ଚିକିତ୍ସାଧୀନ ରହିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି।

# ଟ୍ରକ୍ ପଛରେ ପିକଅପ୍‌ର ଧକ୍କା : ଚାଲିଗଲା ୨ ଜୀବନ

ଛତ୍ରପୁର, ୨୬।୬:ନ୍ୟୁଜ୍‌ବ୍ୟୁରୋ

ଜାତୀୟ ରାଜପଥ ପୁଣି ରକ୍ତରଞ୍ଜିତ ହୋଇଛି। ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ଚାଲିଯାଇଛି। ଏହି ଦୁର୍ଘଟଣା ଗଞ୍ଜାମ ଥାନା ଅଧୀନ ଅଗସ୍ତିନୂଆ ଗାଁ ନିକଟ ଜାତୀୟ ରାଜପଥରେ ଘଟିଛି। ସୂଚନା ଅନୁଯାୟୀ, ଏକ ଟ୍ରକ୍ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼ରେ ଠିଆ ହୋଇଥିଲା। ଏହି ସମୟରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ମ୍ୟାକ୍ସ ପିକ୍‌ଅପ୍ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ଟ୍ରକ୍‌ର ପଛପଟକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ପିକଅପ୍‌ର ସମ୍ମୁଖ ଭାଗ ଟ୍ରକ୍‌ର ପଛପଟେ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିଲା। ଫଳରେ ପିକଅପ୍‌ର ଚାଳକ ଓ ତାଙ୍କ ସହ ଥିବା ଅନ୍ୟ ଜଣେ ବ୍ୟକ୍ତି ଗାଡ଼ି ଭିତରେ ଫସି ରହିଯାଇଥିଲେ। ଖବର ପାଇ ଛତ୍ରପୁର ଅଗ୍ନିଶମ ବିଭାଗ ଓ ଗଞ୍ଜାମ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ପିକଅପ୍‌ର ସାମ୍ନା ଭାଗ କାଟି ଦୁହିଁଜଣଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୬/୦୬/୨୦୨୬
୧୦,୫୮,୧୩୫/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୨୨ଗ୍ରାମ୍ ୬୦୦ ମିଲିଗ୍ରାମ

